- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-184 ♦TUESDAY ♦30 DECEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୮୪ ♦ମଙ୍ଗଳବାର ♦୩୦ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





ଜାନୁଆରୀରେ
'ଲଭ୍ ଆଣ୍ଡ ୱାର୍'ର ଫାଷ୍ଟ ଲୁକ୍

▶ପୃଷ୍ଠା ୨ ଦେଖନ୍ତୁ...

# ଆରାବଳୀକୁ ସାମୟିକ ଆଶ୍ୱସ୍ତି

## ଜାନୁଆରୀ ୨୧ ପର୍ଯ୍ୟନ୍ତ ଖଣି ଖନନ ବନ୍ଦ

## ନିଜ ଆଦେଶ ଉପରେ ରୋକ ଲଗାଇଲେ ସୁପ୍ରିମ୍‌କୋର୍ଟ



■ ନୂଆଦିଲ୍ଲୀ, ୨୯।୧୨ (ଏଜେନ୍ସି): ଆରାବଳୀ ପର୍ବତମାଳାର ସୁରକ୍ଷାକୁ ନେଇ ସାରା ଦେଶରେ ଉଦ୍‌ବେଗ ପ୍ରକାଶ ପାଇଛି। ଜନତାଙ୍କଠାରୁ ନେଇ ପରିବେଶକର୍ମୀ ପର୍ଯ୍ୟନ୍ତ ସମସ୍ତେ ସୁପ୍ରିମକୋର୍ଟ ଦେଇଥିବା 'ଶହେ ମିଟର' ରାୟକୁ ବିରୋଧ କରୁଛନ୍ତି। ଏପରି ସମୟରେ ନଭେମ୍ବର ୨୦ରେ ଦେଇଥିବା ନିଜର ପୂର୍ବ ରାୟ ଉପରେ ସୁପ୍ରିମକୋର୍ଟ ଆଜି ରୋକ୍ ଲଗାଇ ଦେଇଛନ୍ତି। ଆସନ୍ତାବର୍ଷ ଜାନୁଆରୀ ୨୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେ ପର୍ଯ୍ୟନ୍ତ ଆରାବଳୀରେ ସମସ୍ତ ଖଣି ଖନନକୁ ବନ୍ଦ କରି ଦେଇଛନ୍ତି। ଏହି ମାମଲାର ତଦନ୍ତ ପାଇଁ ଏକ ବିଶେଷଜ୍ଞ

### ରାଜସ୍ଥାନ ସମେତ ୪ ରାଜ୍ୟକୁ ଜବାବ ତଲବ

କମିଟି ଗଠନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ଏବେକାର ବିଶେଷଜ୍ଞ କମିଟିର ରିପୋର୍ଟକୁ ବିଶ୍ଳେଷଣ କରିବ। ପରେ ଏହି ଘଟଣା ସହିତ ସମ୍ପୃକ୍ତ ପ୍ରସଙ୍ଗ ଉପରେ କୋର୍ଟଙ୍କୁ ପରାମର୍ଶ ଦେବ। ଏହି ମାମଲାରେ ସୁପ୍ରିମକୋର୍ଟ ଆରବଳୀ ପର୍ବତମାଳା ପରିବ୍ୟାପ୍ତ ହୋଇଥିବା ୪ଟି ରାଜ୍ୟ ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ ଓ ରାଜସ୍ଥାନ ସମେତ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହି ପ୍ରସଙ୍ଗରେ ଜବାବ ଦାଖଲ କରିବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜେକେ ମାହେଶ୍ୱରୀ ଓ ବିଚାରପତି ଏଜି ମସିହଙ୍କ ▶ପୃଷ୍ଠା-୭

# ଚାଷୀ-ସରକାର ମୁହାଁମୁହିଁ

## 'ମିଥ୍ୟା ସତ୍ୟପାଠ' ଦେଇଥିବା ଚାଷୀଙ୍କ ନାମରେ ପଞ୍ଚାୟତ କାନ୍ଥରେ ଝୁଲିବ ନୋଟିସ୍

■ ଭୁବନେଶ୍ୱର, ୨୯।୧୨ (ସମିସ): ମଣ୍ଡି ଅବ୍ୟବସ୍ଥା, ଧାନ କିଣାରେ ବିଚ୍ୟୁତିକୁ ନେଇ ଚାଷୀ ସରକାରଙ୍କ ଉପରେ ଖଡ୍‌ଗହସ୍ତ। ବିଭିନ୍ନ ସ୍ଥାନରେ ଚାଷୀମାନେ ରାସ୍ତା ଅବରୋଧ କରିବା ସହ ଆନ୍ଦୋଳନ ଚଳାଇଛନ୍ତି। ଏହି ସମୟରେ ଚାଷୀଙ୍କୁ ଦମନ କରିବାକୁ ସରକାର ଆରମ୍ଭ କରିଛନ୍ତି ପାଲଟା ଯୋଜନା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଧାନ କିଣାରେ ଅବ୍ୟବସ୍ଥା ଯୋଗୁଁ ସରକାରଙ୍କ ଅଡୁଆ ବଢ଼ାଇଥିବା ଚାଷୀଙ୍କ ଏହି ଆକ୍ରମଣାତ୍ମକ ପନ୍ଥାକୁ ପ୍ରତିହତ କରିବା ପାଇଁ ସରକାର ଛାଡ଼ିଛନ୍ତି 'ନୋଟିସ' ଅସ୍ତ୍ର। ଧାନ ବିକ୍ରି ନିମନ୍ତେ ଚାଷୀମାନେ ଯେଉ ଚାଷ ଜମିକୁ ପଞ୍ଜିକରଣ କରିଛନ୍ତି, ତାହାକୁ ଜାଲ ବା ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ ସରକାର ଚାଷୀଙ୍କ ଉପରେ ଦାଉ ସାଧିବାକୁ ଯୋଜନା କରିଛନ୍ତି। ରାଜ୍ୟ ସାଧାରଣ ବଣ୍ଟନ ନିଗମ ପକ୍ଷରୁ ସମବାୟ ସଂସ୍ଥାର ରେଜିଷ୍ଟ୍ରାର୍‌ଙ୍କୁ ଏ ସମ୍ପର୍କରେ ଚିଠି ଲେଖାଯାଇଛି। ମୁଖ୍ୟତଃ ଅଣଚାଷ ଜମିକୁ



### ଅଣଚାଷ ଜମି ପଞ୍ଜିକୃତ କରିବା ଚାଷୀଙ୍କ ଅପରାଧ: ମନ୍ତ୍ରୀ


### ଚାଷୀଙ୍କୁ ଦମନ ପାଇଁ ସରକାରଙ୍କ ବାହାନା: ବିରୋଧୀ

ଯେଉଁ ଚାଷୀମାନେ ଚାଷ ଜମି ଭାବେ ଦର୍ଶାଇଛନ୍ତି, ସେମାନଙ୍କୁ ନୋଟିସ୍ କରିବାକୁ ନିଷ୍ପତ୍ତି ହୋଇଛି। ଧାନ କିଣା ପ୍ରକ୍ରିୟାରେ ମିଥ୍ୟା ତଥ୍ୟ ଦେଇଥିବା ଚାଷୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ସେମାନଙ୍କ ନାମ ଗ୍ରାମପଞ୍ଚାୟତ ଓ ପ୍ୟାକ୍ସର ନୋଟିସ୍ ବୋର୍ଡରେ ଉପଲବ୍ଧ ହେବ। ଏହାସହିତ ଜିଲ୍ଲାସ୍ତରରେ ୱେବ୍‌ସାଇଟ୍‌ରେ ମଧ୍ୟ ସେମାନଙ୍କ ନାମ ଉଲ୍ଲେଖ ରହିବ। ଯୋଗାଣ ବିଭାଗ ପକ୍ଷରୁ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଏହି ନୋଟିସ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆନ୍ତଃମନ୍ତ୍ରୀ ସ୍ତରୀୟ ବୈଠକରେ ଅନୁମୋଦନ କ୍ରମେ ଏହି ନିଷ୍ପତ୍ତି ହୋଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ ଧାନ ବିକ୍ରି ପାଇଁ ଅନେକ ଚାଷୀ ସରକାରଙ୍କୁ ଭୁଲ୍ ତଥ୍ୟ ଦେଇଛନ୍ତି। ସାଟେଲାଇଟ୍ ସର୍ଭେ ମାଧ୍ୟମରେ ସରକାର ଏହି ଭୁଲକୁ ଧରିଛନ୍ତି। ଏବେ ଏହାକୁ ଆଧାର କରି ଚାଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗ ଅଣ୍ଟା ଭିଡ଼ିଛି। ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ମୁଖ୍ୟତଃ ଚାଷୀଙ୍କୁ ଅକଳରେ ପକାଇବାକୁ ଏହା ଏକ ଯୋଜନା ବୋଲି ▶ପୃଷ୍ଠା-୭

# ଦେଶରୁ ହଟିବେ ଅନୁପ୍ରବେଶକାରୀ

■ ଗୌହାଟୀ, ୨୯।୧୨ (ଏଜେନ୍ସି): ଆସାମର ନୌଗାଁଓରେ ବଟାଦ୍ରବା ପୁନର୍ବିକାଶ ପ୍ରକଳ୍ପକୁ ଉଦ୍‌ଘାଟନ କରି



ଅନୁପ୍ରବେଶକାରୀଙ୍କୁ ସାରା ଦେଶରୁ ହଟାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ସେ ଏଠାରେ ଆସାମ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଶାହା କହିଥିଲେ ଯେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ କବ୍‌ଜାରେ ଥିବା ଲକ୍ଷେ ବିଘା ଜମିକୁ ହିମନ୍ତ ବିଶ୍ୱ ଶର୍ମା ମୁକ୍ତ କରିଛନ୍ତି। ଏହି ଭଳି ଭାବେ ସାରା ଦେଶରୁ ଅନୁପ୍ରବେଶକାରୀଙ୍କୁ ତଡ଼ିବୁ। ଶ୍ରୀମନ୍ତ ଶଙ୍କରଦେବ ଜୀଙ୍କ ସ୍ମୃତି ସ୍ଥଳକୁ ବାଂଲାଦେଶ ଅନୁପ୍ରବେଶକାରୀ କବ୍‌ଜା କରିବା ▶ପୃଷ୍ଠା-୭

## ଉନ୍ନାଓ ଗଣଦୁଷ୍କର୍ମ ମାମଲା

# କୁଲଦୀପଙ୍କୁ 'ସୁପ୍ରିମ୍' ସକ୍

■ ନୂଆଦିଲ୍ଲୀ, ୨୯।୧୨ (ଏଜେନ୍ସି): ବହୁଚର୍ଚ୍ଚିତ ୨୦୧୭ ଉନ୍ନାଓ ଗଣଦୁଷ୍କର୍ମ ମାମଲା ଏବେ ନୂଆ ମୋଡ଼ ନେଇଛି। ଏହି ମାମଲାରେ ପୂର୍ବତନ ବିଜେପି ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ଜାମିନ ଉପରେ ସୁପ୍ରିମକୋର୍ଟ ଆଜି ରୋକ୍ ଲଗାଇ ଦେଇଛନ୍ତି। ଏହା ଏକ ଗୁରୁତର ମାମଲା ଏବଂ ଏହା ଉପରେ ଆଇନର ଅଧିକ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ସେହିଦୃଷ୍ଟିରୁ କୁଲଦୀପଙ୍କୁ ଜେଲ୍‌ରୁ ମୁକ୍ତ କରାଯାଇପାରିବ ନାହିଁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ୪ ସପ୍ତାହ ପରେ ଏହି ମାମଲାର ଶୁଣାଣି ହେବ। ସେଙ୍ଗରଙ୍କୁ ଡିସେମ୍ବର ୨୩ରେ ଦିଲ୍ଲୀ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ ଏବଂ ତାଙ୍କ ଦଣ୍ଡାଦେଶକୁ ସସପେଣ୍ଡ

### ହାଇକୋର୍ଟଙ୍କ ଜାମିନ ଆଦେଶରେ ରୋକ୍

### ବିଚାରପତି ମଧ୍ୟ ଭୁଲ୍ କରିପାରିନ୍ତି: ପ୍ରଧାନ ବିଚାରପତି

### ପୋକ୍‌ସୋ ନିୟମ ପରିସରରୁ ନିର୍ବାଚିତ ପ୍ରତିନିଧି ବାଦ୍ କାହିଁକି: ସିଜେଆଇ



କରିଦେଇଥିଲେ। ଏହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୀଡ଼ିତା ଏବଂ ପୀଡ଼ିତା ପରିବାର ସମେତ ଅନେକ ସଂଗଠନ ଦିଲ୍ଲୀ ହାଇକୋର୍ଟ ଆଗରେ ଏହାର ପ୍ରତିବାଦ ଜଣାଇ ଧାରଣା ଦେଇଥିଲେ। ▶ପୃଷ୍ଠା-୭

## ଏସ୍‌ଆଇ ଚାକିରି ବିକ୍ରି

# ସିବିଆଇର ପ୍ରଥମ ଚାର୍ଜସିଟ୍‌ରେ ୧୬ ଅଭିଯୁକ୍ତ

■ ଭୁବନେଶ୍ୱର, ୨୯।୧୨ (ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି ସିବିଆଇ।

### ଶଙ୍କର, ମୁନ୍ନା, ସୁରେଶ ଓ ଅରବିନ୍ଦ ମୁଖ୍ୟ କାର୍ପଟଦାର

ଚାର୍ଜସିଟ୍‌ରେ ମୋଟ୍ ୧୬ଜଣଙ୍କ ନାମ ରହିଛି। ଏହି ୧୬ଜଣଙ୍କ ମଧ୍ୟରେ ୯ଜଣଙ୍କୁ ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା ବେଳେ ଅବଶିଷ୍ଟ ୭ଜଣଙ୍କୁ ସିବିଆଇ ଗିରଫ କରିଛି। ଚାର୍ଜସିଟ୍‌ରେ ଉଲ୍ଲେଖଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ସିଲିକନ୍ ସିଇଓ ସୁରେଶ ନାୟକ, ଦଲାଲ ନେଟ୍‌ୱାର୍କର ମୁଖ୍ୟ ତଥା ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି, ଅରବିନ୍ଦ ▶ପୃଷ୍ଠା-୭

## ସବୁ ସରକାରୀ କର୍ମଚାରୀଙ୍କୁ ସାଧାରଣ ପ୍ରଶାସନର ଚିଠି

# ଜାନୁଆରୀ ୩୧ ସୁଦ୍ଧା ସମ୍ପତ୍ତି ତାଲିକା

■ ଭୁବନେଶ୍ୱର, ୨୯।୧୨ (ସମିସ): ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ନିଜ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି ସାଧାରଣ ପ୍ରଶାସନ ବିଭାଗ। ଆସନ୍ତା ଜାନୁଆରୀ ୩୧ ତାରିଖ ମଧ୍ୟରେ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ତାଲିକା ଦାଖଲ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ମଙ୍ଗଳବାର ସବୁ ବିଭାଗର ବିଭାଗୀୟ ମୁଖ୍ୟ, ରାଜ୍ୟର ସମସ୍ତ ଆରଡିସି, ଜିଲ୍ଲାପାଳଙ୍କୁ ଚିଠି ଲେଖି ଏ ସଂପର୍କରେ ଅବଗତ କରାଯାଇଛି।

ଚିଠିରେ କୁହାଯାଇଛି ଯେ ଓଡ଼ିଶା ସରକାର କର୍ମଚାରୀ ଆଚରଣ (ସଂଶୋଧନ) ନିୟମ, ୨୦୨୧ ଅନୁଯାୟୀ ରାଜ୍ୟ ସରକାରଙ୍କ ଗ୍ରୁପ୍-ଏରୁ ଗ୍ରୁପ୍-ଡି' ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ନିଜନିଜର ସମ୍ପତ୍ତି ବିବରଣୀ (ଉଭୟ ସ୍ଥାବର ଏବଂ ଅସ୍ଥାବର) ପ୍ରତିବର୍ଷ ଜାନୁଆରୀ ୧ତାରିଖରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାର ▶ପୃଷ୍ଠା-୭

# ୧୦ ଡିଗ୍ରୀ ତଳେ ୧୫ ସହର ପାରଦ

■ ଭୁବନେଶ୍ୱର, ୨୯।୧୨ (ସମିସ): ରାଜ୍ୟରେ ଅସହ୍ୟ ଶୀତ ଜାରି ରହିଛି। ନୂଆବର୍ଷ ପର୍ଯ୍ୟନ୍ତ ଏମିତି ସ୍ଥିତି ଲାଗି ରହିବ। ଗତ ୨୪ ଘଣ୍ଟାରେ ରାଜ୍ୟର ୧୫ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ୩.୬ ଡିଗ୍ରୀ ସହ ଜି.ଉଦୟଗିରି

### ଜି.ଉଦୟଗିରି ସବୁଠୁ ଥଣ୍ଡା



ପୁଣିଥରେ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ଦୁଇ ଦିନ ହେବ ଜି. ଉଦୟଗିରିରେ ପାରଦ ୩ ଡିଗ୍ରୀକୁ ଖସି ଆସିଥିବାରୁ ଏଠାରେ ପ୍ରବଳ ଶୀତ ଅନୁଭୂତ ହେଉଛି। ସେମିଳିଗୁଡ଼ାରେ ୫.୨, ଫୁଲବାଣୀରେ ୫.୫, ଦାରିଙ୍ଗବାଡ଼ିରେ ୬, କୋରାପୁଟରେ ୬.୪, ଝାରସୁଗୁଡ଼ାରେ ୬.୫, ରାଉରକେଲାରେ ୭, ଅନୁଗୋଳରେ ୮, ନବରଙ୍ଗପୁରରେ ୮.୬, କିରେଇରେ ୮.୭, ଭାବନୀପାଟଣାରେ ୯, ବଲାଙ୍ଗିରରେ ୯.୪, ସୁନ୍ଦରଗଡ଼ରେ ୯.୫ ଏବଂ ସୋନପୁର ଓ କେନ୍ଦୁଝରରେ ୯.୮ ଲେଖାଏଁ ରେକର୍ଡ ହୋଇଛି।

ଅପରପକ୍ଷେ, ୬.୫ ଡିଗ୍ରୀ ସହ ଝାରସୁଗୁଡ଼ାରେ ଗତ ୧୫ ବର୍ଷରେ (୨୦୧୦ରୁ ଏଯାବତ୍) ମଧ୍ୟରେ ଡିସେମ୍ବର ମାସରେ ଏହା ଚତୁର୍ଥ ସର୍ବନିମ୍ନ ▶ପୃଷ୍ଠା-୭

# ଘନଉଛି ଓମ୍‌ସା-ସରକାର ବିବାଦ

- ରାଜ୍ୟବ୍ୟାପୀ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ ପ୍ରତିବାଦ ଜାରି
- ଆଜି ବସିବ ସଂଘର ବୈଠକ; ନିଆଯାଇପାରେ ଚରମ ନିଷ୍ପତ୍ତି
- ଓମ୍‌ସାର ଦାବିକୁ କନିଷ୍ଠ ଡାକ୍ତର ସଂଘ(ଜେଡିଏ)ର ସମର୍ଥନ

■ ଭୁବନେଶ୍ୱର, ୨୯।୧୨ (ସମିସ): ନିଜ ଦାବିକୁ ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଅଟଳ ଥିବାବେଳେ ରାଜ୍ୟବ୍ୟାପୀ ନିଜର ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କାର୍ଯ୍ୟକ୍ରମ ଜାରି ରଖିଛି। ସେମାନଙ୍କର ଦାବି ପୂରଣ ପାଇଁ ରାଜ୍ୟ ସରକାର ଏକ ଅନ୍ତଃବିଭାଗୀୟ କମିଟି ଗଠନ କରିଥିଲେ ହେଁ ଏହାକୁ ସଂଘ ଗ୍ରହଣ କରିନାହିଁ। ଫଳରେ ସରକାର ଏବଂ ସଂଘ ମଧ୍ୟରେ ବିବାଦ ତେଜୁଥିବା ବେଳେ ଆସନ୍ତାକାଲି (ମଙ୍ଗଳବାର) ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏଥିରେ ଆଗାମୀ ଦିନର କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ କହିଛନ୍ତି। ଅପରପକ୍ଷେ ଦାବି ପୂରଣ ନ ହେଲେ ଓମ୍‌ସା ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇପାରେ ବୋଲି ସଂଘ ପକ୍ଷରୁ ପରୋକ୍ଷରେ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାର୍ଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମ୍‌ସା କ୍ୟାଡର୍ କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଥିଲେ। ଗତ ୨୬ ତାରିଖରୁ ସେମାନେ ଏକ ଘଣ୍ଟିଆ ଓପିଡି ବନ୍ଦ ପ୍ରତିବାଦ ଜାରି ରଖିଛନ୍ତି। ଏହାଦ୍ୱାରା ରାଜ୍ୟବ୍ୟାପୀ ▶ପୃଷ୍ଠା-୭




## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ


- ୧୯୦୬- ଢାକାରେ ମୁସଲିମ୍ ନେତାଙ୍କ ତିନିଦିନର ବୈଠକ ପରେ 'ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ପାର୍ଟି' ଗଠନ କରିବାକୁ ଘୋଷଣା କରାଗଲା।
- ୧୯୭୧- ଭାରତର ପ୍ରଖ୍ୟାତ ବୈଜ୍ଞାନିକ ବିକ୍ରମ ସରାଭାଇଙ୍କ ପରଲୋକ।
- ୧୯୭୫- ହିନ୍ଦୀ କବି ଦୁଷ୍ୟନ୍ତ କୁମାରଙ୍କ ନିଧନ।
- ୧୯୯୬- ଗୁଏଟ୍‌ମାଲାରେ ୩୬ ବର୍ଷ ଧରି ଚାଲିଥିବା ଗୃହଯୁଦ୍ଧର ସମାପ୍ତ ହେଲା।
- ୨୦୦୬- ଇରାକ୍‌ର ପୂର୍ବତନ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଗଲା।

## ପିକକ୍ ପ୍ୟାରେଣ୍ଟିଂ



ପିଲାଙ୍କ ଲାଳନପାଳନକୁ ନେଇ ଅଭିଭାବକମାନେ ଚିନ୍ତାରେ ରୁହନ୍ତି। ଏହି କ୍ରମରେ ପିକ୍‌କକ୍ ପ୍ୟାରେଣ୍ଟିଂ ଧାରା ଏବେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ଏଭଳି ଧାରା ପିଲାଙ୍କ ଉପରେ ଚାପ ପକାଉଥିବା ଜଣାପଡ଼ିଛି। ପିକ୍‌କକ୍ ପ୍ୟାରେଣ୍ଟିଂ ଏମିତି ଏକ ଶୈଳୀ, ଯେଉଁଥିରେ ବାପାମାଆ ନିଜ ପିଲାଙ୍କୁ ମୟୂର ଭଳି ଆକର୍ଷଣୀୟ କରି ଦୁନିଆ ଆଗରେ ଛିଡ଼ା କରିବା ଉପରେ ଗୁରୁତ୍ୱ ଦେଇଥାନ୍ତି। ପିଲାଟିର ନିଜର ଏକ ବ୍ୟକ୍ତିଗତ ଜୀବନ ଅଛି ବୋଲି ସେମାନେ ଭୁଲି ଯାଆନ୍ତି। ଅଭିଭାବକମାନେ ପିଲାର ଲାଳନପାଳନ ସମୟରେ ଆବଶ୍ୟକତାଠୁ ଅଧିକ ପିଲାଙ୍କର ପବ୍ଲିକ୍ ଇମେଜ୍ ଉପରେ ଗୁରୁତ୍ୱ ଦିଅନ୍ତି। ଏଥିରେ ପିଲାମାନଙ୍କର ଅଭିଭାବକ ସେମାନଙ୍କୁ ଦୁନିଆ ଆଗରେ ଅଧିକ ସ୍ମାର୍ଟ, ବୁଦ୍ଧିମାନ ଦେଖାଇବାକୁ ପ୍ରୟାସ କରନ୍ତି। ଠିକ୍‌ଯେପରି ଜଣେ ବ୍ୟକ୍ତିଙ୍କୁ ପ୍ରମୋଟ୍ କରିବା ପାଇଁ ପିଆର୍ ଟିମ୍ କରିଥାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ପିଲାଙ୍କର ପ୍ରତ୍ୟେକ ସଫଳତାକୁ ବାପାମାଆମାନେ ଆବଶ୍ୟକତାଠୁ ଅଧିକ ଦେଖେଇ ହେବାରେ ଲାଗିଛନ୍ତି। ଯାହାକୁ କେବଳ ପିଲା ହିଁ ଅନୁଭବ କରୁଥିବା କୁହାଯାଉଛି। ଏହି କାରଣ ଯୋଗୁଁ ପିଲାମାନେ ଧୀରେ ଧୀରେ ଅବସାଦ ଆଡ଼କୁ ଗତି କରିଥାନ୍ତି। ଅଭିଭାବକମାନେ ଏଭଳି କରିବା ଦ୍ୱାରା ପ୍ରତ୍ୟେକ ଜିନିଷ କେବଳ ଦେଖେଇ ହେବା ପାଇଁ କରାଯାଉଥିବା ପିଲାଙ୍କୁ ଲାଗିଥାଏ। ଅନ୍ୟପଟେ ଯେଉଁ ବୟସରେ ସେମାନେ ଭୁଲ୍‌ରୁ ଶିଖିବା ପାଇଁ ଚେଷ୍ଟା କରୁଥାନ୍ତି ସେହି ବୟସରେ ସେମାନଙ୍କୁ ସବୁ ବିଷୟରେ ପାରଙ୍ଗମ ହେବା ଦୌଡ଼ରେ ଅଭିଭାବକମାନେ ସାମିଲ କରି ଦେଉଛନ୍ତି। ଏହାର ପ୍ରଭାବ ସେମାନଙ୍କ ସୃଜନଶୀଳତା ଉପରେ ପଡୁଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏଥିଯୋଗୁଁ ପିଲାମାନଙ୍କ ଉପରେ ମାନସିକ ଚାପ ମଧ୍ୟ ପଡୁଛି।

## ଜାନୁଆରୀରେ 'ଲଭ୍ ଆଣ୍ଡ ୱାର୍'ର ଫାଷ୍ଟ ଲୁକ୍



୨୦୨୬ର ଚର୍ଚ୍ଚିତ ଫିଲ୍ମ ମଧ୍ୟରେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍' ରହିଛି। ଏଥିରେ ଲିଡ୍ ରୋଲରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲ ନଜର ଆସିବେ। ଯୁଦ୍ଧ ପୃଷ୍ଠଭୂମିରେ ଗଢ଼ି ଉଠିଥିବା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହି ଫିଲ୍ମ ଆଧାରିତ। ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଜବରଦସ୍ତ ଉତ୍ସାହ ରହିଛି। ଫିଲ୍ମର ଅଧାରୁ ଅଧିକ ଅଂଶର ସୁଟିଂ ସରିଛି। ଏବେ ଫିଲ୍ମର ଫାଷ୍ଟ ଲୁକ୍‌କୁ ନେଇ ଖବର ଆସିଛି। ଏହା ଆସନ୍ତା ଜାନୁଆରୀରେ ରିଲିଜ୍ ହେବ। ଏଥିରେ ଏହି ତିନି ସୁପରଷ୍ଟାର୍ ଏକାସଙ୍ଗେ ନଜର ଆସିବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଏହାପୂର୍ବରୁ ସୁଟିଂସେଟ୍‌ରୁ ରଣବୀର ଓ ଆଲିଆଙ୍କର ଅନେକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହା ଆସନ୍ତା ମାର୍ଚ୍ଚ ୨୦ରେ ରିଲିଜ୍ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ସୁଟିଂରେ ବିଳମ୍ବ ହେବାରୁ ଏବେ ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ୧୪ ଅଗଷ୍ଟ କରି ଦିଆଯାଇଛି।

## ପେନ୍‌ସିଲ ମୁନ ଆକୃତିର ବେଙ୍ଗ



ବୈଜ୍ଞାନିକମାନେ ବେଙ୍ଗର ଏକ ନୂଆ ପ୍ରଜାତିର ସନ୍ଧାନ କରିଛନ୍ତି। ବେଙ୍ଗଟି ଦେଖିବାକୁ ପେନ୍‌ସିଲ୍ ମୁନ ଭଳି କ୍ଷୁଦ୍ରାକାର। ଏହା ବ୍ରାଜିଲର ସେରା ଡୋ କ୍ୱିରିରି ପର୍ବତମାଳାର ଘଞ୍ଚ ଜଙ୍ଗଲରେ ମିଳିଛି। ଏହି ଜଙ୍ଗଲ ଭୂପୃଷ୍ଠଠାରୁ ୧୦୦୦ ରୁ ୨୫୦୦ ମିଟର ଉଚ୍ଚତାରେ ଅବସ୍ଥିତ। ଏହି ନୂଆ ପ୍ରଜାତି ବେଙ୍ଗର ନାଁ 'ବ୍ରେକିସେଲଫଲସ ଲୁଲଇ।' ଏହି ନାଁ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲ୍‌ଭାଙ୍କ ସମ୍ମାନରେ ରଖାଯାଇଛି। ତେବେ ବେଙ୍ଗଟିର ଅନେକ ବିଶେଷତ୍ୱ ବି ଅଛି। ଏହାର ଶରୀର ଉଜ୍ଜ୍ୱଳ କମଳା ରଙ୍ଗର ହୋଇଥିବା ବେଳେ ଏହା ଉପରେ ଧୂସର ଓ ସବୁଜ ଦାଗ ରହିଛି। ଏହି ପ୍ରଜାତିର ଅଣ୍ଡିରା ବେଙ୍ଗର ଆକାର ୯ ରୁ ୧୧ ମିଲିମିଟର ହୋଇଥିବା ବେଳେ ମାଈ ବେଙ୍ଗର ଆକାର ୧୧-୧୪ ମିଲିମିଟର ହୋଇଥାଏ। ବୈଜ୍ଞାନିକମାନେ ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ଅନୁସନ୍ଧାନ କରିଆସୁଛନ୍ତି। କାରଣ ଏଠାରେ ଏମିତି ସୂକ୍ଷ୍ମଜୀବ ମିଳିଥାନ୍ତି, ଯାହାକି ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ମିଳି ନ ଥାଏ। ଏହି ନୂତନ ପ୍ରଜାତିକୁ ଏହାର ଅନନ୍ୟ ଶରୀର ଗଠନ ଦ୍ୱାରା ଚିହ୍ନଟ କରାଯାଇଥିଲା, ଯାହା ଏହି ଅଞ୍ଚଳର ଅନ୍ୟ ବେଙ୍ଗଠାରୁ ଭିନ୍ନ ଥିଲା। ଏହାର ଚିହ୍ନଟ ଡିଏନଏ ପରୀକ୍ଷା ଏବଂ ସିଟି ଏକ୍ସରେ ସ୍କାନ ଦ୍ୱାରା କରାଯାଇଛି। ସେହିପରି ଏହି ଛୋଟିଆ ବେଙ୍ଗ ଏମିତି ସ୍ଥାନରେ ରହେ, ଯାହାକି ଖୁବ୍ ସୀମିତ। ତେଣୁ ଏହାର ବିଲୁପ୍ତ ହେବା ଆଶଙ୍କା ଅଧିକ। ବୈଜ୍ଞାନିକମାନେ ଏହି ବେଙ୍ଗ ଏବଂ ଏହା ଭଳି ଅନ୍ୟ ସୂକ୍ଷ୍ମ ଜୀବଙ୍କୁ ରକ୍ଷା କରିବା ଲାଗି ସେରା ଡୋ କ୍ୱିରିରିକୁ ବନ୍ୟପ୍ରାଣୀ ଆଶ୍ରୟସ୍ଥଳ ଭାବେ ଘୋଷଣା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଯଦି ଏଭଳି ପ୍ରଜାତିର ବେଙ୍ଗକୁ ସୁରକ୍ଷା ନ ଦିଆଯିବ ଏମାନେ ବିଲୁପ୍ତ ହୋଇଯିବେ ବୋଲି ବୈଜ୍ଞାନିକମାନେ ଚେତାଇ ଦେଇଛନ୍ତି।




## ଡାଲିଜାତୀୟ ଫସଲରେ ଉତ୍ପାଦକତା ବୃଦ୍ଧି

# ଜୀବାଣୁ ସାର ଏବଂ ଅଣୁସାର ଉପଯୋଗୀ

**ଡାଲି ଏକ ପୁଷ୍ଟିସାର ଜାତୀୟ ଖାଦ୍ୟ। ଡାଲି ଜାତୀୟ ଫସଲ ମଧ୍ୟରେ ମୁଗ, ବିରି, ହରଡ଼, ଚଣା, ବୁଟ, ମଟର, କୋଳଥ ଆଦି ମୁଖ୍ୟ ହୋଇଥାଏ। ଧାନ ପରେ ରାଜ୍ୟରେ ଦ୍ୱିତୀୟ ସର୍ବାଧିକ ଚାଷ କରାଯାଉଥିବା ଫସଲ ହେଉଛି ଡାଲି ଜାତୀୟ ଫସଲ। ହେଲେ ଏବେ ଡାଲି ଜାତୀୟ ଖାଦ୍ୟ ଉତ୍ପାଦନ କମୁଛି। ଡାଲି ଜାତୀୟ ଫସଲରେ ସମନ୍ୱିତ ସାର ପରିଚାଳନା କରା ନ ଯିବା ଏହାର ଏକ ପ୍ରମୁଖ କାରଣ। ତେଣୁ ଡାଲି ଉତ୍ପାଦନ ବୃଦ୍ଧି ପାଇଁ ଫସଲରେ ଜୀବାଣୁସାର ଓ ଅଣୁସାରର ଉପଯୋଗ ନିହାତି ଆବଶ୍ୟକ।**



ବିଭୂତି ଭୂଷଣ ଦଳବେହେରା

ଧାନ ଚାଷ ପରେ ପରବର୍ତ୍ତୀ ଫସଲକୁ ଉଚିତ ମାତ୍ରାରେ ପୋଷକତତ୍ତ୍ୱ ମିଳିପାରେନି। ସେଥିପାଇଁ ମାଟିକୁ ଜୀବାଣୁ ସାରର ଆବଶ୍ୟକତା ପଡିଥାଏ। ଏହାଦ୍ୱାରା ମାଟିରେ ଯବକ୍ଷାରଜାନ ଅଂଶ ବୃଦ୍ଧି ପାଇ ଫସଲ ଅମଳ ବଢ଼ିପାରିବ।

**ଜୀବାଣୁ ସାର କ'ଣ:** ଜୀବାଣୁ ସାର ସୂକ୍ଷ୍ମ ଅଣୁଜୀବଙ୍କୁ ବୁଝାଏ। ମାଟିରେ କୋଟି କୋଟି ସଂଖ୍ୟାରେ ଏମାନେ ରହିଥାନ୍ତି। ମାତ୍ରାଧିକ ରାସାୟନିକ ସାର, କୀଟନାଶକ, ତୃଣକମାରୀର ପ୍ରୟୋଗ, ଖତ ପରିମାଣ କମ ହେତୁ ମାଟିରେ ସୂକ୍ଷ୍ମ ଅଣୁଜୀବଙ୍କର ସଂଖ୍ୟା କମି ଯାଉଛି। ତେଣୁ ସୂକ୍ଷ୍ମ ଅଣୁଜୀବଙ୍କୁ ପରୀକ୍ଷାଗାରରେ କଲଚର କରାଯାଇ ପ୍ୟାକେଟ ଭିତରେ ରଖାଯାଏ। ପରବର୍ତ୍ତୀ ସମୟରେ ଏହାକୁ ଫସଲ ଉତ୍ପାଦନ କାର୍ଯ୍ୟରେ ବ୍ୟବହାର କରାଯାଉଛି।

ଡାଲି ଜାତୀୟ ଫସଲ ପାଇଁ ବ୍ୟବହୃତ ଜୀବାଣୁ ସାର ମଧ୍ୟରେ 'ରାଇଜୋବିୟମ କଲଚର' ଏବଂ 'ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ( ପି. ଏସ. ବି )' ପ୍ରମୁଖ ହୋଇଥାଏ। ରାଇଜୋବିୟମ କଲଚର ଚେରରେ ଗଣ୍ଠି ବୃଦ୍ଧି କରିବା ସହ ଫସଲକୁ ଯବକ୍ଷାରଜାନ ସାର ଯୋଗାଏ । ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ମୃତ୍ତିକାରେ ବାନ୍ଧି ରହିଥିବା ଫସ୍‌ଫରସ ସାରକୁ ମୁକ୍ତ ଅବସ୍ଥାକୁ ଆଣି ଫସଲକୁ ସହଜଲବ୍ଧ କରିଥାଏ।

୧ କେଜି ବିହନ ପାଇଁ ୧୦-୨୦ ଗ୍ରାମ ରାଇଜୋବିୟମ କଲଚର ଆବଶ୍ୟକ ପଡେ। ପ୍ରଥମେ ରାଇଜୋବିୟମ କଲଚର ସହ ଦ୍ୱିଗୁଣ ପାଣି ବା ଥଣ୍ଡା ପେଜ ମିଶାଇ ବହଳିଆ ମଣ୍ଡ ପ୍ରସ୍ତୁତ କରାଯାଏ। ଉକ୍ତ ମଣ୍ଡକୁ ଡାଲି ଜାତୀୟ ବିହନ ଉପରେ ଗୋଳାଇ ଛାଇରେ ରଖାଯାଏ। ସେହିପରି ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ଜୀବାଣୁ ସାରକୁ ବିହନ ପ୍ରତି ୧୦-୨୦ ଗ୍ରାମ ନେଇ ଦ୍ୱିଗୁଣ ପାଣି ବା ଥଣ୍ଡା ପେଜ ସହ ଗୋଳାଇ ଏକ ମଣ୍ଡ ପ୍ରସ୍ତୁତ କରିବାକୁ ପଡେ। ଉକ୍ତ ମଣ୍ଡକୁ ବିହନରେ ଗୋଳାଇ ଛାଇ ଜାଗାରେ ରଖା ଯାଏ। ବିହନକୁ ସାଧାରଣତଃ ସକାଳ କିମ୍ବା ଅପରାହ୍ନରେ ବୁଣାଗଲେ ଜୀବାଣୁ ସାରର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ। ଖରାରେ ପ୍ରୟୋଗ କଲେ ସେଥିରେ ଥିବା ଜୀବାଣୁ ମାନେ ନଷ୍ଟ ହୋଇଯାନ୍ତି। ଉକ୍ତ ଜୀବାଣୁ ସାରକୁ ଗୋବର ଖତ ସହ ମିଶାଯାଇ ଜମିରେ ପକା ଯାଇ ପାରିବ। ଡାଲି ଜାତୀୟ ଫସଲ ଉତ୍ପାଦନରେ 'ମଲିବଡେନମ ଅଣୁସାର'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ୧୦ କେଜି ବିହନ ପ୍ରତି ୩ଗ୍ରାମ ମଲିବଡେନମ ଅଣୁସାର ପ୍ରୟୋଗ କଲେ ଡାଲି ଜାତୀୟ ଫସଲର ଉତ୍ପାଦନ ବଢିଥାଏ। ଠିକ ସେହିପରି 'ଗନ୍ଧକ ସାର' ପ୍ରୟୋଗ ଦ୍ୱାରା ମଧ୍ୟ ଫସଲ ଉତ୍ପାଦନ ବଢ଼ିବା ସହ ଦାନା ହୃଷ୍ଟପୁଷ୍ଟ ହୋଇଥାଏ। ସମନ୍ୱିତ ଖାଦ୍ୟ ସାର ପରିଚାଳନାରେ ଡାଲି ଚାଷ କରାଗଲେ ଫସଲର ଉତ୍ପାଦନ ବୃଦ୍ଧି ପାଇବ।

ଗ୍ରାମ୍ୟ କୃଷି କର୍ମଚାରୀ
ବେଗୁନିଆ, ଖୋର୍ଦ୍ଧା

## କ୍ଷୁଦ୍ରଚାଷୀଙ୍କ ପାଇଁ କୃଷି ଯନ୍ତ୍ର



ପାରମ୍ପରିକ ପ୍ରଣାଳୀରେ ଚାଷ ଦ୍ୱାରା ଖର୍ଚ୍ଚ ଅଧିକ ବଢ଼ିଥାଏ। ଏହାଦ୍ୱାରା ଚାଷ କମ୍ କରିବାକୁ ପଡ଼େ। ଖର୍ଚ୍ଚ କମେ। ଅମଳରେ ପରିବର୍ତ୍ତନ ହୁଏ ନାହିଁ। ତେଣୁ ବିହାର, ବାଙ୍କା ଜିଲ୍ଲାର ମହମ୍ମଦ କମର ତୌହୀଦ କ୍ଷୁଦ୍ର ଚାଷୀମାନଙ୍କ ପାଇଁ ଏକ ଉପଯୁକ୍ତ କୃଷି ଯନ୍ତ୍ର ବାହାର କରିଛନ୍ତି। ମହମ୍ମଦ ପେଶାରେ ଜଣେ ମେକାନିକାଲ ଇଞ୍ଜିନିୟର। ୪୦,୦୦୦ଟଙ୍କା ଖର୍ଚ୍ଚରେ ଏହି ଯନ୍ତ୍ର କରିଛନ୍ତି। ଏଥିରେ ୫ ହର୍ସପାୱାର ସିଙ୍ଗଲ ସିଲିଣ୍ଡର, ଏୟାରକୁଲ୍ଡ ଡିଜେଲ ଏବଂ ବ୍ୟବହୃତ ହଳ ଇଞ୍ଜିନ ଆଦି ଲଗାଇଛନ୍ତି। ଯନ୍ତ୍ରଟି ୫ଫୁଟ ଲମ୍ବା ଏବଂ ୨.୫ ଫୁଟ ଚଉଡା। ଆବଡ଼ା ଖାବଡା ଜମିରେ ଏହି ଯନ୍ତ୍ରଟି ବେଶ ସହଜରେ ଚାଲିପାରିବ। ତେଣୁ ମହମ୍ମଦ ବିନା ଟାୟାରରେ ଏହି କୃଷିଯନ୍ତ୍ରଟିକୁ ତିଆରି କରିଛନ୍ତି। ଏହା ଏକାଧିକ କାମ କରି ଚାଷୀଙ୍କ ସମସ୍ୟା ଦୂର କରି ପାରିବ। ସାଧାରଣତଃ ବିହନ ବୁଣା ଶେଷ ହେବା ପରେ ଚାଷୀ ଏହାର ଇଞ୍ଜିନକୁ ଖୋଲି ଜମିରେ ପାଣି ମଡାଇବା ତଥା ଅମଳ କରିବାରେ ବ୍ୟବହାର କରିପାରିବେ। ଏହି କୃଷି ଯନ୍ତ୍ରଟି ଏକ ହେକ୍ଟର ଜମିରେ ମାତ୍ର ୮ ରୁ ୯ ଘଣ୍ଟାରେ ହଳ ଏବଂ ବୁଣା କାମ କରିଥାଏ।

## ଡ୍ରାଗନ୍‌ଫ୍ରୁଟ୍ ସହିତ ସପୁରୀ ଚାଷ

**ଆମ ରାଜ୍ୟରେ ଜଳବାୟୁର ଅନୁକୂଳ ପାଣିପାଗ ଅଭାବ ସତ୍ତ୍ୱେ ଡ୍ରାଗନ୍‌ଫ୍ରୁଟ୍ ଚାଷ ହେଉଛି। ଏହି ଚାଷ ପାଇଁ ବାଲିଆ, ମାଙ୍କଡିଆ ପଥର ଏବଂ ଲାଲ୍ ମାଟି ଉପଯୁକ୍ତ। ତେବେ ଚାଷୀଭାଇ ଡ୍ରାଗନଫ୍ରୁଟ୍ ସହିତ ସପୁରୀ ଚାଷ ବି କରିପାରିବେ। ଏହା ଦ୍ୱାରା ଆୟ ଦ୍ୱିଗୁଣିତ ହୋଇପାରିବ।**

ଚାଷପାଇଁ ମାଟିକୁ ସମତଳ କରି ମାଟିକୁ ଉପର ତଳ କରାଯାଏ। ଡ୍ରାଗନଫ୍ରୁଟ ପାଇଁ ଜମିରେ ସିମେଣ୍ଟ ଖୁଣ୍ଟି ବନାଇ ଉପରେ ଗୋଲାକାର କିମ୍ବା ଚାରିକୋଣିଆର ବାଡ ସେଟିଂ କରାଯାଏ। ଡ୍ରାଗନଫ୍ରୁଟ୍ ଗଛରୁ ଗଛ ଦୂରତା ୨ରୁ ୫ଫୁଟ ରଖି ଦୁଇଟି ଧାଡ଼ି ମଧ୍ୟରେ ସପୁରୀ ଚାରା ଲଗାଯାଏ। ସପୁରୀ ଚାରାରୁ ଅନ୍ୟ ସପୁରୀ ଚାରା ଦୂରତା ୨ରୁ ଅଢ଼େଇ ଫୁଟ ରହିବ। ଶୁଷ୍କ ଅଞ୍ଚଳରେ ଏହି ଗଛ ବଢ଼ିପାରେ। ଜଳସିଞ୍ଚନକୁ ନେଇ ଚିନ୍ତା ନ ଥାଏ। ପ୍ରଥମ ଥର ଅଧ ଏକରରେ ଚାଷ ଆରମ୍ଭ କରିପାରିବେ। ଜୈବିକ ଖତ ପ୍ରୟୋଗ କରିବା ଆବଶ୍ୟକ। ଡ୍ରାଗନଫ୍ରୁଟ ଦର କିଲୋ ପ୍ରତି ୧୫୦ରୁ ୩୦୦ ଟଙ୍କା ହୋଇଥାଏ। ସେହିପରି ସପୁରୀ କେଜି ପିଛା ୪୦ରୁ ୭୦ଟଙ୍କା ଥାଏ। ତେଣୁ ଚାଷୀ ଉଭୟ ଫଳରୁ ଲାଭବାନ ହୋଇପାରିବେ।



## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଡାଲୁଅ ଧାନର ବୁଣାବୁଣି କାର୍ଯ୍ୟ ଜାରି ରଖନ୍ତୁ। ଧାନ ତଳିଘରାକୁ ରାତ୍ରି ସମୟରେ ପଲିଥିନ୍‌ରେ ଘୋଡାଇ ରଖନ୍ତୁ।
- ସୂର୍ଯ୍ୟମୁଖୀ ଫସଲରେ କୋଡ଼ାଖୋସା କରି ଘାସ ବାଛି ଯବକ୍ଷାରଜାନଯୁକ୍ତ ସାରକୁ ପ୍ରୟୋଗ କରନ୍ତୁ।
- ଆଳୁ ଫସଲରେ ଜଳସେଚନ କରନ୍ତୁ।
- ଅଧିକ ଥଣ୍ଡା ସମୟରେ ଗୁହାଳରେ ପଲିଥିନ୍ କିମ୍ବା ଅଖା ଆଚ୍ଛାଦିକରଣର ବ୍ୟବସ୍ଥା କରନ୍ତୁ।
- କୁକୁଡ଼ା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ।
- ମାଛଙ୍କ ଦେହରେ କବକ, ପରଜୀବୀଜନିତ ରୋଗ ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ।

## ଦୁଗ୍ଧ ଚାଷୀଙ୍କୁ 'କାମଧେନୁ' ଯନ୍ତ୍ରଣା

# ମିଳୁନି ସବ୍‌ସିଡି; ଗାଈ ବିକି ଋଣ ପରିଶୋଧ

ଭୁବନେଶ୍ୱର,୨୯।୧୨(ହୋଟିମିନ୍ ଦେବତା): ଗୋପାଳକଙ୍କୁ ହସାଇବାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିଲେ କାମଧେନୁ ଯୋଜନା। ହେଲେ ଏହି ଯୋଜନା ଏବେ ଦୁଗ୍ଧଚାଷୀଙ୍କୁ କନ୍ଦାଇବା ଆରମ୍ଭ କରିଛି। ସବ୍‌ସିଡିର ପ୍ରତିଶ୍ରୁତି ଦେଖି ଏହି ଯୋଜନା ପ୍ରତି ଚାଷୀ ଆଗ୍ରହ ପ୍ରକାଶ କରୁଛନ୍ତି, ହେଲେ ଥରେ ଏଥିରେ ହିତାଧିକାରୀ ହେବା ପରେ ମାୟାଜାଲରୁ ଚାଷୀ ବାହାରି ପାରୁନାହାନ୍ତି। ୨ ଲକ୍ଷ ଟଙ୍କା ଋଣ କରି ରାଜ୍ୟ ବାହାରୁ ଗାଈ କିଣୁଥିଲେ ସୁଦ୍ଧା ସରକାର ସେମାନଙ୍କୁ ସବସିଡ଼ି ଦେଉ ନାହାନ୍ତି । ଏପଟେ ସରକାରୀ ସବସିଡ଼ି ନ ମିଳିବା ଓ ସେପଟେ ଋଣ ଉପରେ ସୁଧ ଚାପ ଚାଷୀଙ୍କୁ ନାକେଦମ୍ କଲାଣି। ଫଳରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଚାଷୀ ରାଜ୍ୟ ବାହାରୁ କିଣିଥିବା ଗୋରୁଙ୍କୁ ବିକି ଋଣ ପରିଶୋଧ କରବାକୁ ବାହାରିଛନ୍ତି।

ରାଜ୍ୟକୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସଶକ୍ତ କରିବାକୁ ପୂର୍ବ ସରକାରଙ୍କ ଯୋଜନାକୁ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ପରିବର୍ତ୍ତନ କରାଗଲା। ଦୁଗ୍ଧ ଚାଷୀ ରାଜ୍ୟ ବାହାରୁ ଗାଈ କିଣିବାକୁ ଏଥିରେ ସର୍ତ୍ତ ରଖାଗଲା। ରାଜ୍ୟ ବାହାରୁ ଦୁଧିଆଳୀ ଗାଈ କିଣିଲେ ୭୦ ପ୍ରତିଶତ ସବସିଡ଼ି ଦିଆଯିବ ବୋଲି କୁହାଗଲା। ଏଥିପାଇଁ ବ୍ୟାପକ ପ୍ରଚାର ହେଲା। ରାଜ୍ୟ ବାହାରୁ ଦୁଇଟି ଗାଈର ମୂଲ୍ୟ ୧.୬ ଲକ୍ଷ ଓ ଗୁହାଳ ପାଇଁ ଖର୍ଚ୍ଚ ହେବାକୁଥିବା ୫୦ ହଜାର ଟଙ୍କାକୁ ମିଶାଇ ପୁରା ଯୋଜନାରେ ୨.୩ ଲକ୍ଷ ଟଙ୍କା ଚାଷୀଙ୍କୁ ଦିଆଯିବାକୁ ସ୍ଥିର ହେଲା। ଏଥିରୁ ୭୦% ଅର୍ଥାତ୍ ୧.୬୧ ଲକ୍ଷ ଟଙ୍କା



ସରକାର ରିଆତି ଦେବାକୁ ବି ଘୋଷଣା କରାଗଲା। ଚାଷୀ କରଜ କରି ଗୁହାଳ ତିଆରି କଲେ। ରାଜ୍ୟ ସରକାରଙ୍କ ସର୍ତ୍ତ ଅନୁସାରେ ଗୁଜରାଟରୁ, ଆନ୍ଧ୍ରରୁ ଗାଈ କିଣି ଆଣିଲେ । ମାତ୍ର ମାସ ପରେ ମାସ ବିତିବା ପରେ ଆଉ ରିଆତି ମିଳିଲା ନାହିଁ । ଇତିମଧ୍ୟରେ ୩ ମାସ ବିତିଗଲାଣି, ମାତ୍ର ସବସିଡ଼ି ଆସୁନାହିଁ ।

ସବ୍‌ସିଡି କଣ ପାଇଁ ମିଳୁନାହିଁ ବୋଲି ଜାଣିବାକୁ ଚାଷୀ ପ୍ରଥମେ ଏଲ୍ଆଇଙ୍କ ପାଖକୁ ଯାଉଛି। ଏଲ୍ଆଇ କିଛି କହି ନ ପାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀମାନେ ସିଡିଭିଓଙ୍କ କାର୍ଯ୍ୟାଳୟକୁ ଯିବାକୁ କହୁଛନ୍ତି। ମାତ୍ର ସେଠାରେ ବି କିଛି ଆଶ୍ୱାସନା ମିଳୁନାହିଁ। ଅତିରିକ୍ତ ବଜେଟ୍ ପାସ୍ ହେଲା ପରେ ସବ୍‌ସିଡି ଟଙ୍କା ମିଳିଯିବ ବୋଲି କୁହାଗଲା। ମାତ୍ର ଡ଼ିସେମ୍ବର ମାସ ସରିବାକୁ ବସିଲାଣି, ସବସିଡ଼ି ଚାଷୀଙ୍କୁ ମିଳି ପାରିଲା ନାହିଁ। ଏବେ ପଶୁ ସମ୍ପଦ ବିଭାଗ ନିର୍ଦ୍ଦେଶାଳୟରେ ଫାଇଲ ଅଟକିଯାଇଛି ଓ ମାନବସମ୍ବଳ ଅଭାବରୁ ଫାଇଲ୍ ଆଗକୁ ବଢ଼ି ପାରୁନାହିଁ ବୋଲି କୁହାଯାଉଛି। ଅଧିକାଂଶ ଫାଇଲ୍‌ରେ ସବ୍‌ସିଡି ରିଲିଜ୍ ଅପେକ୍ଷା(ପେଣ୍ଡିଂ ଫର୍ ରିଲିଜ୍) ବୋଲି ଦର୍ଶାଉଛି। ଏଣୁ ଆମେ ସବୁ କାମ କରି ଦେଇଛୁ। ଏବେ ଆମ ହାତରେ କିଛି ନାହିଁ ବୋଲି ଅଧିକାରୀମାନେ କହୁଛନ୍ତି। ତେଣୁ ଚାଷୀ ଆକାଶକୁ ଚାହିଁ ବସିଛି । ବଲାଙ୍ଗୀର, କୋରାପୁଟ୍, ମୟୁରଭଞ୍ଜ, ସମ୍ବଲପୁର, ମାଲକାନାଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, ରାୟଗଡା ଭଳି ଦୂର ଦୁରାନ୍ତ ଅଞ୍ଚଳର ଚାଷୀ କଣ ସବ୍‌ସିଡି ଟଙ୍କା ବୁଝିବାକୁ କଟକ କି ଭୁବନେଶ୍ୱର ଆସିବେ କି ବୋଲି ପ୍ରଶ୍ନ ଉଠିଛି ।

ଏଭଳି ପରିସ୍ଥିତିରେ ଚାଷୀ ଧାର ଶୁଝି ପାରୁନାହାନ୍ତି। ବ୍ୟାଙ୍କରେ ଋଣ ଭାର ବଢିବାରେ ଲାଗିଛି। ସବ୍‌ସିଡି ଟଙ୍କା ନ ମିଳିବାରୁ ବ୍ୟାଙ୍କ୍‌ରେ କିସ୍ତି ଦେବା ପାଇଁ ପୁଣି ଧାର କରିବାକୁ ପଡୁଛି। ଏଭଳି ଚାଲିଲେ କ୍ଷତି ସହୁ ପଛେ ବାଧ ହୋଇ ଗାଈ ବିକ୍ରି କରିଦେବୁ ବୋଲି କୁନାମଣି ଦାସ ନାମକ ଚାଷୀ କହିଛନ୍ତି। କେବଳ କୁନାମଣି ନୁହନ୍ତି ବିଭିନ୍ନ ଜିଲ୍ଲାର ଅଧିକାଂଶ ଚାଷୀ ସମାନ ମତ ଦେଇଛନ୍ତି। ଏସମ୍ପର୍କରେ କାମଧେନୁ ଯୋଜନା ପରିଚାନଳା କରୁଥିବା ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଖୁଣ୍ଟିଆ କହିଛନ୍ତି ଯେ ଚାଷୀଙ୍କ ସବସିଡ଼ି ୧୫ ଦିନ ମଧ୍ୟରେ ମିଳିଯିବା କଥା । ମାତ୍ର ତାହା ବିଳମ୍ବ ହୋଇଛି। ଆମେ ଏଥିପାଇଁ ଏବେ ସିଧାସଳଖ ଏକ ଆପ୍ ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍ କରି ସବ୍‌ସିଡି ପ୍ରଦାନ କରିବାକୁ ଯୋଜନା କରୁଛୁ ବୋଲି ସେ କହିଛନ୍ତି । ମାତ୍ର ଚାଷୀଙ୍କୁ କେବେ ସବସିଡ଼ି ମିଳିବ ସେ ସମ୍ପର୍କରେ ସେ ସ୍ପଷ୍ଟ ଭାବରେ କିଛି କହିପାରିନାହାନ୍ତି ।

# ଆଜି ରଥକାଠ ଚିହ୍ନଟ ଅନୁକୂଳ ପୂଜା



ପୁରୀ/ନୟାଗଡ଼, ୨୯।୧୨ (ସମିସ): ୨୦୨୬ ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଗଣିଆର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ ଚିହ୍ନଟ ଓ କାଟିବା ଅନୁକୂଳ ହୋଇଥାଏ। ଏଥିଲାଗି

■ ନୟାଗଡ଼ ଗଲେ ୫ ଜଣିଆ ଟିମ୍
■ ଏଥର ଆସିବ ୮୧୮ ଖଣ୍ଡ କାଠ

ସୋମବାର ଅପରାହ୍ଣରେ ଦାରୁବିଗ୍ରହଙ୍କ ଲାଗି ଖଣ୍ଡୁଆ, ମାଳ, ମାହାର୍ଦ୍ଦ, ପତନୀ, ଧୂପ, ଦୀପ ନେଇ ଶ୍ରୀମନ୍ଦିରର ୫ ଜଣିଆ ଟିମ୍ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ରଥ ତତ୍ତ୍ୱାବଧାରକ ଚିତ୍ରସେନ ମହପାତ୍ରଙ୍କ ନେତୃତ୍ୱରେ ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ପ୍ରମୁଖ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ମଙ୍ଗଳବାର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ କଟା ଅନୁକୂଳ ହେବ।

ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୪୭ ଖଣ୍ଡ ବଳକା ରହିଛି। ବାକି ୮୧୮ ଖଣ୍ଡ କାଠ ଏଥର ଆସିବ। ଏହି କାଠ ମଧ୍ୟରୁ ଖପୁରିଆସ୍ଥିତ କରତ କଳକୁ ୪୦୨ ଖଣ୍ଡ ଏବଂ ରଥଖଳାକୁ ୪୧୬ଖଣ୍ଡ କାଠ ଆସିବ। ତତ୍ତ୍ୱାବଧାରକ ମହାପାତ୍ର କହିଛନ୍ତି, ରଥ ନିର୍ମାଣ ପାଇଁ ଅସନ, ଧଉରା, ଫାଶି, ଶିମିଳି କାଠ ଆସିଥାଏ। ଏଥର ୮୧୮ ଖଣ୍ଡ କାଠ ଆସିବ। ବସନ୍ତ ପଞ୍ଚମୀ ପୂର୍ବରୁ ୨ ଟ୍ରିପ୍ କାଠ ରଥଖଳାରେ ପହଞ୍ଚିବ। ପରମ୍ପରା ଅନୁଯାୟୀ, ସେଥିମଧ୍ୟରୁ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।

## ପ୍ରକାଶ ମହାନ୍ତି ହତ୍ୟା ମାମଲା

# ହାତୁଡ଼ିରେ ପିଟି ମାରିବା ପରେ ପୋତି ଦେଇଥିଲେ!

ବିନିକା, ୨୯।୧୨(ସମିସ): ବିନିକା ଏନ୍ଏସି ଅଧୀନ ଗୁଲାପଡ଼ା ଗ୍ରାମର ପ୍ରକାଶ ମହାନ୍ତି ହତ୍ୟା ମାମଲାରେ ବିନିକା ପୁଲିସ ଆଜି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ମୁଖ୍ୟ ଅଭିଯୁକ୍ତ ଅଜିତ ସେବକ ଓରଫ ମଣ୍ଟୁ (୩୩), ଲେନଗଟ ଓରଫ ଶେଖର ପଧାନ (୨୪), ତପୁନ ପଧାନ (୨୬)। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିରେ ସଂପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ଥିବା ଜଣାଯାଇଛି। ରାତ୍ରି ଭୋଜନ ପରେ କୌଣସି କାରଣକୁ ନେଇ ପ୍ରକାଶଙ୍କ ସହ ଅଭିଯୁକ୍ତମାନଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ଏକ ହାତୁଡ଼ିରେ ପ୍ରକାଶଙ୍କ ମୁଣ୍ଡକୁ ପିଟି ହତ୍ୟା କରିବା ପରେ ପୂର୍ବରୁ ଖୋଳା ହୋଇଥିବା ଏକ ଗାତରେ ପକାଇ ପୋତି ଦେଇଥିଲେ। ଆଜି ଅପରାହ୍ଣରେ ବିନିକା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଏହି ସୂଚନା ଦେଇଛନ୍ତି।

### ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ତଦନ୍ତ ପ୍ରକ୍ରିୟାକୁ ଜୋରଦାର୍ କରଯାଇଛି। ଖୁବ୍‌ଶୀଘ୍ର ହତ୍ୟାର କାରଣ ପର୍ଦ୍ଦାଫାସ ହେବ ବୋଲି ଏସଡିପିଓ ସୂଚନା ଦେଇଛନ୍ତି।

ଏସ୍‌ଡିପିଓଙ୍କ ସୂଚନାନୁସାରେ, ୧୮ ତାରିଖ ସନ୍ଧ୍ୟାରୁ ପ୍ରକାଶ ନିଖୋଜ ଥିବା ନେଇ ତାଙ୍କ ସ୍ତ୍ରୀ ବନିତା ମହାନ୍ତି ୨୩ ତାରିଖରେ



ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ତରଫରୁ ତଦନ୍ତ ଚାଲିଥିବା ବେଳେ ପୁନର୍ବାର ସ୍ତ୍ରୀ ବନିତା ତାଙ୍କ ସ୍ୱାମୀଙ୍କୁ ତାଙ୍କ ସହଯୋଗୀମାନେ ହତ୍ୟା କରି ମାଟିରେ ପୋତି ଦେଇଥିବା ଅଭିଯୋଗ ଆଣିଥିଲେ। ପରେ ମୃତ ପ୍ରକାଶଙ୍କ ସହ କାମ କରୁଥିବା ସହଯୋଗୀମାନଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ। ପଚରାଉଚରା ପରେ ପରେ ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ ହୋଇଥିଲା। ରବିବାର ମୃତ ପ୍ରକାଶର ଜଣେ ସହଯୋଗୀକୁ ଧରି ପୁଲିସ ଘଟଣାସ୍ଥଳ କୁଲେର ଯୋର ନିକଟ ନାଳକୁ ଯାଇ ମାଟିରେ ପୋତା ହୋଇଥିବା ପ୍ରକାଶର ଶବକୁ ଉଦ୍ଧାର କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ବିନିକା ଥାନା ଅଧିକାରୀ ସତ୍ୟନାରାୟଣ ନାୟକ, ଏସ୍ଆଇ ପ୍ରସନ୍ନଜିତ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣାଧୀନ କାନ୍ଥ ପଡ଼ି ଶ୍ରମିକ ମୃତ

ବାଲେଶ୍ୱର,୨୯।୧୨(ସମିସ): ବାଲେଶ୍ୱର ଟାଉନ୍ ଥାନା ଅନ୍ତର୍ଗତ କଂଗ୍ରେସ ଗଳିରେ ନିର୍ମାଣଧୀନ ଘରର କାନ୍ଥ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଚାନ୍ଦିପୁର ଥାନା ସାହାର୍ଦ୍ଦା ଗ୍ରାମର ବାବୁଲି ପାତ୍ର। କଂଗ୍ରେସ ଗଳିରେ ଏକ ଘର ନିର୍ମାଣ କାମ ଚାଲୁଥିଲା। ସେହି ସମୟରେ ହଠାତ୍ ଉକ୍ତ କାନ୍ଥଟି ବାବୁଲିଙ୍କ ଉପରେ ପଡ଼ିଯାଇଥିଲା। ତୁରନ୍ତ ଅନ୍ୟ ଶ୍ରମିକଙ୍କ ସହଯୋଗରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟଜଣେ ଶ୍ରମିକ ମଧ୍ୟ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିଛନ୍ତି। ଏନେଇ ଟାଉନ୍ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବର୍ଷେ ହେଲା ସରୁନି ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା

## ଓଏସ୍ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଆ ଶିକ୍ଷକ ଆଶାୟୀଙ୍କ ଆନ୍ଦୋଳନ



ଭୁବନେଶ୍ୱର, ୨୯।୧୨ (ସମିସ): ଦୀର୍ଘ ବର୍ଷେ ପରେ ମଧ୍ୟ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ନିଯୁକ୍ତି ସରିଲା ନାହିଁ। ପିସିଏମ୍, ସିବିଜେଡ୍, ପିଇଟି, ଓଡ଼ିଆ, ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଗୋଟିଏ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ସମାନ ସମୟରେ ନିଯୁକ୍ତି ଦେବାରେ ସରକାର ବିଫଳ ହୋଇଛନ୍ତି। ବିଜ୍ଞପ୍ତି ଓ ପରୀକ୍ଷା ପରିଚାଳନାରେ ଏକାଧିକ ତ୍ରୁଟି ପାଇଁ ଆଶାୟୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହେଉଥିବାରୁ ପ୍ରକ୍ରିୟା ସରିପାରୁନାହିଁ। ପିସିଏମ୍, ସିବିଜେଡ୍ ପିଲା ନିଯୁକ୍ତି ପାଇ ସାରିଥିବା ବେଳେ ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଦିନ ପିଇଟି ଶିକ୍ଷକମାନେ ନିଯୁକ୍ତି ପାଇବେ। ମାତ୍ର ଅନ୍ୟ ସମସ୍ତ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା କେବେ ସରିବ, ସେ ନେଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍‌ସି) ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନି। ଫଳରେ ଓଡ଼ିଶା ଶିକ୍ଷକ ଆଶାୟୀମାନେ ସୋମବାର ଓଏସ୍ଏସ୍‌ସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପରୀକ୍ଷା ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି କରିଛନ୍ତି।

ଓଡ଼ିଆ ଶିକ୍ଷକ ଆଶାୟୀଙ୍କ ଅଭିଯୋଗ ଅନୁଯାୟୀ, ପରୀକ୍ଷା ସରିବା ପରେ ଗତ ୩ ତାରିଖରେ ଆନ୍‌ସାର୍-କୀ ପ୍ରକାଶ ପାଇଥିଲା। କୌଣସି ଉତ୍ତରକୁ ନେଇ ଆପତ୍ତି ଥିଲେ, ପରୀକ୍ଷାର୍ଥୀଙ୍କୁ ଆବେଦନ ପାଇଁ ସୁଯୋଗ ମିଳିଥିଲା। ସେମାନେ ମଧ୍ୟ ସମୟସୀମା ମଧ୍ୟରେ ଆବେଦନ କରିଥିଲେ। ଏହାପରେ ଗତ ୧୮ ତାରିଖରେ ଚୂଡ଼ାନ୍ତ ଆନ୍‌ସାର୍-କୀ ପ୍ରକାଶ ପାଇଥିଲା। ହେଲେ ପୁଣିଥରେ ଆପତ୍ତି କରିବାକୁ ସୁଯୋଗ ଦେଇ ଓଏସ୍ଏସ୍‌ସି ପ୍ରକ୍ରିୟାକୁ ବିଳମ୍ବିତ କରୁଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଆସନ୍ତାକାଲି ପିଇଟି ଶିକ୍ଷକମାନେ ନିଯୁକ୍ତି ପାଇବାକୁ ଯାଉଥିବା ବେଳେ ସେମାନଙ୍କ ପ୍ରକ୍ରିୟା ମଧ୍ୟ ତୁରନ୍ତ ସାରିବାକୁ ଦାବି କରିଛନ୍ତି। ଆଜି ହିଁ ପ୍ରମାଣପତ୍ର ଯାଞ୍ଚ ପାଇଁ ତାଲିକା ପ୍ରକାଶ କରିବାକୁ ଦାବି କରିବା ସହ ଓଏସ୍ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବହୁ ଓଡ଼ିଆ ଶିକ୍ଷକ ଆଶାୟୀ ଆନ୍ଦୋଳନ କରିଛନ୍ତି। ସମସ୍ୟାର ସମାଧାନ କରାନଗଲେ, ଆଗକୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଠିକାଦାରଙ୍କ ଘରୁ ଲୁଟିନେଲେ ଟଙ୍କା, ସୁନା

ବ୍ରହ୍ମପୁର,୨୯।୧୨(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି କୋଣାର୍କନଗର ଦ୍ୱିତୀୟ ଲାଇନରେ ଥିବା ଏକ ତାଲାବନ୍ଦ ଘରୁ ବଡ଼ଧରଣର ଚୋରି ହୋଇଛି। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଠିକାଦାର ସୀମାଞ୍ଚଳ ପାତ୍ର ଙ୍କ ଘରୁ ନଗଦ ୬ ଲକ୍ଷ ଟଙ୍କା ଏବଂ ୩୦ ଭରି ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନାନୁସାରେ, ପରିବାରଲୋକଙ୍କ ସହ ସୀମାଞ୍ଚଳ ସପ୍ତାହ ତଳେ କୌଣସି କାମରେ ବ୍ରହ୍ମପୁର ବାହାରକୁ ଯାଇଥିଲେ। ଗତକାଲି ଘରର ତାଲା ଭଙ୍ଗାଯାଇଥିବା ନେଇ ସୀମାଞ୍ଚଳଙ୍କ ପଡ଼ୋଶୀ ଲୋକେ ତାଙ୍କୁ ଫୋନ କରି ଜଣାଇଥିଲେ। ପରେ ସୀମାଞ୍ଚଳ ତାଙ୍କ ସମ୍ପର୍କୀୟ ରାଜେଶ ପଣ୍ଡାଙ୍କୁ କହିବା ପରେ

### ନଗଦ ୬ଲକ୍ଷ ଟଙ୍କା ଓ ୩୦ଭରି ସୁନା ଅଳଙ୍କାର ଚୋରି

ସେ କୋଣାର୍କନଗର ୨ୟ ଲାଇନସ୍ଥିତ ସୀମାଞ୍ଚଳଙ୍କ ଘରେ ପହଞ୍ଚିଥିଲେ। ଭିତରକୁ ଯାଇ ଯାଞ୍ଚ ବେଳେ ଘରର ମୁଖ୍ୟ କବାଟର ତାଲା ଭଙ୍ଗାଯିବା ପରେ ଭିତରେ ଥିବା ଆଲମିରାର ତାଲା ଭଙ୍ଗା ଯାଇଥିବା ଜଣାପଡ଼ିଥିଲା। ଘର ଭିତରେ ଆସବାବପତ୍ର ଏପଟସେପଟ ହୋଇ ପଡ଼ିଥିବା ବେଳେ ଲକର୍‌ରେ ରଖାଯାଇଥିବା ନଗଦ ୬ ଲକ୍ଷ ଟଙ୍କା ଏବଂ ୩୦୦ ଗ୍ରାମ ସୁନା ଅଳଙ୍କାର ଗାଏବ ଥିଲା। କୌଣସି ଦୁର୍ବୃତ୍ତ ଘରୁ ସୁନା ଓ ଟଙ୍କା ଚୋରି କରି ଚମ୍ପଟ ମାରିଥିବା ଜଣାପଡ଼ିଥିଲା। ରାଜେଶଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଆସନ୍ତାକାଲି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରାଯିବ ବୋଲି କୁହାଯାଇଛି।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ପରେ ସମ୍ପତ୍ତି ମ୍ୟୁଟେସନ୍ ପ୍ରମାଣପତ୍ରରେ ମଧ୍ୟ ବଦଳିବ ଲିଙ୍ଗ

କଟକ,୨୯।୧୨(ସମିସ): ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ପରେ ସମ୍ପତ୍ତି ମ୍ୟୁଟେସନ୍ ପ୍ରମାଣପତ୍ରରେ ମଧ୍ୟ ଲିଙ୍ଗ ପରିବର୍ତ୍ତନ କରାଯିବ ବୋଲି ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅସ୍ତ୍ରୋପଚାର କରି ମହିଳାରୁ ପୁରୁଷକୁ ଲିଙ୍ଗ ପରିବର୍ତ୍ତନ କରିଥିବା ହେତୁ ସମ୍ପତ୍ତି ମ୍ୟୁଟେସନ୍ ପ୍ରମାଣପତ୍ରରେ ତାଙ୍କର ନାମ ଏବଂ ଲିଙ୍ଗ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଅଗସ୍ତ୍ୟ ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ରାୟ ଶୁଣାଇଛନ୍ତି।

ଟ୍ରାନ୍ସଜେଣ୍ଡର୍ (ଅଧିକାର ସୁରକ୍ଷା) ନିୟମ, ୨୦୨୦ର ନିୟମ-୬ ଅନୁଯାୟୀ, ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷ ଆଇନ ଅନୁସାରେ ଆବେଦନକାରୀଙ୍କ ସପକ୍ଷରେ ପ୍ରମାଣପତ୍ର, ପରିଚୟପତ୍ର, ପ୍ୟାନ୍‌କାର୍ଡ, ପାସପୋର୍ଟ ଏବଂ ଆଧାର କାର୍ଡ ଜାରି କରିଛନ୍ତି। ଯେଉଁଥିରେ ଆବେଦନକାରୀଙ୍କ ଲିଙ୍ଗ ମହିଳାରୁ ପୁରୁଷ ତଥା ନାମ ସ୍ୱାଗିତିକା ଦାସରୁ ଅଗସ୍ତ୍ୟ ଦାସ ହୋଇଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

ମାମଲାରୁ ପ୍ରକାଶ, ଆବେଦନକାରୀଙ୍କ 'ଜେଣ୍ଡର୍ ଡିସଫୋରିକ୍ ସିଣ୍ଡ୍ରୋମ୍' ରୋଗ ଚିହ୍ନଟ କରାଯାଇଥିଲା। ଯାହା ପାଇଁ ତାଙ୍କର କିଛି ଅଂଶରେ ଥିବା ମହିଳା ଯୌନାଙ୍ଗକୁ ଅପସାରଣ କରିବା ପାଇଁ ଲାପାରୋସ୍କୋପିକ୍ ଅସ୍ତ୍ରୋପଚାର ହୋଇଥିଲା। ସଫଳଭାବେ ତାଙ୍କର ଲିଙ୍ଗ ମହିଳାରୁ ପୁରୁଷକୁ ପରିବର୍ତ୍ତନ ପ୍ରମାଣିତ କରୁଥିବା ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅସ୍ତ୍ରୋପଚାର ପରେ ଜିଲ୍ଲା ମାଜିଷ୍ଟ୍ରେଟ୍ ତାଙ୍କୁ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପ୍ରମାଣପତ୍ର ଆଧାରରେ ଆବେଦନକାରୀ ଆଧାର କାର୍ଡ, ପ୍ୟାନ୍ କାର୍ଡ ପାସପୋର୍ଟ ଇତ୍ୟାଦି ସମସ୍ତ ସରକାରୀ ଦସ୍ତାବିଜ୍‌ରୁ ତାଙ୍କର ନାମ ପରିବର୍ତ୍ତନ କରିପାରିଥିଲେ। ସେ ଏ ସମ୍ପର୍କରେ ଏକ ଗେଜେଟ୍ ପ୍ରକାଶନ ମଧ୍ୟ କରିଥିଲେ ଏବଂ ଏକ ଖବରକାଗଜ ପ୍ରକାଶନ ମାଧ୍ୟମରେ ମଧ୍ୟ ଏହାକୁ ସୂଚିତ କରିଥିଲେ। ସେ ତାଙ୍କ ଜେଜଙ୍କଠାରୁ ଉତ୍ତରାଧିକାରୀ ଭାବେ ପାଇଥିବା ଏକ ସମ୍ପତ୍ତିର ମ୍ୟୁଟେସନ୍ ପ୍ରମାଣପତ୍ରରେ ତାଙ୍କ ନାମ ଏବଂ ଲିଙ୍ଗ ପରିବର୍ତ୍ତନ କରିବାକୁ ସାଧାରଣ ପ୍ରଶାସନ ବିଭାଗର ଇଷ୍ଟେଟ୍ ନିର୍ଦ୍ଦେଶକଙ୍କୁ ଆବେଦନ କରିଥିଲେ। କିନ୍ତୁ ଏହା ପ୍ରତ୍ୟାଖାନ ହେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଭିନ୍ନ ନିୟମାବଳୀ ଓ ରାୟକୁ ଦୃଷ୍ଟାନ୍ତ ଭାବେ ଗ୍ରହଣ କରି ଆବେଦନକାରୀଙ୍କ ନାମ ସମ୍ପତ୍ତିର ମ୍ୟୁଟେସନ୍ ପ୍ରମାଣପତ୍ରରେ 'ସ୍ୱାଗତିକା ଦାସ'ରୁ 'ଅଗସ୍ତ୍ୟ ଦାସ' ଏବଂ ସେଥିରେ ପୂର୍ବଜଙ୍କ ସହ ସମ୍ପର୍କ ନାତୁଣୀରୁ ନାତିକୁ ପରିବର୍ତ୍ତନ ପ୍ରକ୍ରିୟା ୧୫ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ଦିଲ୍ଲୀ କର୍ତ୍ତବ୍ୟପଥରେ ଗଡ଼ିବ ଓଡ଼ିଶା ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର, ୨୯।୧୨(ସମିସ): ଆଗାମୀ ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଗଡ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼। 'ସମୃଦ୍ଧିର ମନ୍ତ୍ର ଆତ୍ମନିର୍ଭର ଭାରତ' ବିଷୟବସ୍ତୁ ଆଧାରରେ ହେବାକୁ ଥିବା ଏହି ପ୍ରଜ୍ଞାପନ ମେଢ଼ରେ



■ ବିଶ୍ୱ ଦେଖିବ ଆତ୍ମନିର୍ଭର ଭାରତ ଗଠନରେ ଓଡ଼ିଶାର ଅବଦାନ
■ ଝଲସିବ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ, ପରମ୍ପରା

ଆତ୍ମନିର୍ଭର ଭାରତ ଗଠନ କ୍ଷେତ୍ର (କୃଷିରୁ ସେମିକଣ୍ଡକ୍ଟର୍ ପର୍ଯ୍ୟନ୍ତ)ରେ ଓଡ଼ିଶାର ଅବଦାନ ଦେଖିବାକୁ ମିଳିବ। ଓଡ଼ିଶାର କୃଷି ଓ ସାଂସ୍କୃତିକ ସମୃଦ୍ଧିରୁ ଆରମ୍ଭ କରି ଆଧୁନିକ ଶିଳ୍ପ, ଦକ୍ଷତା ବିକାଶ ଏବଂ ନବସୃଜନ ଓ ପ୍ରଯୁକ୍ତିର ଏକ ସମ୍ମିଳିତ ଦୃଶ୍ୟ ଏହି ପ୍ରଜ୍ଞାପନ ମେଢ଼ରେ ସ୍ଥାନ ପାଇବ।

ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ଓଡ଼ିଶା କିପରି ତାହାର ପ୍ରାକୃତିକ ସମ୍ପଦ, ସାଂସ୍କୃତିକ ଐତିହ୍ୟ, ମାନବସମ୍ବଳ ଏବଂ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନକୁ ଇନ୍ଧନ ପ୍ରଦାନ କରୁଛି, ତାହା ପ୍ରଦର୍ଶିତ ହେବ। ମେଢ଼ର ବିଭିନ୍ନ ଅଂଶରେ କୋରାପୁଟ କଫିରୁ ଆରମ୍ଭ କରି ସିଲିକନ୍ ସେମିକଣ୍ଡକ୍ଟର୍ ପର୍ଯ୍ୟନ୍ତ ନିରନ୍ତର ଯାତ୍ରାକୁ ଉପସ୍ଥାପନ କରାଯିବ। ସମ୍ବଲପୁରୀ ବସ୍ତ୍ର ଦ୍ୱାରା ଆଚ୍ଛାଦିତ ମେଢ଼ର ଉଭୟ ପାର୍ଶ୍ୱରେ ପାରମ୍ପରିକ ଜନଜାତି ଚିତ୍ରକଳା ଉପରେ ରୁପା ତାରକସୀ କାରୁକାର୍ଯ୍ୟ, ଓଡ଼ିଶାର ଗଭୀର ସାଂସ୍କୃତିକ ପରିଚୟ ଏବଂ ଉତ୍କୃଷ୍ଟ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରାଯିବ। ଏହାର ଲାଇଭ ଡେମୋନଷ୍ଟ୍ରେସନ୍ ମଧ୍ୟ ଦେଖିବାକୁ ମିଳିବ।

ଉଲ୍ଲେଖଯୋଗ୍ୟ, ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ମାଧ୍ୟମରେ ମହିଳା ସଶକ୍ତୀକରଣକୁ ନେଇ ଗତ ୨୦୨୪ରେ ପ୍ରଦର୍ଶିତ ଓଡ଼ିଶାର ପ୍ରଜ୍ଞାପନ ମେଢ଼ କର୍ତ୍ତବ୍ୟପଥରେ ପରାକାଷ୍ଠା ପ୍ରଦର୍ଶନ କରି ସମଗ୍ର ଦେଶରେ ପ୍ରଥମ ସ୍ଥାନ ହାସଲ କରିଥିଲା।।

## କମ୍ପାନୀକୁ ବିଜୁଳି ଟିକସରେ ଅନୁକମ୍ପାର ପ୍ରତିବାଦ

# ଟାଟା ପାୱାର କାର୍ଯ୍ୟାଳୟରେ ତାଲା ଝୁଲାଇଲା କଂଗ୍ରେସ

ଭୁବନେଶ୍ୱର,୨୯।୧୨(ସମିସ): ଟାଟା ପାୱାର ଉପଭୋକ୍ତାଙ୍କୁ ବେନିୟମ ସୁରକ୍ଷା ରାଶି ଜମା କରିବା ତଥା ଘରୋଇ ଓ କୃଷିକ୍ଷେତ୍ରକୁ ମାଗଣା ବିଜୁଳି ପ୍ରଦାନ କରିବା ଦାବିକୁ ଜୋର୍‌ଦାର କରିଛି ରାଜ୍ୟ କଂଗ୍ରେସ। ସରକାର ନିର୍ବାଚନ ସମୟରେ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦେବେ ବୋଲି ନିର୍ବାଚନୀ ସଭାରେ କହିଥିଲେ। ମାତ୍ର ଏହା ବଦଳରେ ବର୍ତ୍ତମାନ ଅତିରିକ୍ତ ସୁରକ୍ଷା ଜମା ନାମରେ ଘରୋଇ ଉପଭୋକ୍ତାମାନଙ୍କ ଉପରେ

### ବେନିୟମ ଟିକସ ଓ ମାଗଣା ବିଦ୍ୟୁତ୍ ଦାବିରେ ବିକ୍ଷୋଭ

ଆର୍ଥିକ ବୋଝ ଲଦି ଦିଆଯାଉଛି। ଏଭଳି ଅଭିଯୋଗ କରି ଆଜି ରାଜ୍ୟର ସବୁ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ଟାଟା ପାୱାର୍ ଅଫିସ୍‌ରେ ତାଲା ପକାଯାଇଛି।

ଏହିକ୍ରମରେ ଭୁବନେଶ୍ୱର ପାୱାର ହାଉସ ଛକ ନିକଟସ୍ଥ ଟାଟା ପାୱାର ଅଫିସ ଆଗରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପିସିସି ସଭାପତି ତଥା କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିକ୍ଷୋଭ



ପ୍ରଦର୍ଶନ କରାଯାଇଛି। ପରେ ସେଠାରୁ ଏକ ପଦଯାତ୍ରାରେ ଟାଟା ପାୱାର ଅଫିସକୁ ଯାଇ ଅଫିସ ଗେଟରେ ପିସିସି ସଭାପତି ତାଲା ପକାଇଥିଲେ।

ବିକ୍ଷୋଭ ପ୍ରଦର୍ଶନ ସଭାରେ ଶ୍ରୀ ଦାସ କହିଲେ ଲୋକଙ୍କ ଘରେ ବିଜୁଳି ବତୀ ଜଳୁ ନ ଥିବାବେଳେ ସରକାର କଳକାରଖାନାକୁ ଲକ୍ଷେ କୋଟି ଟଙ୍କାର ବିଜୁଳି ଦେଇ ଅନୁକମ୍ପା ପ୍ରଦର୍ଶନ କରୁଛି। ଖାଦ୍ୟ-ବସ୍ତ୍ର-ବାସଗୃହ ଭଳି ବିଜୁଳି ଏବେ ଲୋକଙ୍କର ଏକ ମୌଳିକ ଆବଶ୍ୟକତା ପାଲଟିଛି। ଏହାର ଯୋଗାଣ ବନ୍ଦ ହେଲେ ଜନଜୀବନ ଠପ ହୋଇଯିବ। ତେଣୁ ସରକାର ବିନା ମୂଲ୍ୟରେ ବିଜୁଳି ଯୋଗାଇ ଦିଅନ୍ତୁ। ଅନ୍ୟ ରାଜ୍ୟର ସରକାର କୃଷକମାନଙ୍କୁ ବିଜୁଳି ଦେୟ ଛାଡ଼ କରୁଥିବାବେଳେ ଓଡ଼ିଶାରେ କୌଣସି ଛାଡ଼ ନାହିଁ। ଏଭଳି ସ୍ଥଳେ ରାଜ୍ୟରେ କୃଷିର ଉନ୍ନତି କିଭଳି ହେବ ଏବଂ ଚାଷୀ କିପରି ହସିବ ବୋଲି ଶ୍ରୀ ଦାସ ପ୍ରଶ୍ନ ପଚାରିଥିଲେ। ତେଣୁ ସୁରକ୍ଷା ରାଶି ଡିମାଣ୍ଡ ପ୍ରତ୍ୟାହାର, ଘରୋଇ ଉପଭୋକ୍ତା ଓ କୃଷକଙ୍କୁ ମାଗଣା ବିଜୁଳି ଯୋଗାଣ ନ ହେବା ପର୍ଯ୍ୟନ୍ତ ପୁରପଲ୍ଲୀରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ଟାଟା ପାୱାର ଅନ୍ୟ ରାଜ୍ୟରେ କମ୍ପାନୀକୁ ୟୁନିଟ୍ ପିଛା ବିଜୁଳି ୮ ଟଙ୍କାରେ ବିକ୍ରି କରୁଥିବା ବେଳେ ଓଡ଼ିଶାରେ ୪ ଟଙ୍କା ୫୦ ପଇସାରେ ଯୋଗାଉଛି। ଓଇଆରସି ଓ ଟାଟା ପାୱାର ମଧ୍ୟରେ ଗୁପ୍ତ ବୁଝାମଣା ଯୋଗୁଁ ସାଧାରଣ ଜନତାଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ତେଣୁ ଜନତା ଏବଂ କୃଷକଙ୍କୁ ଅନ୍ୟ ରାଜ୍ୟ ଭଳି ମାଗଣା ବିଜୁଳି ଯୋଗାଣ କରିବାକୁ କଂଗ୍ରେସ ଦାବି କରୁଛି ବୋଲି ଶ୍ରୀ ଜେନା କହିଛନ୍ତି।

ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ସରକାରଙ୍କୁ ସମାଲୋଚନା କରିବା ସହ ଯଦି ସରକାର ବିଜୁଳି ମାଗଣାରେ ଦେବେ ନାହିଁ, ତେବେ ସରକାରକୁ ଶାନ୍ତିରେ ରହିବାକୁ ଦେବୁ ନାହିଁ ବୋଲି ଚେତାବନୀ ଦେଇଥିଲେ। ବିକ୍ଷୋଭ ପ୍ରଦର୍ଶନରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ଅନନ୍ତ ପ୍ରସାଦ ସେଠୀ, କିଶୋର ଜେନା, ଅରବିନ୍ଦ ଦାସ, ପବିତ୍ର ସାଉଁଟାଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ।

# କେବେ ସରିବ ବଲାଙ୍ଗିର ସାଇନ୍ସପାର୍କ ଓ ପ୍ଲାନେଟୋରିୟମ କାମ

## ବିଭାଗୀୟ ମନ୍ତ୍ରୀ ଥାଇ ବି ଗୁରୁତ୍ୱ ନାହିଁ

## ବିଜେଡି ସମୟରେ ୨୫ କୋଟି ଅନୁଦାନରେ ଆରମ୍ଭ ହୋଇଥିଲା



ବଲାଙ୍ଗିର,୨୯ ।୧୨(ସମିସ): କେବେ ସରିବ ବଲାଙ୍ଗିରରେ ନିର୍ମାଣାଧୀନ ଥିବା ସାଇନ୍ସପାର୍କ ଓ ପ୍ଲାନେଟୋରିୟମ କାମ। ବର୍ଷ ପରେ ବର୍ଷ ବିତୁଛି କିନ୍ତୁ କାମ ସରୁନାହିଁ। କାମ ବିଳମ୍ବିତ ହେଉଥିଲେ ବି ବର୍ତ୍ତମାନର ସରକାରଙ୍କ ଧ୍ୟାନ ନାହିଁ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ବଲାଙ୍ଗିର ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବାବେଳେ ସେ ମଧ୍ୟ ଏହି କାମକୁ ବିଶେଷ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ବିଜେଡି ସରକାର ସମୟରେ ପ୍ରତି ଜିଲ୍ଲାରେ ସାଇନ୍ସପାର୍କ ଓ ପ୍ଲାନେଟୋରିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହିକ୍ରମରେ ୨୦୧୯ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜେନ୍ଦ୍ର କଲେଜର ୭୫ବର୍ଷ ପୂର୍ତ୍ତି ପାଳନ ଉତ୍ସବରେ ଯୋଗଦେଇ ବଲାଙ୍ଗିରରେ ସାଇନ୍ସପାର୍କ ଓ ପ୍ଲାନେଟୋରିୟମ ନିର୍ମାଣ ପାଇଁ ଘୋଷଣା କରିଥିଲେ। ଏହାକୁ ନିର୍ମାଣ କରିବା ପାଇଁ ୨୫ କୋଟି ଟଙ୍କାର ଅନୁଦାନ ମଧ୍ୟ ଘୋଷଣା କରିଥିଲେ। ବଲାଙ୍ଗିର ସୂର୍ଯ୍ୟନଗରଠାରେ ୧୦ ଏକର ଜମିରେ ଏହାର ନିର୍ମାଣ କାମ ଆରମ୍ଭ ହୋଇଥଲା। କିନ୍ତୁ ତାହା ଚାରିବର୍ଷ ହେଲା ଚାଲିଛି। କେବେ ସରିବ ତାହା କହିବା ମୁସ୍କିଲ। ସାଇନ୍ସପାର୍କ ଓ ପ୍ଲାନେଟୋରିୟମ ନିର୍ମାଣ କରିବା ପାଇଁ ଜିଲ୍ଲା ପ୍ରଶାସନ ଜମି ଚିହ୍ନଟ କରି ବିଭାଗକୁ ପ୍ରଦାନ କରିଥିଲା। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ-ଶାସ୍ତ୍ରୀନଗରକୁ ସଂଯୋଗ କରୁଥିବା ରାସ୍ତାରେ ଏହା ନିର୍ମାଣ ଚାଲିଛି। ଛାତ୍ରଛାତ୍ରୀମାନଙ୍କୁ ଅଧିକ ବିଜ୍ଞାନ ସୂଚନା ପ୍ରଦାନ କରିବା, ବିଜ୍ଞାନକୁ ପାଖରୁ ଅନୁଭବ କରି ତାକୁ ଶିକ୍ଷାରେ ବିନିଯୋଗ କରିବା ଲକ୍ଷ୍ୟରେ ଏହା ନିର୍ମାଣ କରାଯାଉଛି। ପ୍ରାୟ ୧୦ ଏକର ଜମି ରେ ଏହାକୁ ନିର୍ମାଣ କରାଯାଉଥିବା ବେଳେ ଏହାକୁ ଏନବିସିସି ନିର୍ମାଣ କରୁଥିବା ଜଣାପଡ଼ିଛି। ତେବେ କାମ କରୁଥିବା ସଂସ୍ଥାର ମନମୁଖୀ କାରବାର ଯୋଗୁଁ ଏହାର ନିର୍ମାଣ କାମ ମନ୍ଥର ଗତିରେ ଚାଲିଥିବା ବେଳେ ଏହାର ସମୀକ୍ଷା ମଧ୍ୟ କେହି କରୁ ନ ଥିବା ଅଭିଯୋଗ ହୋଇଛି। ରାଜ୍ୟରେ ସରକାର ବଦଳିବା ପରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ବଲାଙ୍ଗିର ଜିଲ୍ଲା ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ରହିଛନ୍ତି। କିନ୍ତୁ ଦୁର୍ଭାଗ୍ୟ ସେ ମଧ କେବେ ଏହି କାମକୁ ସେତେଟା ଗୁରୁତ୍ୱ ଦେଉଥିବା ମାନେ ହେଉନାହିଁ। ଆଶ୍ଚର୍ଯ୍ୟର ବିଷୟ ହେଉଛି ନିଜେ ଏହି ସାଇନ୍ସପାର୍କ ଓ ପ୍ଲାନେଟୋରିୟମ ବଲାଙ୍ଗିରରେ ନିର୍ମାଣ କରିବା ପାଇଁ ବିରୋଧୀ ଦଳରେ ବିଧାୟକ ଥିବା ସମୟରେ ଦାବି କରିଥିଲେ। ବର୍ତ୍ତମାନ ନିଜେ ସେହି ବିଭାଗର ମନ୍ତ୍ରୀ କିନ୍ତୁ କାଳେ ଅନ୍ୟ କେହି ଶ୍ରେୟ ନେଇଯିବ ସେହି ଭୟ ରେ ଏହାକୁ ଗୁରୁତ୍ୱ ଦେଉନଥିବା ଲୋକେ ଅଭିଯୋଗ କରିଛନ୍ତି। କାମ କରୁଥିବା ସଂସ୍ଥା ନାମରେ ନିର୍ମାଣ କାମକୁ ନେଇ ଅନେକ ଅଭିଯୋଗ ରହିଥିବା ସତ୍ତ୍ୱେ ଏହି କାମ ଉକ୍ତ ସଂସ୍ଥାକୁ ଦିଆଯାଇଛି। ଶୀଘ୍ର ଏହି ନିର୍ମାଣ କାମ ସାରିବାକୁ ଦାବି ହେଉଛି।

# ମଦନମୋହନ ରଥଙ୍କୁ 'ସୁନାଫୁଲ ନିର୍ମଳାଦର୍ଶ ଶିଶୁ ସାହିତ୍ୟ ସମ୍ମାନ'



ବଲାଙ୍ଗିର,୨୯ ।୧୨(ସମିସ): ରାଉରକେଲାର ରିମ୍ସ କଲେଜର ସଭାକକ୍ଷରେ ଓଡିଶା ସାହିତ୍ୟ ଏକାଡେମୀ ଓ ସଂସ୍କୃତି ବିଭାଗ ଏବଂ ସୁନାଫୁଲ ସାହିତ୍ୟ ସଂସଦର ମିଳିତ ଉଦ୍ୟମରେ ଏକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାରୋହରେ ସଭାପତି ମହେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଉରକେଲା ବିଧାୟକ ସାଦରଦା ପ୍ରଶନ୍ନ ନାୟକ ମୁଖ୍ୟ ଅତିଥି, ବିଶିଷ୍ଟ ସାହିତ୍ୟିକ ତ୍ରିଲୋଚନ ମଥାନ ମୁଖ୍ୟବକ୍ତା ଓ ଅକ୍ଷରର ସମ୍ପାଦକ ହୃଷିକେଶ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ସମାରୋହରେ ଓଡ଼ିଶାର ସାତ ଜଣ ସାରସ୍ୱତ ସାଧକଙ୍କୁ ସମ୍ମାନିତ କରାଯାଇଥିଲା। ସେଥିମଧ୍ୟରେ ବଲାଙ୍ଗିରର ଶିଶୁ ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସଭାପତି, ମଠଖାଇ ଶିଶୁ ପତ୍ରିକାର ସମ୍ପାଦକ ମଦନ ମୋହନ ରଥଙ୍କୁ ଶିଶୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ସୁନାଫୁଲ ନିର୍ମଳାଦର୍ଶ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ପାର୍ବଣରେ ଟିକି ଟିକି ସୁନାଫୁଲ ପତ୍ରିକାର ବିଶେଷ ସଂଖ୍ୟା ୨ ଉନ୍ମୋଚନ ହୋଇଥିଲା। ସଂପାଦକ ସୁନୀଲ କୁମାର ମହାନ୍ତି ପରିଚାଳନା କରିଥିଲେ।

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି କଣ୍ଟାବାଞ୍ଜି ବସ୍‌ଷ୍ଟାଣ୍ଡ

## ଥାନାର ଦ୍ୱାରସ୍ଥ ହେଲା ନାଗରିକ କମିଟି

 କଣ୍ଟାବାଞ୍ଜି,୨୯ ।୧୨(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବସ୍‌ଷ୍ଟାଣ୍ଡ ଠାରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବସ୍‌ଷ୍ଟାଣ୍ଡ। ତେଣୁ ଏନେଇ କଣ୍ଟାବାଞ୍ଜି ନାଗରିକ କମିଟି କଣ୍ଟାବାଞ୍ଜି ଥାନାର ଦ୍ୱାରସ୍ଥ ହୋଇ ଥାନା ଅଧିକାରୀ ଗୋପାଳଚନ୍ଦ୍ର କର୍ଣ୍ଣଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। କଣ୍ଟାବାଞ୍ଜି କଲେଜ, ବଙ୍ଗୋମୁଣ୍ଡା, ତୁରେକେଲା, ଗୁଡିଘାଟ, ମୁରିବାହାଲ ଭଳି ଅନେକ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ଗମନାଗମନ ସୁବିଧା ଥିବା ଯୋଗୁଁ ଏହି ବସ୍‌ଷ୍ଟାଣ୍ଡ ଉପରେ ନିର୍ଭରଶୀଳ କରନ୍ତି।



ଏଠାରେ ବାହାର ଅଞ୍ଚଳର ବସ୍ କର୍ମଚାରୀମାନେ ରାତିରେ ବିଶ୍ରାମ କରନ୍ତି। ତେବେ ସମସ୍ତଙ୍କଠାରୁ ଲୁଟ କରିବା ପାଇଁ ଅସାମାଜିକ ଯୁବକମାନେ ମରଣାନ୍ତକ ଅସ୍ତ୍ର ଦେଖାଇ ଟଙ୍କା ଓ ସାମଗ୍ରୀ ଲୁଟ୍ କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କଣ୍ଟାବାଞ୍ଜି ବସଷ୍ଟାଣ୍ଡ ରେ ଥିବା ଅନେକ ସରକାରୀ ଷ୍ଟଲରେ ମଧ୍ୟ ମଦ ଗଞ୍ଜେଇ ଭଳି ଅନେକ ନିଶାଦ୍ରବ୍ୟ ବିକ୍ରି ହେଉଛି ତେବେ ସେହି ଉପରେ ପ୍ରଶାସନ କାହିଁକି ନିରବ ରହିଛି ବୋଲି ବଡ଼ ପ୍ରଶ୍ନ ଉଠିଛି।

ପୁଲିସ ପ୍ରଶାସନ ଏହାଉପରେ ଗୁରୁତ୍ୱ ଦେଇ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ସହ ସରକାରୀ ଦୋକାନରେ ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଣ୍ଟାବାଞ୍ଜି ନାଗରିକ କମିଟି ଦାବି କରିଛି। ଏହି ସମୟରେ ରାଜୁ ଛତ୍ରିଆ, ପ୍ରମୋଦ ବେହେରା, ଜିତୁ ସୁନା, ବିଶାଲ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଆଦ୍ୟାଶକ୍ତି ନାରୀ ସଂଗଠନର ବାର୍ଷିକ ଉତ୍ସବ

ବଲାଙ୍ଗିର,୨୯ ।୧୨(ସମିସ): ଆଦ୍ୟାଶକ୍ତି ନାରୀ ସଂଗଠନର ପ୍ରତିଷ୍ଠା ଦିବସ ମାଳତୀ ଉଦ୍‌ଗାତାଙ୍କ ଅଧ୍ୟକ୍ଷତାରେ ଦୈନିକ ବଜାର ଶିଶୁ ବାଟିକାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ କଲେଜ ଛକ ଶିଶୁମନ୍ଦିରର ଗୁରୁମା ସନ୍ତୋଷିନୀ ସାହୁ ମୁଖ୍ୟ ଅତିଥି, ଲେଖିକା ଲିଲି ପଟେଲ ମୁଖ୍ୟବକ୍ତା ଓ ଉପଦେଷ୍ଟା ମଦନମୋହନ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମିନତୀ ଗୁରୁ, ଆରତୀ ମିଶ୍ର, ନିରୁପମା ମିଶ୍ର, ଶୋଭିନୀ ମହାଲିଙ୍ଗ, ରାଜଶ୍ରୀ ତ୍ରିପାଠୀ, ରଶ୍ମୀପାତ୍ର ଓ କମୋଦିନୀ ପୃଷ୍ଟି ସ୍ୱାଗତ ସଂଗୀତ ଗାନ କରିଥିଲେ। ସମ୍ପାଦକ କସ୍ତୁରୀ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ସମାରୋହରେ 'ଆଦ୍ୟାଶକ୍ତି ସମ୍ମାନ' ଶ୍ରୀମୟୀ ହେମଲତା ସାହୁଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଆଦର୍ଶ ଗୃହିଣୀ ଭାବରେ ଅନୁସୟା ସ୍ମୃତି ସମ୍ମାନ ରାସେଶ୍ୱରୀ ମିଶ୍ର, ଲଳିତା ଖୁଆସ ସ୍ମୃତି ସମ୍ମାନ ଗୀତାଞ୍ଜଳି ଗୁରୁ ଓ ବିଦ୍ୟାରାଣୀ ପରିଚ୍ଛା ସ୍ମୃତି ସମ୍ମାନ ମିନତୀ ବକ୍ସିଙ୍କୁ ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ନିରୁପମା ପାଣିଗ୍ରାହୀ ଓ କବିତା ମିଶ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ନିହାରିକା ମିଶ୍ର। ଆଦ୍ୟାଶକ୍ତି ନାରୀ ସଂଗଠନର କର୍ମକର୍ତ୍ତାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହଯୋଗ କରିଥିଲେ ଅନୁପ୍ରିୟା ମିଶ୍ର, ବିଣାପାଣୀ ଆଚାର୍ଯ୍ୟ, କୁସୁମ ଶତପଥୀ, ଚନ୍ଦନ, ଦିପ୍ତୀମୟୀ ମିଶ୍ର, ସଂଯୁକ୍ତା ମିଶ୍ର, ସରୋଜା ମାଝୀ, ଡ. ସନ୍ଧ୍ୟାରାଣୀ ପଣ୍ଡା, ସୋ÷÷ଦାମିନୀ ମିଶ୍ର, ରାଜଶ୍ରୀ ତ୍ରିପାଠୀ ଓ କୁମୁଦିନୀ ମିଶ୍ର ପରିଚାଳନା କରିଥିଲେ। ଆରତୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।





# ସର୍ବଭାରତୀୟ ମଠଖାଇ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର,୨୯ ।୧୨(ସମିସ): ବଲାଙ୍ଗିରର ସାଂସ୍କୃତିକ ଅନୁଷ୍ଠାନ ଭୂମିକା ଓ ମଠଖାଇ ମହୋତ୍ସବ ପାଳନ କମିଟି ପକ୍ଷରୁ କୃଷ୍ଣଚନ୍ଦ୍ର ମହାପାତ୍ର(କେସି)ଙ୍କ ସ୍ମୃତିରେ ଆୟୋଜିତ ୧୭ତମ ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କୋସଲ କଳାମଣ୍ଡଳ ପଡିଆରେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଯୋଗଦେଇ ଏହି ମହୋତ୍ସବ ଏଭଳି ଜାରି ରହୁ, ଜିଲ୍ଲା ଓ ରାଜ୍ୟ ବାହାରକୁ ଯାଇ ସୁଦୂର ପ୍ରସାରୀ ହେଉ ବୋଲି କହିଥିଲେ। ପରେ ମହୋତ୍ସବ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର ମଠଖାଇ ମହୋତ୍ସବ ଆଗକୁ ମଧ୍ୟ ଚାଲୁ, ସମାଜକୁ ବାର୍ତ୍ତା ଦେଉଥାଉ। କାର୍ଯ୍ୟକ୍ରମ ମଞ୍ଚକୁ ନାଟ୍ୟକାର ସ୍ୱର୍ଗତ ରତନ ଥିଆମଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ଏହି ଅବସରରେ ବୈଜ୍ଞାନିକ ଡ. ବିଜୟ ସାହୁଙ୍କୁ ମଠଖାଇ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଅଖିଳ ଚନ୍ଦ୍ର ହୋତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦତ୍ତାନନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ। ବିଷ୍ଣୁ ବେଜ ଏବଂ ଅର୍ଘ୍ୟ ଅର୍ପଣ ମିଶ୍ର ମଞ୍ଚ ସମର୍ପଣ ପତ୍ର ଓ ମଠଖାଇ ସମ୍ମାନ ପତ୍ର ପାଠ କରିଥିଲେ। ଉଦ୍‌ଯାପାନୀ ସମାରୋହରେ ଉପକାର କଳା ପରିଷଦର କର୍ମକର୍ତ୍ତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭାପରେ ମଧ୍ୟପ୍ରଦେଶ ଜବଲପୁରର ସମାଗମ ରଙ୍ଗମଣ୍ଡଳ ଅନୁଷ୍ଠାନର ହିନ୍ଦୀ ନାଟକ. ''ଭୂମି ' ମଞ୍ଚସ୍ଥ ହୋଇଥିଲା। ଏହାର ଲେଖକ ଆଶିଷ ପାଠକ.ଓ ନିର୍ଦ୍ଦେଶକ ସ୍ୱାତି ଦୁବେ ଅଟନ୍ତି।

# ବିପଦସଂକୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

ତୁରେକେଲା,୨୯ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ସଦର ମହକୁମା ଦୁର୍ଗାମଣ୍ଡପଠାରେ ଏକ ଲୁହା ବିଦ୍ୟୁତ୍ ଖୁଣ୍ଟ ବିପଦସଂକୁଳ ଅବସ୍ଥା ରହିଛି। କେତେବେଳେ ମଧ୍ୟ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇ ଲୋକଙ୍କ ଉପରେ ପଡିଯାଇ ବଡ଼ ଦୁର୍ଘଟଣା ଘଟି ପାରେ ବୋଲି ଆଶଙ୍କା କରାଯାଉଛି। ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ବାରମ୍ବାର ସ୍ଥାନୀୟଲୋକେ ବିଦ୍ୟୁତ୍ ବିଭାଗକୁ ଜଣାଇଲେ ମଧ୍ୟ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି।



# କଣ୍ଟାବାଞ୍ଜିରେ ଜାତୀୟ ଶିଶୁ ସାହିତ୍ୟ ସମ୍ମିଳନୀ

କଣ୍ଟାବାଞ୍ଜି,୨୯ ।୧୨(ସମିସ)



କଣ୍ଟାବାଞ୍ଜିର ନିର୍ଝରିଣୀ ଓ ଶିଶୁ କିଶୋର ଶିଶୁ ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ଜି.ଆର୍ ପ୍ୟାଲେସ ଠାରେ ନିର୍ଝରିଣୀର ଚତୁର୍ଦ୍ଦଶ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଥିଲା। ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ କପିଳେନ୍ଦ୍ର ଦାସ ଉଦଘାଟକ,ଲେଖକ ଦୀନେଶ କୁମାର ମାଳି ମୁଖ୍ୟ ଅତିଥି, ନଗେନ୍ଦ୍ର ପଟ୍ଟନାୟକ ମୁଖ୍ୟ ବକ୍ତା, ଅଧ୍ୟାପକ ବିନୟ କୁମାର ଦାଶ, ଡ.ସଞ୍ଜୟ କୁମାର ମିଶ୍ର, ପୂର୍ବତନ ବିଧାୟକ ଆୟୁବ ଖାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ଉଦ୍ଦେଶ୍ୟ ଜ୍ଞାପନ, ବିବରଣୀ ପଠନ ଓ ସଞ୍ଜୁକ୍ତା ପରିଚ୍ଛା ସଭା ପରିଚାଳନା କରିଥିଲେ। ଲେଖକ ଦୀନେଶ କୁମାର ମାଳିଙ୍କ ଦ୍ୱାରା ହିନ୍ଦୀ ଅନୁବାଦିତ ସନ୍ଥକବି ଭୀମ ଭୋଇଙ୍କସ୍ତୁତି ଚନ୍ତାମଣି ଉନ୍ମୋଚିତ ହୋଇଥିଲା। ବର୍ଷିୟାନ ଲେଖକ ଡ.ଯୁଗଳ କିଶୋର ଷଡ଼ଙ୍ଗୀଙ୍କ ଅଶିତମ ଜୟନ୍ତୀ ପାଳିତ ହୋଇଥିଲା। ପୂର୍ବରୁ କରାଯାଇଥିବା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱର୍ଗତ ନବୀନ ଚନ୍ଦ୍ର ମହାନ୍ତି ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା ବିଭୁଦତ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆଜିର ଶିଶୁ ସମାଜ ଆମ ଶିଶୁ ସାହିତ୍ୟ ଆଲୋଚନା ଚକ୍ରରେ ସଭାପତି ରାମଚନ୍ଦ୍ର ସାହୁ, ଦାଶବେନହୁର, ମୁଖ୍ୟ ଅତିଥି, ଡ.ବନ୍ଦନା ହରିଚନ୍ଦନ, ସମ୍ମାନିତ ଅତିଥି,ବୀରେନ୍ଦ୍ର ମହାନ୍ତି,ଡ. ଯୁଗଳ କିଶୋର ଷଡ଼ଙ୍ଗୀ, ଡ.ରମେଶ ପତ୍ରୀ, ଡ.ମହେନ୍ଦ୍ର ମଲ୍ଲିକ, ଧନଞ୍ଜୟ ସ୍ୱାଇଁ, ଉଦୟ କିରୋଲା ଆଲୋଚକ ଭାବରେ ଯୋଗ ଦେଇଥିଲେ। ସବିତା ଭୋଇ ସଭା ପରିଚାଳନା କରିଥିଲେ।ନିର୍ଝରିଣୀ ଅନୁଷ୍ଠାନର ତ୍ରୈମାସିକ ଶିଶୁ ପତ୍ରିକା ମମତାର ଡୋରି ଓ ବୃନ୍ଦାବନ କୁମ୍ଭାରଙ୍କ ଫୁଲ ବଗିଚା ପତ୍ରିକା ଉନ୍ମୋଚିତ ହୋଇଥିଲା।

ତୃତୀୟ ଅଧିବେଶନରେ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଲକ୍ଷ୍ମଣ ବାଗ,ମୁଖ୍ୟ ଅତିଥି, ଈଶ୍ୱର ଚନ୍ଦ୍ର ଖମାରୀ,କୁଞ୍ଜ ବିହାରୀ ବେହେରା, ବିଶ୍ୱନାଥ ମେଶ୍ରମ,କିଶାନ ଦୀବାନ,ସୂର୍ଯ୍ୟକାନ୍ତ ରଣା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କୋଶଲୀ କବି ଗଜେନ୍ଦ୍ର ବାଗଙ୍କ କୋଶଲୀ ପୁସ୍ତକ ଚଟନି,ନରେନ୍ଦ୍ର ସୁନାଙ୍କ ଭକତର ଶକତ ଭଜନ ପୁସ୍ତକ ଉନ୍ମୋଚିତ ହୋଇଥିଲା।କବି ଜ୍ୟୋତି ପ୍ରକାଶ ଗଡତ୍ୟା ସଭା ପରିଚାଳନା ଓ ଡ.ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଗଣପତି ବେହେରା, ନିରୁପମା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

● ଘରେ ପଶି ଲୁଟ୍ ମାମଲା

# ଦୁଇ ଅଣଓଡ଼ିଆ ଗିରଫ, ଲୁଟ୍ ଚେନ ଉଦ୍ଧାର



ବଲାଙ୍ଗିର,୨୯ ।୧୨(ସମିସ): ତେଲିଗୋଠପଡ଼ାରେ ହୋଇଥିବା ଏକ ସୁନା ଚେନ୍‌ଲୁଟ ଘଟଣାରେ ଦୁଇ ଅଣଓଡ଼ିଆ ଲୁଟେରାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସୁନା ଗହଣା ସଫା କରିବା ବାହାନାରେ ଦୁଇ ଜଣଯୁବକ ଏହି ଲୁଟ୍ କରିଥିବାବେଳେ କମ୍ ଦିନ ଭିତରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଥିବାରୁ ଲୁଟ୍‌ର ଶିକାର ହୋଇଥିବା ଦମ୍ପତି ପୁଲିସକୁ ପ୍ରଶଂସା କରିଛି। ସୂଚନା ଅନୁସାରେ ଗତ ୨୨ ତାରିଖରେ ବଲାଙ୍ଗିର ସହର ତେଲିଗୋଠପଡ଼ାର ଭକ୍ତ ପ୍ରସାଦ ଖମାରୀ ଟାଉନ ଥାନାରେ ସୁନା ଚେନ ଲୁଟକୁ ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ୨୨ ତାରିଖରେ ଦୁଇ ଯୁବକ ଘରକୁ ଆସି ଗହଣା ସଫା କରିବାକୁ କହିଥିଲେ। ଏନେଇ କିଛିସମୟ ଧରି ଆଲୋଚନା କରିବାପରେ ସେମାନେ ସୁନା ଚେନ ସଫା କରିବାକୁ କହିଥିଲେ। କିନ୍ତୁ ସେମାନେ ମନା କରିଥିବାବେଳେ ସୁଯୋଗ ନେଇ ଉକ୍ତ ଦୁଇ ଯୁବକ ଚେନ ମହିଳାଙ୍କ ପାଖରୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ଅବନୀ କୁମାର ସାହୁଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢ଼ଉ କରି ଦୁଇ ଅଣଓଡ଼ିଆ ଯୁବକଙ୍କୁ ଗିରଫ କରିବାସହ ଲୁଟ୍ ହୋଇଥିବା ଚେନ୍ ଉଦ୍ଧାର କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ବିହାର କଟରିଆ ଅଞ୍ଚଳର ସିକନ୍ଦର ସାହା ଓ ରୋହିତ ସାହା ବୋଲି ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଏହି ଦୁଇ ଅଭିଯୁକ୍ତ କିଛିଦିନ ବଲାଙ୍ଗିରରେ ରହିବା ପରେ ଏହି ଲୁଟ୍ କରିଥିଲେ। ସେମାନଙ୍କଠାରୁ ଗହଣା ସଫା କରିବା ସାମଗ୍ରୀ ପୁଲିସ ଉଦ୍ଧାର କରିଛି। ଏହି ଦୁଇ ଅଭିଯୁକ୍ତ ପୂର୍ବରୁ ଛତିଶଗଡ଼, ଭୁବନେଶ୍ୱରରେ ମଧ୍ୟ ସମାନ ଉପାୟରେ ଲୁଟ୍ କରିଥିବା ପୁଲିସ ଜାଣିବାକୁ ପାଇଛି। ତେବେ ଏହି ଗ୍ୟାଙ୍ଗରେ ଆଉ ଦୁଇ ଯୁବକ ଥିବାବେଳେ ସେମାନେ ପଦମପୁରରେ କରିଥିବା ଲୁଟ୍ ମାମଲାରେ ପୁଲିସ ଗିରଫ କରିଛି। ସମ୍ପୃକ୍ତ ଦୁଇ ଯୁବକଙ୍କୁ ପୁଲିସ ରିମାଣ୍ଡରେ ଆଣି ତଦନ୍ତ କରିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ତେବେ ଉଦ୍ଧାର ହୋଇଥିବା ସୁନା ଚେନକୁ ସାମ୍ବାଦିକ ସମ୍ମିଳନୀରେ ଉକ୍ତ ମହିଳାଙ୍କୁ ହସ୍ତାନ୍ତର କରିଥିଲା।

# କଫ୍ ସିରପ୍ ଜବତ, ୩ ଗିରଫ



ପାଟଣାଗଡ଼,୨୯ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ପୁଲିସ ତିନିଜଣ କଫ୍‌ସିରପ ମାଫିଆକୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଟଣାଗଡ଼ ଥାନା ପାଟଣାଗଡ଼ କୋଲପଡାର ସୁବାସ ମେହେର (୫୨), ପାଟଣାଗଡ଼ ବ୍ରହ୍ମପୁରାର ଭଗବାନ ବାରିକ (୨୨) ଓ ବଲାଙ୍ଗିର ସଦର ଥାନା ଚୁଡ଼ାପାଲିର ରାଜେଶ ବେହେରା (୫୨)। ସୂଚନା ଅନୁସାରେ, କୌଣସି ସୂତ୍ରରୁ ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶରେ ପାଟଣାଗଡ଼ ଏସଡିପିଓ ସଦାନନ୍ଦ ପୁଝାରୀଙ୍କ ତତ୍ତ୍ୱାବଧାନରେ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ନେତୃତ୍ୱରେ ତିନି ଜଣ ଏଏସ୍‌ଆଇଙ୍କ ଏକ ମିଳିତ ଟିମ ରବିବାର ପାଟଣାଗଡ଼ କୋଲପଡା ଠାରେ ଚଢ଼ଉ କରି ଦୁଇଜଣ କଫ୍‌ସିରପ ବେପାରୀ ସୁବାସ ମେହେର ଓରଫ ଟୁନଟୁ ଓ ଭଗବାନ ବାରିକଙ୍କ ଠାରୁ ୫୦ କଫ୍‌ସିରପ ଜବତ କରିଥିଲା। ଏଥିସହ ସେମାନେ ବ୍ୟବହୃତ କରିଥିବା ଏକ ବାଇକ୍‌କୁ ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଥାନାକୁ ନେଇ ଅଧିକ ପଚରାଉଚୁରା ପରେ ଉକ୍ତ କଫ ସିରପ ଚୁଡ଼ାପାଲି ଗ୍ରାମର ରାଜେଶ ବେହେରାଙ୍କ ଠାରୁ ଆଣୁଥିବା ଜଣାପଡିବା ପରେ ଚୁଡ଼ାପାଲିରେ ଚଢ଼ଉ କରି ରାଜେଶକୁ ଗିରଫ କରାଯାଇଥିଲା। ଏନେଇ ପାଟଣାଗଡ଼ ଥାନାରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପ୍ରଶାନ୍ତ ତିୱାରୀ କଳାହାଣ୍ଡି ଜିଲ୍ଲା ବିଜେଡି ସମ୍ପାଦକ

**ଧର୍ମଗଡ଼, ୨୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟର ଲୋକପ୍ରିୟ ଯୁବନେତା ପ୍ରଶାନ୍ତ ତିୱାରୀଙ୍କ ନାମ ବିଜୁ ଜନତା ଦଳର ଜିଲ୍ଲା ସମ୍ପାଦକ ତାଲିକାରେ ସ୍ଥାନ ପାଇ ଥିବାରୁ ଧର୍ମଗଡ଼ ବିଜୁ ଜନତା ଦଳ ଓ



ଦଣ୍ଡପାଟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଶ୍ରୀ ତିୱାରୀ କଳାହାଣ୍ଡି ରାଜନୀତିର ଜଣେ ସଂଗ୍ରାମୀ ରାଜ ନେତା । ତାଙ୍କ ରାଜନୀତି ଛାତ୍ର ଜୀବନ ବେଳରୁ୧୯୯୫ରୁ ଆରମ୍ଭ ହୋଇଥିଲା । ସେ ୧୯୯୫ରେ ବିଜୁ ଜନତା ଦଳ ଗଠନ ସମୟରୁ ଦଳରେ ସାମିଲ ହୋଇ ନିଷ୍ଠାପର ଭାବରେ ସେବା ଜାରି ରଖିଛନ୍ତି ।ତାଙ୍କୁ ଚତୁର୍ଥ ଥର ପାଇଁ ଜିଲ୍ଲା ସମ୍ପାଦକ ମନୋନୀତ କରାଯାଇଥିବାରୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହ ଦେଓ, ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀଙ୍କୁ କୃତଜ୍ଞତାଜ୍ଞାପନ ପୂର୍ବକ ସର୍ବଦା ଦଳର ନୈତିକତା ଭିତରେ କାର୍ଯ୍ୟକରି ସେବା ଜାରି ରଖିବାକୁ କହିଛନ୍ତି ।

## ଠେଲା ଦୋକାନୀଙ୍କୁ ହତ୍ୟା ଧମକ

**କୋମନା, ୨୯ ।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଉଦ୍ୟାନବନ୍ଧ ମାର୍କେଟରେ ଦିନ ଦ୍ୱିପହରରେ ଠେଲା ଦୋକାନୀଙ୍କ ଠାରୁ ଟଙ୍କା ଓ ମୋବାଇଲ ଲୁଟିନେଇ ହତ୍ୟା ଧମକ ଦେଇଥିବା ଭଳି ସଂଗୀନ ଅଭିଯୋଗ ହୋଇଛି ।ସୂଚନା ଅନୁସାରେ ରାଜସ୍ଥାନ ରାଜ୍ୟର ବୁଟକ୍ଲାଗ୍ରାମ ପିପାଡ ଥାନା ଯୋଥପୁର ଜିଲ୍ଲାରୁ ଆସି ସେଠ ହାରାମ(୨୫) ଉଦ୍ୟାନବନ୍ଧ ଠାରେ ଟିଫିନ୍ ସେଣ୍ଟର୍ ଖୋଲି ଠେଲାରେ ବିକ୍ରୀ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ଜଣାଯାଏ ।ରବିବାର ଉଦ୍ୟାନବନ୍ଧ ସାପ୍ତାହିକ ବଜାର ରହିଥିଲା । ସେଠ ହାରାମ ବ୍ୟବସାୟ କରୁଥିବା ବେଳେ କୋମନା ଥାନା କୁରେଶ୍ୱର ଗ୍ରାମର ତୁଳାରମ ହଂସ (୨୨)ଅଜୁ କେତକୀ (୨୭) ଓ କେଶନାଥ କୁଳଦୀପ (୨୧)ଆସି ଖାଇବା ପାଇଁ ପକୋଡି ଉର୍ଦ୍ଧାର ମାଗିଥିଲେ । ସେ ନ ଦେବାରୁ ଠେଲାକୁ ଭାଙ୍ଗି ଦେବା ସହ ସମସ୍ତ ସାମଗ୍ରୀ ରାସ୍ତାରେ ଫିଙ୍ଗିଦେଇ ବିକ୍ରି କରିଥିବା ୬ ହଜାରରୁ ଅଧିକ ଟଙ୍କା ଓ ମୋବାଇଲ ଲୁଟିନେଇ ଠେଲା ବ୍ୟବସାୟୀଙ୍କୁ ହତ୍ୟା ଧମକ ଦେଇ ଫେରାର ମାରିଥିଲେ । ଏନେଇ ଠେଲା ବ୍ୟବସାୟୀ ସେଠ ହାରାମ କୋମନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ଘଟଣାର ଭିଡିଓ ବର୍ତ୍ତମାନ ମୋବାଇଲରୁ ମୋବାଇକୁ ଘୁରୀ ବୁଲୁଛି । ଏନେଇ କୋମନା ପୁଲିସ କେସ ନମ୍ବର ୩୯୫/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଫେରାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରଶ୍ମିତା ପ୍ରଧାନ ସୂଚନା ଦେଇଛନ୍ତି ।

## ସାମ୍ବାଦିକ ଅଭିରାମ ନନ୍ଦ ସମ୍ବର୍ଦ୍ଧିତ

**ଭବାନୀପାଟଣା, ୨୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲାର ସମାଜସେବୀ ତଥା ନର୍ଲାର ବରିଷ୍ଠ ସାମ୍ବାଦିକ ଅଭିରାମ ନନ୍ଦ ୨୦୨୫ ବର୍ଷ ପାଇଁ ନ୍ୟାସନାଲ ବେଷ୍ଟ ସୋସିଆଲ ୱାର୍କର ଆୱାର୍ଡ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ୱେର୍ଲ୍ଡ ଚେରିଟି ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ସୋମବାର ଗଞ୍ଜାମ କଳା ପରିଷଦ ଭବନଠାରେ ଆୟୋଜିତ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ବିଏମସି ମେୟର ସଂଘମିତ୍ରା ଦଳେଇ ଶ୍ରୀ ନନ୍ଦଙ୍କୁ ସମ୍ମାନିତ କରିଥିଲେ । ଆଜୀବନ ସମାଜସେବୀ ଭାବରେ ଶ୍ରୀ ନନ୍ଦ ଦୁର୍ଗତମାନବଙ୍କ ବନ୍ଧୁ ସାଜିଛନ୍ତି । କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡ଼ିତ ରହି ସମାଜସେବାକୁ ବ୍ରତ ଭାବେ ବାଛି ନେଇଛନ୍ତି । ତୃଣମୂଳସ୍ତରରେ ଅବହେଳିତ ଲୋକଙ୍କ ପାଇଁ କାର୍ଯ୍ୟ କରି ଆସୁଛନ୍ତି ଶ୍ରୀ ନନ୍ଦ । ଜୀବନବ୍ୟାପୀ ତାଙ୍କର ଏହି ସାଧନାକୁ ସମ୍ମାନ ଜଣାଇ ୱେର୍ଲ୍ଡ ଚେରିଟି ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଛି ।

**ସରକାରୀ ଯୋଜନାରେ ଅନିୟମିତତା**

# ମିଳୁନି ପାଉଣା, ନିରାଶ ହିତାଧିକାରୀ

**କୋମନା, ୨୯ ।୧୨(ସମିସ)**

ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ମାଧ୍ୟମରେ ଗାଁର ବିକାଶ ପାଇଁ କୋଟି କୋଟି ଟଙ୍କା ବିଗତ ସମୟରେ ଖର୍ଚ୍ଚ କରାଯାଇଛି । ହେଲେ କୋମନା ବ୍ଲକରୁ ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି । ବର୍ଷେ ବିତିଯାଇଥିଲେ ମଧ ହିତାଧିକାରୀ ନିଜ ପ୍ରାପ୍ୟ ପାଇବା ପାଇଁ ସରକାରୀ ଅଫିସରୁ ଅଫିସ ଦୌଡ଼ି ନୟାନ୍ତ ହେଉଛନ୍ତି । ଅଭିଯୋଗକାରୀଙ୍କ ସୂଚନା ଅନୁସାରେ୨୦୨୩-୨୪ ଆର୍ଥିକ ବର୍ଷରେ କୋମନା ବ୍ଲକ ଅନୁପଗଡ଼ ଗ୍ରାମରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ଯୋଜନା ଅଧୀନରେ 'ଗଙ୍ଗାଦି ଗୁଡ଼ି' ନିର୍ମାଣ ପାଇଁ ୨.୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ଗ୍ରାମର ହିତାଧିକାରୀ ଲୋଚନ ମାଝୀ ନିଜ ଶ୍ରମ ଓ ସମ୍ବଳ ଲଗାଇ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଥିଲେ ।ହେଲେ କାର୍ଯ୍ୟ ଶେଷ ହେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ ଲୋଚନ ମାଝୀଙ୍କୁ ତାଙ୍କର ପ୍ରାପ୍ୟ ଟଙ୍କା ଆଜି ପର୍ଯ୍ୟନ୍ତ ମିଳିନାହିଁ । ଏ ସମ୍ପର୍କରେ ସେ ସ୍ଥାନୀୟ କନିଷ୍ଠଯନ୍ତ୍ରୀ ସୁରେନ୍ଦ୍ର ଟୁଡୁ ଓ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରିଛନ୍ତି । ହେଲେ ଦୁଃଖର ବିଷୟ, ଅଧିକାରୀମାନେ ତାଙ୍କ କଥା ଶୁଣୁନାହାନ୍ତି କିମ୍ବା କୌଣସି ସନ୍ତୋଷଜନକ




ଉତ୍ତର ଦେଉନାହାନ୍ତି । କାମ ତ ସରିଗଲା, କିନ୍ତୁ ଟଙ୍କା ପାଇଁ କାହାକୁ କହିବେ ଲୋଚନ ବୁଝିପାରୁ ନାହାନ୍ତି । ଅଫିସରମାନେ ଫାଇଲ ହଜି ଯାଇଥିବା କହିବା ସହ ଆଜି କାଲି କହି ଦିନ ଗଡ଼ାଉଛନ୍ତି ବୋଲି ହିତାଧିକାରୀ ଲୋଚନ ମାଝୀ ପ୍ରକାଶ କରିଛନ୍ତି ।ଅପରପଟରେ ଜଣେ ଗରିବ ଆଦିବାସୀ ହିତାଧିକାରୀଙ୍କ ହକ୍ ଟଙ୍କା କେଉଁକାରଣରୁ ଅଟକିଛି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ସରକାରୀ ଯୋଜନାରେ କାମ ସରିଛି, ତେବେ ପେମେଣ୍ଟ କରିବାରେ ଅସୁବିଧା କେଉଁଠି ? ଏଥିପାଇଁ ଦାୟୀ କିଏ? । ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଘଟଣାରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି । ତୁରନ୍ତ ଲୋଚନ ମାଝୀଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରାଯିବା ସହ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି । କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସର୍ବେଶ୍ୱର ଜାଲ ଘଟଣାର ତଦନ୍ତ କରି ତୁରନ୍ତ ସମାଧାନ କରିବେ ବୋଲି ପ୍ରକାଶ କରିଛନ୍ତି ।

## ମନରେଗା କାମକରି ଶ୍ରମିକଙ୍କୁ ପ୍ରାପ୍ୟ ମିଳୁନି

**ମ.ରାମପୁର, ୨୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ରେଞ୍ଜ ଅନ୍ତର୍ଗତ ମ.ରାମପୁର ବ୍ଲକର ଗାଦାଡ଼ି ଓ ନାଗଝରି ଗାଁରେ ବନ ବିଭାଗ ପକ୍ଷରୁ ନର୍ସରୀରେ କାମ କରିବାର ଚାରି ମାସ ପରେ ମଧ ମଜୁରୀ ପାଇନଥିବାରୁ ଶ୍ରମିକ ମନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।ଶ୍ରମିକମାନେ ଦୁଇ ସପ୍ତାହ କାମ କଲା ପରେ ସେମାନଙ୍କ ପ୍ରାପ୍ୟ ପାଇଁ ଫରେଷ୍ଟର ତପନ ବେହେରାଙ୍କୁ କହିଥିଲେ । ସେ ଆକାଉଣ୍ଟରେ ପଇସା ପଡ଼ିବ କହିଥିଲେ । ହେଲେ ଆଜକୁ ଚାରି ମାସ ବିତିଯାଇଥିଲେ ହେଁ ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି । ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳିଲା ନାହିଁ । ତେଣୁ ଆଜି ମ.ରାମପୁର ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଶରତ ମାଝୀ, ସବେନ୍ଦ୍ର ମାଝୀ, କାଳିଆ ମାଝୀ, ପ୍ରଶାନ୍ତ ବିଶି, ଲବନ ଧଙ୍ଗଡ଼ାମାଝୀ ସମେତ କାମରେ ନିୟୋଜିତ ସମସ୍ତ ଶ୍ରମିକ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ପୂର୍ବରୁ ରେଞ୍ଜ ଅଧୀନରେ ହେଉଥିବା ମନରେଗା ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ କାମରେ ଶ୍ରମିକଙ୍କ ପ୍ରାପ୍ୟକୁ ନେଇ ଅଭିଯୋଗ ହୋଇଆସୁଥିଲା ।

## ବିଶ୍ୱନାଥପୁର ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ



**ଲାଞ୍ଜିଗଡ଼, ୨୯ ।୧୨(ସମିସ):** ଓଡ଼ିଶା ପ୍ରଦେଶ କମିଟି ପକ୍ଷରୁ ସାରା ଓଡ଼ିଶାରେ ବିଦ୍ୟୁତ୍ ବିଭାଗର ମନମାନିକୁ ବିରୋଧ କରି ବିଭିନ୍ନ ବିଦ୍ୟୁତ୍ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଟାଟା କମ୍ପାନୀର ଉପଭୋକ୍ତାଙ୍କୁ ବେନିୟମ ସୁରକ୍ଷା ରାଶି ଜମା କରିବା ତଥା ଘରୋଇ ଓ କୃଷିକ୍ଷେତ୍ରକୁ ମାଗଣା ବିଜୁଳି ପ୍ରଦାନ, ଗ୍ରାହକ ମାନଙ୍କୁ ଶୋଷଣ ବନ୍ଦ କରିବା, ଟାଟା ପାୱାରକୁ ବିଦା କରିବା ପ୍ରମୁଖ ଦାବିକୁ ସମର୍ଥନ କରି ସମସ୍ତ ବ୍ଲକ କଂଗ୍ରେସ କମିଟି ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି । ସୋମବାର ଲାଞ୍ଜିଗଡ଼ କଂଗ୍ରେସ କମିଟି ବ୍ଲକ ସଭାପତି ବିଜୟ ନାଏକଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, କଂଗ୍ରେସ ନେତା ଗୋବିନ୍ଦ ପ୍ରଧାନୀ, ଯୁବନେତା ସନ୍ତୋଷ କୁମାର ତୁଳ, ଗୋପାଳ ଦାସ ମହାନନ୍ଦ, ଜଗନ୍ନାଥପୁର ସମିତ ସଭ୍ୟ ପ୍ରଦିପ ମାଝୀ, ନାରୀନେତ୍ରୀ ଶାନ୍ତି ହରିଜନ, ଡକା ମାଝୀ, ଭାସ୍କର ଚନ୍ଦନ, ରାଜିବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ଆବାହକ ମୁଲୁ ମାଝୀ, ମହିଳା ଆବାହିକା ମାଧୁରୀ ଦୁର୍ଗା, ପୂର୍ଣ୍ଣଚନ୍ଦ୍ର ନାଏକ ପ୍ରମୁଖ ସମେତ କଂଗ୍ରେସ ନେତା ଓ କର୍ମୀ ପଦଯାତ୍ରା କରି ବିଶ୍ୱନାଥପୁରସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ପହଞ୍ଚି ଦାବିପତ୍ର ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ବିଶ୍ୱନାଥପୁର ମଣ୍ଡିକୁ ପରିଦର୍ଶନ କରି ମଣ୍ଡିର ଅବ୍ୟବସ୍ଥା କଟ୍‌ନି ଛଟ୍‌ନି ଅଖା ବସ୍ତାକୁ ନେଇ ଚାଷୀ ଓ ମିଲର୍ସ ଏଜେଣ୍ଟ ସହିତ ଆଲୋଚନା କରିଥିଲେ । କଟ୍‌ନି ଛଟନି ଓ ଅବ୍ୟବସ୍ଥା ଉପରେ ସୁଧାର ନହେଲେ ନିକଟ ଭବିଷ୍ୟତରେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ଼ କଂଗ୍ରେସ କମିଟି ରାଜ ରାସ୍ତାକୁ ଓଲ୍ହାଇବେ ବୋଲି ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ ପ୍ରକାଶ କରିଛନ୍ତି ।

## ୨୦୦୦ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ସିନାପାଲି, ୨୯ ।୧୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ପଞ୍ଚାୟତ ବରଗାଁ ହାଇସ୍କୁଲର ୨୦୦୦ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଛି । ନୂତନ ବର୍ଷ ଅବସରରେ ପରସ୍ପର ମଧ୍ୟରେ ଭାବ ର ଆଦାନ ପ୍ରଦାନ ସାଙ୍ଗକୁ ପୂର୍ବ ସ୍ମୃତିକୁ ମନେ ପକାଇ ଥିଲେ । ବ୍ୟାଚର ଛାତ୍ରଛାତ୍ରୀ ମଧ୍ୟରୁ ଗଜାନନ ନାଏକ, ସରୋଜ ସୁନାରି, କାଳିଆ ବାରିକ, ଚୈତନ୍ୟ ମେହେର, ପ୍ରଫୁଲ୍ଲ ମେହେର, ମହେନ୍ଦ୍ର ମେହେର, ଯୁଧିଷ୍ଠିର ଜଗତ, ଭବାନୀ ଶଙ୍କର ଭୋଇ, ଖଗେଶ୍ୱର ଭୋଇ, ବିଳାସିନୀ ନାଏକ, ପଦ୍ମା ମେହେର, ସବ୍ୟା ସୁନାରି, ଲତା ମେହେର, ତୁଳସେ ମେହେର, ସସ୍ମିତା ମେହେର, ମନ୍ଦାକିନୀ ମେହେର ପ୍ରମୁଖଙ୍କ ସହ ସମସ୍ତ ଛାତ୍ର ସାମିଲ ଥିଲେ ।

**ଶ୍ରୀଗୁରୁ କୃପା ମହୋତ୍ସବ ସମ୍ପନ୍ନ**

## ପଟ୍ଟାୟତ ସାହୁ ଓ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ସମ୍ବର୍ଦ୍ଧିତ

**ଭବାନୀପାଟଣା, ୨୯ ।୧୨ (ସମିସ):** ଶିଶୁ ଅନନ୍ତ ବଳିଆ ସେବା ସଂଘ ପକ୍ଷରୁ ଭବାନୀପାଟଣାସ୍ଥିତ ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୬ ତାରିଖ ଠାରୁ ଗୁରୁଦେବ ବାବା ବଳିଆଙ୍କ ପବିତ୍ର ସତସଙ୍ଗ ଓ ଦିବ୍ୟ ପ୍ରବଚନକୁ ନେଇ ଚାଲିଥିବା 'ଶ୍ରୀ ଗୁରୁ କୃପା ମହୋତ୍ସବ-୨୦୨୫' ଶେଷ ହୋଇଛି । ତିନି ଦିନ ଧରି ପଦ୍ମଶ୍ରୀ ବାବା ବଳିଆଙ୍କ ଦିବ୍ୟ ପ୍ରବଚନ 'ଆମ ଜୀବନ ଓ ଗୀତା'ର ଅମୃତମୟ ବାଣୀ ଭକ୍ତମାନେ ଶ୍ରବଣ କରିଥିଲେ । ଶିଶୁ ଅନନ୍ତ ଆଶ୍ରମ, ଅରିଲୋ ଓ ଅନନ୍ତ ବଳିଆ ସେବାସଂଘ ଦ୍ୱାରା ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବହୁ ଭକ୍ତଙ୍କ ସମାବେଶ ହୋଇଥଲା । ଏହି ଅବସରରେ ଧର୍ମଗଡ଼ର ବିଶିଷ୍ଟ ସମାଜସେବୀ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ପ୍ରମୋଦ କୁମାର ଖମାରୀ, ପଦ୍ମଶ୍ରୀ ପଟ୍ଟାୟତ ସାହୁଙ୍କୁ ବାବା ବଳିଆ ସମ୍ବର୍ଦ୍ଧିତ କରିଥଲେ । ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତର ଦୀନବନ୍ଧୁ ସାହୁ, ଡାକ୍ତର ହେମାଙ୍ଗିନୀ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିଳ୍ପୀ ମୁକୁନ୍ଦ ରେଡ୍ଡୀ, ସହିଦଙ୍କ ମାଆ ସୁଶୀଳା ନାଏକ, ସାମ୍ବାଦିକ ଓ ଆଶୁ କବି ଲଳିତ କାନୁନଗୋ, ପୂଜକ ଅଜୟ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ମୁଣ୍ଡ, ପତିହରା ମାଆ ସୁମତି ମୁଣ୍ଡ, ସୁକାନ୍ତି ସରାଫ, ଆଦିତି ସୁଆର, ସୌଭାଗ୍ୟ ମଞ୍ଜରୀ ପ୍ରଧାନୀ, ଦେବକୀ ସିଂ ଓ ସମାଜସେବୀ ପ୍ରଶାନ୍ତ ପ୍ରଧାନଙ୍କୁ ବାବା ବଳିଆ ସମ୍ବର୍ଦ୍ଧିତ କରିଥଲେ । ପ୍ରବଚକ ଆଶୀର୍ବାଦ ଜୀ ମହାରାଜଙ୍କ ତତ୍ତ୍ୱାବଧାନ ଓ ବିଶ୍ୱମ୍ବର ମିଶ୍ରଙ୍କ ବଳିଷ୍ଠ ଉଦ୍ୟମରେ ତିନିଦିନ ଧରି ହୋଇଥିବା ଉକ୍ତ ଆଧାବିକ କାର୍ଯ୍ୟକ୍ରମରେ ବାବାଜୀ ସଞ୍ଜୟ ଦାସ, ମଧୁସୁଦନ ଦାସ, ଗୋପାଳ ଦାସ, କାଳନ୍ଦୀ ଦାସ, ନରହରି ଦାସ, ଶ୍ରିବାସ ଦାସ, ସରଣ ମହାରାଜ ମଞ୍ଚ କାର୍ଯ୍ୟ ତୁଲାଇ ଥିବା ବେଳେ ଗୁରୁଭାଇ ପ୍ରମୋଦ ପଟ୍ଟନାୟକ, ସୁଜ୍ଞାନ ବାବୁ, କବିରାଜ ପଣ୍ଡା, ଜଗଦୀଶ ପଣ୍ଡା, କୈଳାସ ମହାପାତ୍ର ସହଯୋଗ କରିଥିଲେ ।

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ଉଦ୍‌ଯାପିତ

**ଭବାନୀପାଟଣା, ୨୯ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ସରିଆଁର ପଞ୍ଚାୟତ ଉଚ୍ଚବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି






ଭାବେ ପଞ୍ଚାୟତ ସମିତି କେସିଙ୍ଗାର ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ, ମୁଖ୍ୟବକ୍ତା ବିଶିଷ୍ଟ ବାଗ୍ମୀ ସତ୍ୟନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଚନ୍ଦ୍ରଶେଖର ଶବର, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ପ୍ରଧାନଶିକ୍ଷକ ସାଧୁରାମ ଭୋଇ ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କହ୍ନେଇ ଚରଣ ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ଅଧ୍ୟକ୍ଷ ଶାସ୍ତ୍ରୀଲାଲ ଛତ୍ରିଆ, ପୁରାତନ ଶିକ୍ଷାର୍ଥୀ ସଂସଦ ଉପସଭାପତି ବିଜୟ ଧଙ୍ଗଡ଼ାମାଝୀ, ମନୋଜ ପଟ୍ଟନାୟକ, ରଘୁନାଥ ଦୀପ, ପୁରାତନ ଶିକ୍ଷାର୍ଥୀ ସଂସଦ ସଦସ୍ୟ ଚନ୍ଦ୍ରଶେଖର ସାହୁ, ଦେଓଗାଁ ସରପଞ୍ଚ ଉମ୍ବରୁଧର ପଟ୍ଟନାୟକ, ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ନର୍ଲା ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସୁନାମୁଦି ମଞ୍ଚାସୀନ ଥିଲେ । ପୁରାତନ ଶିକ୍ଷାର୍ଥୀ ସଂସଦ ସଭାପତି ଓମ୍ ପ୍ରକାଶ ଛତ୍ରିଆ ଅଧ୍ୟକ୍ଷତା କରିଥିବା ବେଳେ ପୁରାତନ ଛାତ୍ର ସୁଧୀର କୁମାର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିଲେ । ଏ ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ପୁରାତନ ଓ ଅଧୁନାତନ ସଦସ୍ୟ ସଦସ୍ୟା, ପ୍ରତି ବ୍ୟାଚ୍ ଟପ୍ପର, ପୂର୍ବତନ ଶିକ୍ଷକ, ମଧଙ୍ଗରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସାନ୍ଧ୍ୟ ଅଧିବେଶନରେ ଅତିଥିଭାବେ ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚଳ ସାହୁ, ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ଅନନ୍ତରାମ ମାଝୀ, ବାଗପୁର ସରପଞ୍ଚ ଗୋପାଳକୃଷ୍ଣ ହାତୀ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ରୁପ୍ରା ସରପଞ୍ଚ ଡଲି ବେହେରା, ସର୍ଗିଗୁଡ଼ା ସରପଞ୍ଚ ପ୍ରତିନିଧି ବିଜୟ ବୁଦ୍ଧିଆ, ରାକ୍ସି ସରପଞ୍ଚ ଯେମନ୍ତ ପୋଢ଼, ଘୋଡ଼ାବନ୍ଧ ସରପଞ୍ଚ ପ୍ରତିନିଧି କେଶରୀ ବାଗ, ରୁପ୍ରାରୋଡ ସମିତି ସଭ୍ୟା ଦୀପାଞ୍ଜଳି ମାଝୀ, ଗାଡେବନ୍ଧ ସମିତିସଭ୍ୟା ସୁଜାତା ସାହୁ, ଭୀମକେଲା ସମିତି ସଭ୍ୟା ସୁମିତ୍ରା ମାଝୀ, ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ଘଣ୍ଟମାଳ ସମିତି ସଭ୍ୟା ଅବନ୍ତିକା ଦଳେଇ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଗୀତିନାଟ୍ୟ 'ଶ୍ରୀଗଣେଶ' ଘୁମୁରା, ବଜାଶାଳ, ଓଡ଼ିଶୀ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଓଲିଉଡ ଗାୟିକା ଅର୍ଚ୍ଚନା ପାଢ଼ୀଙ୍କ ମେଲୋଡି ପରିବେଷିତ ହୋଇଥିଲା । ହଜାର ହଜାର ସଂଖ୍ୟାରେ ପୁରାତନ ଓ ଅଧୁନାତନ ଶିକ୍ଷାର୍ଥୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଯୋଗ ଦେଇଥିଲେ । ପୁରାତନ ଶିକ୍ଷାର୍ଥୀ ସଂସଦ ସଭାପତି ଓମପ୍ରକାଶ ଛତ୍ରିଆଙ୍କ ନେତୃତ୍ୱରେ ତଥା ସଂସଦର ଉପସଭାପତି ବିଜୟ ଧଙ୍ଗଡ଼ାମାଝୀ, ମନୋଜ ପଟ୍ଟନାୟକ ଓ ରଘୁନାଥ ଦୀପ, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ବିନାୟକ ମହନ୍ତ, ଯେମନ୍ତ ପୋଢ, ଅଜିତ କୁମାର ସାହୁ, ପାରେଶ୍ୱର ରଣା ଓ ମକରନ୍ଦ ମାଝୀ, ଯୁଗ୍ମସମ୍ପାଦକ ରୀନା ଭୋଇ, ଅଚ୍ୟୁତାନନ୍ଦ ଭୋଇ, ସୌମ୍ୟରଞ୍ଜନ ସା, କୋଷାଧ୍ୟକ୍ଷ ନରୋତ୍ତମ କରୁଆଁ, ସଦସ୍ୟ ଚନ୍ଦ୍ରଶେଖର ସାହୁ, ହିମାଦ୍ରୀ ଭୋଇ, ସ୍ୱାଧୀନ କୁମାର ଭୋଇ, ଶିବପ୍ରସାଦ ସାହୁ, ସରୋଜ ମହାପାତ୍ର, ହିମାଂଶୁ ଶେଖର ଭୋଇଙ୍କ ସମେତ ସଂସଦର ସମସ୍ତ ଉପକମିଟିର କାର୍ଯ୍ୟକର୍ତ୍ତାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ବନ୍ଦ ପଡ଼ିଥିବା କୋଣାର୍କ ସୂତାକଳର ପୁନରୁଦ୍ଧାର ହେବ**

## ସୂତାକଳ ଯାଇ ଭିତ୍ତିଭୂମିର ନିରୀକ୍ଷଣ କଲେ ସାରଦା

**କେସିଙ୍ଗା, ୨୯ ।୧୨(ସମିସ):** କେସିଙ୍ଗା ବିଜେପିର ବନବିହାର କାର୍ଯ୍ୟକ୍ରମ ରେ ଯୋଗ ଦେବାକୁ ଆସିଥିବା ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ବନବିହାର କାର୍ଯ୍ୟକ୍ରମର ପରଦିନ ଚାରି ଦଶନ୍ଧି ଧରି ବନ୍ଦ ପଡ଼ିଥିବା କୋଣାର୍କ ସୂତାକଳକୁ ସ୍ଥାନୀୟ ବିଜେପି କର୍ମକର୍ତ୍ତାଙ୍କ ଅନୁରୋଧକ୍ରମେ ଜରାଜୀର୍ଣ୍ଣ ଅବସ୍ଥା ରେ ପଡ଼ି ରହିଥିବା କୋଣାର୍କ ସୂତାକଳକୁ ପରିଦର୍ଶନରେ ଯାଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସୂତାକଳର ପୁନରୁଦ୍ଧାର ହେବ ବୋଲି ପ୍ରତିଶ୍ରୁତି ମଧ ଦେଇଛନ୍ତି । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ



୧୯୮୪ ମସିହାରେ ସ୍ଥାପିତ ହୋଇଥିବା ଉକ୍ତ ସୂତାକଳ ଅଞ୍ଚଳରେ ଉତ୍ପାଦିତ ହେଉଥିବା ଉନ୍ନତମାନର କପା କୁ ଦେଖି ନିର୍ମାଣ କରାଯାଇଥିଲା । ଅଞ୍ଚଳର ପାରିପାର୍ଶିକ ବିକାଶ ସହିତ ଚାଷୀଙ୍କ କପାର ଉଚିତ୍ ମୂଲ୍ୟ ଅଞ୍ଚଳର ବେକାରୀ ସମସ୍ୟା ଦୂର ହେବ ବୋଲି ସ୍ଥାପିତ ଉକ୍ତ ସୂତାକଳ ୧୯୯୩ ମସିହାରେ ଜିନିଙ୍ଗ ମିଲ ଆରମ୍ଭ ହୋଇଥିଲା । ପ୍ରଥମେ ପ୍ରଥମେ ଲାଭରେ ଚାଲିଥିବା ଉକ୍ତ ଜିନିଙ୍ଗ ମିଲ କ୍ଷତି ଆଡକୁ ଗତି କରି ଶେଷରେ ବନ୍ଦ ହୋଇ ଯାଇଥିଲା । ପୂର୍ବରୁ ମଧ ଅନେକ ସଂଗଠନ ପୁନରୁଦ୍ଧାର ପାଇଁ ଅନେକ ଦାବିପତ୍ର ସମେତ ଉଚ୍ଚତମ ନ୍ୟାୟାଳୟ ପର୍ଯ୍ୟନ୍ତ କଥା ଯାଇଥିଲା ବର୍ତ୍ତମାନ ମଧ ଉଚ୍ଚତମ ନ୍ୟାୟାଳୟରେ ପିଟିସନ ଦାଖଲ ହୋଇଛି । ଚାରି ଦଶନ୍ଧି ଧରି ବନ୍ଦପଡ଼ିଥିବା ଉକ୍ତ କୋଣାର୍କ ସୂତାକଳ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପହିଛି । ୬ ମାସ ତଳେ ସେମିତି ଗୋଟିଏ ଦିନ ହଠାତ୍ କଳାହାଣ୍ଡି ଜିଲ୍ଲାପାଳଙ୍କ ସମେତ କିଛି ବଡ଼ବଡ଼ ଅଧିକାରୀ ମିଲ ପରିଦର୍ଶନରେ ଆସି ପୁନରୁଦ୍ଧାରର ଆଶା ଦେଇଥିଲେ ହେଲେ କାଳକ୍ରମେ ସେଇଟା ମଧ ଫସର ଫାଟିଗଲା । ବର୍ତ୍ତମାନ ଅଞ୍ଚଳରେ ଘରୋଇ ଜିନୀଙ୍ଗ ନାହିଁ । ମିଲ ଭଲରେ ଓ ଲାଭରେ ଚାଲିଥିବା ବେଳେ ସରକାରୀ ମିଲକୁ କାହିଁକି ବନ୍ଦ କରାଗଲା ବୁଝାପଡୁ ନାହିଁ । କାରଣ ବର୍ତ୍ତମାନ ଜିଲ୍ଲାରେ ପ୍ରାୟ ୧୦ ଲକ୍ଷ ଟନ ଉନ୍ନତମାନର କପା ଅମଳ ହେଉଛି ବୋଲି ସରକାରୀ କାଗଜପତ୍ରରେ ଲିପିବଦ୍ଧ ଅଛି ।କୋଣାର୍କ ସୂତାକଳ ପୁନରୁଦ୍ଧାର ହେଲେ କେବଳ କଳାହାଣ୍ଡି ଜିଲ୍ଲାର କପା ଚାଷୀ ନୁହେଁ ବରଂ ପଡୋଶୀ ନୂଆପଡ଼ା, ବଲାଙ୍ଗିର, ରାୟଗଡ଼ା, ନବରଙ୍ଗପୁରର ଚାଷୀ ଲାଭ ପାଇବା ସହିତ ଅଞ୍ଚଳର ବିକାଶ ସାଙ୍ଗକୁ ଅନେକ ଯୁବପିଢି ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ରୋଜଗାର ପାଇବେ ।

**ବୁଢ଼ାରଜା କ୍ରିକେଟ କପ ସିଜନ-୭**

## କଣ୍ଟାବାଞ୍ଜିକୁ ହରାଇ ସୁନ୍ଦରଗଡ଼ ଚାମ୍ପିଅନ

**ସିନାପାଲି, ୨୯ ।୧୨(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ସିଙ୍ଗଝର ବୁଢ଼ାରଜା ମିନି ଷ୍ଟାଡିୟମରେ ଆୟୋଜିତ ଐତିହାସିକ ବୁଢ଼ାରଜା ଆନ୍ତଃରାଜ୍ୟ କ୍ରିକେଟ କପ୍-୨୦୨୫ (ସଂସ୍କରଣ-୭)ଉଦ୍‌ଯାପିତ ହୋଇଯାଇଛି । ସ୍ପୋର୍ଟିଂ କ୍ଲବ୍ ସିଙ୍ଗଝର ପକ୍ଷରୁ ଆୟୋଜିତ କ୍ରିକେଟ କପକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ କରାଯାଇଥିଲା । ଫାଇନାଲ ମ୍ୟାଚ୍ ଅବସରରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ବିଶିଷ୍ଟ ଅତିଥି ଭାବେ ସିଙ୍ଗଝର ମିନି ଷ୍ଟାଡିୟମ ପାଇଁ ୫ ଏକର ଭୂମିଦାନ କରିଥିବା ସାବିତ୍ରୀ ମାଝୀ ଉପସ୍ଥିତ ଥିଲେ ।ସମ୍ମାନିତ ଅତିଥି ଭାବରେ ଖଡିଆଳ ଏନଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ବରିଷ୍ଠ ଶିକ୍ଷାବିତ ଚନ୍ଦ୍ରଭାନୁ କଶ୍ୟପ, ପୁଷ୍ପାଞ୍ଜଳି ଗୁଆଲ୍(୧୨-ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟା), ସିନାପାଲି ବ୍ଲକ ସମିତି ସଭ୍ୟ ସଂଘ ସଭାପତି ମନିସ କୁମାର ପଟେଲ, ସିଙ୍ଗଝର ସରପଞ୍ଚ କହ୍ନି ସିଂ ବାଗ,




ସମିତି ସଭ୍ୟା କୌଶଲ୍ୟା ପ୍ରଧାନ, ବିଜେପି ପୂର୍ବତନ ଜିଲ୍ଲା ସଭାପତି ସୁବ୍ରତ କୁମାର ଠାକୁର, ସିନାପାଲି ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠୀଆ, ଆୟୋଜକ କମିଟି ସଭାପତି ଗୌରୀଶଙ୍କର ମାଝି, ସମ୍ପାଦକ ପ୍ରେମଚାନ୍ଦ ବୈଠାରୁ, ସିନାପାଲି କଲେଜ ଓଡ଼ିଆ ଅଧ୍ୟାପକ ତଥା ପ୍ରତିଯୋଗିତାର ପୃଷ୍ଠପୋଷକ ବ୍ରଜମୋହନ ଧାକଡ, କଳିଙ୍ଗ ବୈଠାରୁ, ରାଜା ପାଣଗ୍ରାହୀ, ମହେନ୍ଦ୍ର ଅଗ୍ରୱାଲ, ଦାଦୁ ଖାନ, ସମେତ ଅଞ୍ଚଳର ଅନେକ ବ୍ୟକ୍ତିବିଶେଷ ଉପସ୍ଥିତଥିଲେ । ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ଼ ଓ କଣ୍ଟାବାଞ୍ଜି ଦଳ ମଧ୍ୟରେ ହୋଇଥିବା ରୋମାଞ୍ଚକର ସଂଘର୍ଷରେ ସୁନ୍ଦରଗଡ଼ ୧୭ ରନ୍‌ରେ ବିଜୟ ହାସଲ କରି ଚାମ୍ପିଅନ ହୋଇଥିଲା । ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ଦଳ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୬୮ ରନ୍ କରିଥିଲା । ଜବାବରେ କଣ୍ଟାବାଞ୍ଜି ଦଳ୨୦ ଓଭରରେ ୮ଟି ୱିକେଟ ହରାଇ ୧୫୨ ରନ୍‌ରେ ସୀମିତ ରହିଥିଲା । ଫାଇନାଲ ମ୍ୟାଚ୍‌ରେ ଅପୂର୍ବ ବ୍ୟାଟିଂ ପ୍ରଦର୍ଶନ କରି ସୁନ୍ଦରଗଡ଼ ଦଳର ପୂର୍ଣ୍ଣଚନ୍ଦ୍ର ମାଝୀ ୩୦ ବଲ୍‌ରେ ୬୭ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ । ମ୍ୟାଚ ରେଫେରି ଭାବେ ଶ୍ରୀକାନ୍ତ ନାହାକ ଓ ଅମ୍ପାୟାର ଭାବେ ତାପସ ପତି ଏବଂ ରୋହିତ ଦୀପ ଦାୟିତ୍ୱନିର୍ବାହ କରିଥିଲେ । ସ୍କୋର ବୋର୍ଡ ପରିଚାଳନାରେ ଆକାଶ ବୈଠାରୁ, ସାନ୍ତନୁ ବୈଠାରୁ, ପ୍ରକାଶ ମାଝୀ ଓ ପ୍ରଦୀପ କୁମାର ନାଏକ ସହଯୋଗ କରିଥିଲେ ।ଚାମ୍ପିଅନ ସୁନ୍ଦରଗଡ଼ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କା ଓ ରନର୍ସଅପ୍ କଣ୍ଟାବାଞ୍ଜି ଦଳକୁ ୭୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ବିଧାୟକ ପାଣ୍ଠି ରୁ ଷ୍ଟାଡିୟମର ଉନ୍ନତିକରଣ ପାଇଁ ୨୦ ଲକ୍ଷ ଟଙ୍କାର ଅନୁଦାନ ଦେବା ପାଇଁ ଘୋଷଣା କରିଥିଲେ ।

## ଏକଲ ଅଭିଯାନର ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ମ.ରାମପୁର, ୨୯ ।୧୨(ସମିସ):** ମ.ରାମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକଲ ଅଭିଯାନର ପାଞ୍ଚଦିନିଆ ଆଚାର୍ଯ୍ୟା, ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ସମାରୋପ ଉତ୍ସବରେ ମ.ରାମପୁର ବ୍ଲକ ସଭାପତି ପଦ୍ମଲୋଚନ ମିଶ୍ର, ନର୍ଲା ଉପସଭାପତି ସାରଥୀ ନାଏକ, ସମ୍ପାଦକ ବିଷ୍ଣୁ ବଡ଼ପଣ୍ଡା, କର୍ଲାମୁଣ୍ଡା ସଭାପତି ଲୋକନାଥ ଗହୀର, ଦକ୍ଷିଣ ଭାଗ ପ୍ରଶିକ୍ଷଣ ପ୍ରମୁଖ ଟିକେଶ୍ୱର ମାଝୀ, ଭବାନୀ ଅଞ୍ଚଳ ଗତିବିଧି ପ୍ରମୁଖ ଘନଶ୍ୟାମ ଭାଟି, ବ୍ୟାସ କଥା ପ୍ରମୁଖ ପ୍ରଦୀପ ପାଣିଗ୍ରାହୀ ଉପସ୍ଥିତ ଥିଲେ । ପ୍ରଶିକ୍ଷଣରେ ନବରଙ୍ଗପୁରର ନିର୍ମଳ ପ୍ରଧାନ, ରାଇଘରର ରାମନାଥ ଗଣ୍ଡ, ଡାବୁ ଗାଁର ପିତମ ଭତ୍ରା, ଝରିଗାଁର ବାବୁଲାଲ ଜଗତ, ରାଇକିଆର ଆଲୋକ ପ୍ରଧାନ, ତୁମୁଡ଼ିବନ୍ଧର ଉପେନ୍ଦ୍ର ଭଞ୍ଜ, ବାଲିଶଙ୍କରା, ସୁନ୍ଦରଗଡ଼ର ଦୀନେଶ ନାଏକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ ତଥା ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମ.ରାମପୁର ବ୍ଲକ ପ୍ରମୁଖ ଅଞ୍ଜନ ପାତ୍ର କାର୍ଯ୍ୟକ୍ରମର ତତ୍ତ୍ୱାବଧାନରେ ନର୍ଲା, ମ.ରାମପୁର, କର୍ଲାମୁଣ୍ଡା ବ୍ଲକର ପଚାଶରୁ ଉର୍ଦ୍ଧ୍ୱ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଯୋଗ ଦେଇଥିଲେ ।

# ସମ୍ପାଦକୀୟ




ଚନ୍ଦ୍ରମା ଭଳି ତୁମେ ମେଘମାଳା ଭିତରୁ ବାହାରି ଆସ ଓ ଆଲୋକ ବର୍ଷା କର।
-ଗୌତମ ବୁଦ୍ଧ

ସକାଳ
THE SAKALA

## ବାୟୁକୁ ଟପିଲାଣି ଜଳସଂକଟ

ବାୟୁ ପ୍ରଦୂଷଣ ନେଇ ରାଜ୍ୟ ସରକାରଙ୍କ ସକ୍ରିୟତା ଓ ଘୋଷିତ ଜୋରିମାନା ପରିମାଣ ଦେଖିଲେ ମନେହେଉଛି ଆମ ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ସତେଯେପରି ତେଲଙ୍ଗାନା ଓ କର୍ଣ୍ଣାଟକକୁ ଅତିକ୍ରମ କରିଗଲାଣି। ପ୍ରଦୂଷଣ ପ୍ରମାଣପତ୍ର ହାସଲ ନାମରେ କିଛି ଅନୁଗତ ସଂସ୍ଥାଙ୍କୁ ଉପାର୍ଜନର ସୁବିଧା ପ୍ରଦାନ ସହ ଜୁଲମ ପାଇଁ ଏହି ବ୍ୟବସ୍ଥା ପଥ ପରିଷ୍କାର କରିଛି ବୋଲି ଜନସାଧାରଣଙ୍କ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଋତୁକାଳୀନ ଏହି ବାୟୁପ୍ରଦୂଷଣ ଆଉ ମାସ ଗୋଟାଏ ପରେ କୁଆଡ଼େ ଉଭେଇଯିବ। ଅଥଚ ଜଳ ସଂକଟ ଓ ପ୍ରଦୂଷଣ ପରିସ୍ଥିତି ରାଜ୍ୟବାସୀଙ୍କର ସବୁଦିନିଆ ସମସ୍ୟା। କିନ୍ତୁ ସେଥିପ୍ରତି ରାଜ୍ୟ ସରକାରଙ୍କ ନିଘା ନାହିଁ। ମନେହେଉଛି ଶିଳ୍ପ ସମୃଦ୍ଧି ରାଜ୍ୟଗଠନ ପାଇଁ ସରକାରଙ୍କ ନିବେଶ ଆଭିମୁଖ୍ୟ ନିକଟରେ ଜଳଜନିତ ଗୁରୁତର ସମସ୍ୟା ଗୌଣ ହୋଇପଡ଼ିଛି। ରାଜ୍ୟରେ ସକ୍ରିୟ ଶିଳ୍ପ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କାଳେ ତାହାର ପ୍ରଭାବ ଆଶାୟୀ ଶିଳ୍ପ ସଂସ୍ଥାଙ୍କ ଉପରେ ପଡ଼ିବ! ଏହିକାରଣରୁ ୫୮ଟି ଶିଳ୍ପସଂସ୍ଥାଙ୍କ ଉପରେ ଥିବା ବକେୟା ୫୮୯୦ କୋଟି ଟଙ୍କାର ଜଳ କର ଆଦାୟ କରିବାକୁ ସରକାର ବୋଧହୁଏ ସାହସ କରିପାରୁନାହାନ୍ତି। ଅନ୍ୟପକ୍ଷରେ ଶିଳ୍ପ ସଂସ୍ଥା ଅବାଧରେ ଶିଳ୍ପବର୍ଜ୍ୟ ନଦୀ ଗର୍ଭକୁ ଛାଡୁଥିବାରୁ ନଦୀ ଜଳ ସହିତ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେଉଛି ଏବଂ ବିଭିନ୍ନ ରୋଗର କାରଣ ପାଲଟିଛି।

ଅସଲରେ ବାୟୁ ପ୍ରଦୂଷଣ ପଛର କାରଣ ନିର୍ଣ୍ଣୟ କରିବାରେ ପ୍ରଶାସନ ବିଫଳ ନା ସରକାର ଉଦ୍ଦେଶ୍ୟମୂଳକ ଭାବେ ଜାଣିବାକୁ ଚେଷ୍ଟା କରୁନାହାନ୍ତି ସେହି ପ୍ରଶ୍ନ ଏବେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି। ବାୟୁପ୍ରଦୂଷଣରେ ଯାନବାହନରୁ ନିର୍ଗତ ଧୂଆଁର ଯୋଗଦାନ ଯେତିକି ରହିଛି, ତା'ଠାରୁ ଅଧିକ ରହିଛି ଶିଳ୍ପାୟନ, ସହରୀକରଣ ଓ ବିନିର୍ମାଣ ଭଳି କାର୍ଯ୍ୟକଳାପର। ଅଥଚ ସେହିସବୁ କ୍ଷେତ୍ରରୁ ଜୋରିମାନା ଆଦାୟ ବା କଟକଣା ଲାଗୁ କରିବାରେ ଶାସନ/ପ୍ରଶାସନର ନିଷ୍କ୍ରିୟତା ବାରି ହୋଇପଡୁଛି। ସହରବଜାରରେ ଯାନବାହନର ପ୍ରଦୂଷଣ ମାନଦଣ୍ଡ ଯାଞ୍ଚ କରିବା ଭଳି ଯଦି ବିଭାଗୀୟ କର୍ତ୍ତୃପକ୍ଷ ଶିଳ୍ପାଞ୍ଚଳରେ ସକ୍ରିୟ ହୁଅନ୍ତେ ତେବେ ରାଜ୍ୟ ଓ ରାଜ୍ୟବାସୀଙ୍କୁ ଅଧିକ ଫାଇଦା ମିଳନ୍ତା। କିନ୍ତୁ ଶିଳ୍ପାୟନ ପାଇଁ ବଦ୍ଧପରିକର ସରକାର ଶିଳ୍ପସଂସ୍ଥାଙ୍କ ସାତଖୁଣ ମାଫ କରିଦେବା ଭଳି ମାନସିକତାରେ ଥିବା ଜଣାପଡୁଛି। ଶିଳ୍ପ ସଂସ୍ଥାମାନଙ୍କର କେବଳ ବାୟୁମଣ୍ଡଳକୁ କାର୍ବନ ନିର୍ଗମନ ନୁହେଁ, ନଦୀ ଜଳକୁ ବର୍ଜ୍ୟ ବିସର୍ଜନ ମଧ୍ୟ ରାଜ୍ୟରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ବାୟୁ ପ୍ରଦୂଷଣ ଜନିତ ରୋଗ ଅପେକ୍ଷା ପ୍ରଦୂଷିତ ଓ ବିଷାକ୍ତ ଜଳ ସଂକ୍ରମିତ ରୋଗର ପ୍ରାବଲ୍ୟ ବଢୁଛି। ଅଥଚ ସରକାର ସେଥିପ୍ରତି ଯେତିକି ଦୃଷ୍ଟି ଦେବା କଥା ତାହାର ଅଭାବ ରହୁଛି। ଗତ କିଛିମାସ ତଳେ ପ୍ରଦୂଷିତ ଜଳ ଯୋଗୁଁ ସାରା ରାଜ୍ୟରେ ହଇଜା ବ୍ୟାପୀ ଜୀବନହାନିର କାରଣ ହୋଇଥିଲା। ଏହି ଘଟଣାକୁ ଏକ ଋତୁକାଳୀନ ପ୍ରାଦୁର୍ଭାବ ବୋଲି ସ୍ପଷ୍ଟୀକରଣ ଦେଇ ସରକାର ଜନସାଧାରଣଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରି ସଫଳ ହୋଇଥିଲେ। କିନ୍ତୁ ଅସଲରେ ପ୍ରଦୂଷିତ ଜଳ ହିଁ ସବୁ ସମସ୍ୟାର ମୂଳ ତାହାକୁ ଭୁଲି ଗଲେ ଚଳିବ ନାହିଁ।



ରାଜ୍ୟରେ ଶିଳ୍ପସଂସ୍ଥାମାନଙ୍କର ସାମାଜିକ କଲ୍ୟାଣ ଦାୟିତ୍ୱହୀନତା କାରଣରୁ କେବଳ ଜଳପ୍ରଦୂଷଣ ବଢୁନାହିଁ, ତା'ସହିତ ଜଳାଭାବ-ସଙ୍କଟ ମଧ୍ୟ ଉତ୍କଟ ହେବାରେ ଲାଗିଛି। ରାଜ୍ୟରେ ସକ୍ରିୟ ଶିଳ୍ପସଂସ୍ଥା ମୁଖ୍ୟତଃ ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟାରୁ ଜଳ ନେବା ସକାଶେ ଜଳସମ୍ପଦ ବିଭାଗ ସହ ଚୁକ୍ତିବଦ୍ଧ। ୨୦୨୧ରେ ସେମାନେ ପ୍ରକୃତରେ କେତେ ଜଳ ନେଇଛନ୍ତି ତାହାର ନିର୍ଦ୍ଧାରଣ ପାଇଁ ସେନ୍ସରଭିତ୍ତିକ 'ଫ୍ଲୋମିଟର' ସଂଯୋଗ ସକାଶେ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହାର ଉଲ୍ଲଙ୍ଘନ ହୋଇଛି। ଏଥିରୁ ସ୍ପଷ୍ଟ ଯେ ଚୁକ୍ତି ପରିମାଣଠାରୁ ଶିଳ୍ପ ସଂସ୍ଥାଗୁଡ଼ିକ ଯଥେଷ୍ଟ ଅଧିକ ଜଳ ଉତ୍ତୋଳନ କରୁଛନ୍ତି। ଏ ନେଇ ଗୁରୁତର ଅଭିଯୋଗ ହେବାରୁ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା 'ଫ୍ଲୋମିଟର' ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ୬ ଗୁଣ ଅଧିକ ଟିକସ ଜୋରିମାନା ଆକାରରେ ଆଦାୟ କରାଯିବ। ଏହି କଠୋର ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେବ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଅନୁଯାୟୀ, ସହରାଞ୍ଚଳ ଆବର୍ଜନା ସହ ଶିଳ୍ପ ବର୍ଜ୍ୟ ସିଧାସଳଖ ନଦୀ ଜଳରେ ମିଶୁଥିବାରୁ ଗଙ୍ଗୁଆ ଦୟା, ମଙ୍ଗଳା, କାଠଯୋଡ଼ି, ସେରିଆ, ବ୍ରାହ୍ମଣୀ ଓ ଗୁଲାଡିହ ନାଳ ଅଧିକ ପ୍ରଦୂଷିତ ହୋଇଛି। ଜଳ ପ୍ରଦୂଷଣରେ ଯେଉଁ ବର୍ଗୀକରଣ କରାଯାଉଛି ସେଥିରେ ଦୟା, ମଙ୍ଗଳା, କାଠଯୋଡ଼ି, ସେରୁଆ ଓ ବ୍ରାହ୍ମଣୀ ଜଳ ବର୍ଗ-୫ ରେ ରହିଛି। ଏହାକୁ ଆମେ ମାତ୍ରାଧିକ ପ୍ରଦୂଷିତ ଜଳ ରୂପେ ଗ୍ରହଣ କରିପାରିବା। ବ୍ରାହ୍ମଣୀରେ ଶିଳ୍ପ ବର୍ଜ୍ୟ ମିଶୁଥିବାରୁ ଏହି ବିଷାକ୍ତ ଜଳ ଗୁରୁତର ପରିସ୍ଥିତି ସୃଷ୍ଟି କରିଛି।

ସରକାର କେବଳ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କସରତରେ ନିଜକୁ ସୀମିତ ରଖିଲେ ଚଳିବ ନାହିଁ। ନଦୀ ଓ ଭୂତଳ ଜଳ ପ୍ରଦୂଷଣ ଭଳି ଗୁରୁତର ସମସ୍ୟା ଏବଂ ସେଥିରୁ ସୃଷ୍ଟ ରୋଗର ପ୍ରତିକାର ପାଇଁ ସରକାର ସଚେତନ ହେବା ଜରୁରୀ।

## ଭାରତର ମୁକ୍ତ ଅର୍ଥନୀତିରେ ଏକାଧିକାର

**ସନ୍ତୋଷ କୁମାର ମିଶ୍ର**

ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କିଛିଦିନ ତଳେ ସୃଷ୍ଟି ହୋଇଥିବା ସଙ୍କଟ ଯୋଗୁଁ ଉଭୟ ଯାତ୍ରୀ ଓ ପଣ୍ୟ ପରିବହନ ସେବା ପ୍ରଭାବିତ ହୋଇଛି। ଏହି ସମସ୍ୟା ହଠାତ୍ ସୃଷ୍ଟି ହୋଇନାହିଁ; ବରଂ ଗତ ପାଞ୍ଚ ବର୍ଷ ତଳୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଏବେ ବିସ୍ଫୋରକ ସ୍ଥିତିରେ ପହଞ୍ଚିଛି। ଦେଢ଼ଦଶନ୍ଧି ପୂର୍ବେ ଭାରତରେ ଏକଡଜନ୍‌ରୁ ଅଧିକ କମ୍ପାନୀ ବିମାନ ସେବା ପ୍ରଦାନ କରୁଥିଲେ। କିନ୍ତୁ ଆଜି କେବଳ ଏହି କ୍ଷେତ୍ରରେ ମାତ୍ର ଦୁଇ/ତିନିଟି କମ୍ପାନୀର ଉପସ୍ଥିତି ରହିଛି। ଭାରତର ୭୦ ପ୍ରତିଶତରୁ ଅଧିକ ପଥରେ ମାତ୍ର ଗୋଟିଏ କମ୍ପାନୀର ବିମାନ ଚଳାଚଳ କରୁଛି। ଏହାଫଳରେ ବିମାନରେ ଯାତ୍ରା ମୂଲ୍ୟ ମଧ୍ୟ ବଢ଼ିବାରେ ଲାଗିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟର ତଥ୍ୟାନୁଯାୟୀ, ବିଗତ ଛ' ବର୍ଷ ମଧ୍ୟରେ ଅନ୍ତଃରାଷ୍ଟ୍ରୀୟ ଟିକେଟ ଦର ୧୬ ପ୍ରତିଶତ ମହଙ୍ଗା ହୋଇଥିବା ବେଳେ ଭାରତୀୟ ବିମାନ ଟିକେଟ ଦର ୪୩ ପ୍ରତିଶତ ବୃଦ୍ଧି ହୋଇଛି। ଦକ୍ଷିଣ-ଏସୀୟ ଦେଶ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି ଭାରତର ଅତି ଦାମିକା ବିମାନ ସେବା।

ନବ ଉଦାରୀକରଣ ଅର୍ଥନୀତିରେ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏକାଧିକାର ସୃଷ୍ଟି ହେବା ଏକ ସମସ୍ୟା ନୁହେଁ, ବରଂ ଏକ ସୁଚିନ୍ତିତ ବ୍ୟବସାୟ ରଣନୀତି। କାରଣ ମୁକ୍ତଅର୍ଥନୀତିର ଏକ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ବାଜରରେ ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରି ନାଗରିକମାନଙ୍କ ବିଭିନ୍ନ ପ୍ରକାରର ଅଧିକାର ଓ ସ୍ୱାର୍ଥକୁ ସୁରକ୍ଷିତ ରଖିବା। କେବଳ ବିମାନ ଚଳାଚଳ ନୁହେଁ, ଭାରତର ବିଶାଳ ବଜାରରେ ବର୍ତ୍ତମାନ ପ୍ରାୟ ଆଠଟି କ୍ଷେତ୍ରରେ ଏକାଧିକାର ସୃଷ୍ଟି ହୋଇଛି ବା ହେବାକୁ ଯାଉଛି। ବଜାରରେ ପ୍ରତିଦ୍ୱନ୍ଦ୍ୱିତା ସ୍ଥିତି କିପରି ରହିଛି, ତାହା 'ହରଫିଣ୍ଡାଲ ହରିସମ୍ୟାନ' ସୂଚକାଙ୍କ (ଏଚଏଚଆଇ) ଦ୍ୱାରା ନିର୍ଦ୍ଧାରିତ ହୁଏ। ୧୯୪୦ ମସିହାରେ ଆମେରିକୀୟ ଅର୍ଥଶାସ୍ତ୍ରୀ ଆଲବର୍ଟ ହରିସମ୍ୟାନ୍ ବଜାରରେ ପ୍ରତିଦ୍ୱନ୍ଦ୍ୱିତାକୁ ମାପିବା ପାଇଁ ଏକ ପଦ୍ଧତି ବିକଶିତ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଥନୀତିଜ୍ଞ ଓରିସ୍ ହରଫିଣ୍ଡାଲ ଏହାକୁ ଅଧିକ ଉନ୍ନତ କରିଥିଲେ। ଏହା ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାକୁ ମାପିବା ପାଇଁ ବ୍ୟବହୃତ ହେଉଛି।

ଏହି ସୂଚକାଙ୍କରେ ୧୫୦୦ ରୁ କମ ମୂଲ୍ୟାଙ୍କ ଦର୍ଶାଇଥାଏ ଯେ ବଜାରରେ ଉତ୍ତମ ପ୍ରତିଦ୍ୱନ୍ଦ୍ୱିତା ରହିଛି। ୧୫୦୦-୨୫୦୦ ମୂଲ୍ୟାଙ୍କ ପ୍ରତିଦ୍ୱନ୍ଦ୍ୱିତା ହ୍ରାସ ପାଉଥିବା ସୂଚାଏ। ୨୫୦୦ ରୁ ଅଧିକ ମୂଲ୍ୟାଙ୍କ ଜଣାଇ ଦିଏ ଯେ ପ୍ରତିଦ୍ୱନ୍ଦ୍ୱିତା ସମାପ୍ତ ହୋଇଛି। ବର୍ତ୍ତମାନ ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଏଚଏଚଆଇର ମୂଲ୍ୟାଙ୍କ ୪୪୦୦ ରହିଥିବା ବେଳେ ରଙ୍ଗ ଉତ୍ପାଦନରେ ୩୬୦୭, ସଞ୍ଚାର କ୍ଷେତ୍ରରେ ୩୦୦୦, ଷ୍ଟିଲ ଉତ୍ପାଦନରେ ୨୧୦୦, ଟାୟାର ଉତ୍ପାଦନରେ ୨୦୦୦, ସିମେଣ୍ଟ ଉତ୍ପାଦନରେ ୧୯୦୦ ରହିଛି। ଆର୍ଥିକ ବର୍ଷ ୧୪-୧୫ ରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଦୁଇଟି ଅଗ୍ରଣୀ କମ୍ପାନୀର ରାଜସ୍ୱ ଅଂଶ ୫୩.୧ ଶତାଂଶ ଥିବା ବେଳେ ବର୍ତ୍ତମାନ ଏହା ୯୨.୬%ରେ ପହଞ୍ଚିଛି। ଟାୟାର ଉତ୍ପାଦନ କ୍ଷେତ୍ରରେ ୪୮.୯ ପ୍ରତିଶତ ଥିବା ବେଳେ ଏବେ ଏହା ୫୫%ରୁ ଅଧିକ।

ଚୀନ ପରେ ବିଶ୍ୱର ସର୍ବବୃହତ ସଞ୍ଚାର କ୍ଷେତ୍ର ଭାରତରେ ଏକ ଦଶନ୍ଧି ପୂର୍ବେ ଦୁଇଟି ପ୍ରମୁଖ କମ୍ପାନୀଙ୍କ ରାଜସ୍ୱ ଅଂଶ ୪୬.୫% ଥିବା ବେଳେ ବର୍ତ୍ତମାନ ସେମାନଙ୍କ ରାଜସ୍ୱ ଅଂଶ ୭୨%ରୁ ଅଧିକ। ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ଏହା ୪୪.୫%ରୁ ବୃଦ୍ଧି ପାଇ ୫୭.୬%ରେ ପହଞ୍ଚିଛି। ସିମେଣ୍ଟ ଉତ୍ପାଦନରେ ଏକଚାଟିଆ ରାଜସ୍ୱ ଅଂଶ ୪୦.୯%ରୁ ୪୮.୮%କୁ ବୃଦ୍ଧି ପାଇଛି। ଇ-ବାଣିଜ୍ୟରେ ଦୁଇଟି ଅଗ୍ରଣୀ କମ୍ପାନୀଙ୍କ ରାଜସ୍ୱ ଅଂଶ ୮୦ ଶତାଂଶରୁ ଅଧିକ। 'ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ'ର ତଥ୍ୟାନୁସାରେ ୟୁପିଆଇ ମାଧ୍ୟମରେ ଦୈନିକ ହାରାହାରି ୬୫ କୋଟି ଟଙ୍କାର ଦେଣନେଣ ହେଉଛି। କିନ୍ତୁ ଦୁଇଟି ଅଗ୍ରଣୀ କମ୍ପାନୀଙ୍କ ଦ୍ୱାରା ୮୧ ପ୍ରତିଶତରୁ ଅଧିକ ଦେଣନେଣ ହେଉଛି। ଘରକୁ ଖାଦ୍ୟ କିମ୍ବା ଓ ଅଟୋ ରିକ୍ସା କିମ୍ବା ଟ୍ୟାକ୍ସି ମଗାଇବା କ୍ଷେତ୍ରରେ କେବଳ ଦୁଇଟି ଲେଖାଏଁ କମ୍ପାନୀ ହିଁ ସେବା ଯୋଗାଇ ଦେଉଛନ୍ତି।

ବଜାରରେ ଏକାଧିକାର ସୃଷ୍ଟି କରିବାରେ କେବଳ ବେସରକାରୀ କମ୍ପାନୀ ନାହାନ୍ତି, ସରକାରୀ ଅଧିକୃତ କମ୍ପାନୀମାନେ ମଧ୍ୟ ଆଗୁଆ ଅଛନ୍ତି। ଅନଲାଇନ ଟ୍ରେନ ଟିକେଟ ଅଗ୍ରୀମ ବୁକିଂ କ୍ଷେତ୍ରରେ ଆଇଆରସିଟିସିର ଶତପ୍ରତିଶତ ଅଧିକାର ରହିଛି। କୋଲ୍ ଇଣ୍ଡିଆ ପାଖରେ କୋଇଲା ଉତ୍ପାଦନ କ୍ଷେତ୍ରରେ ୮୨ % ଅଧିକାର ଆଇନ ଦ୍ୱାରା ସୁରକ୍ଷିତ। ବିଦ୍ୟୁତ୍ ଶକ୍ତି ସରବରାହର କ୍ଷେତ୍ରର ୮୫% ପାୱାର ଗ୍ରୀଡ ଅଧୀନରେ ରହିଛି। ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ ଅଧୀନରେ ରହିଛି ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ପାଦନର ୭୦ ଶତାଂଶ। ୨୦୨୩ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଏକ ରାୟରେ କହିଥିଲେ ଯେ ପ୍ରତିଦ୍ୱନ୍ଦ୍ୱିତା ଆଇନ ଊର୍ଦ୍ଧ୍ୱରେ ଜାତୀୟକରଣ ଆଇନ ନୁହେଁ। ତଥାପି ଭାରତର ସଞ୍ଚାର କ୍ଷେତ୍ରକୁ ବାଦ୍ ଦେଲେ ଭାରତର ଅନ୍ୟ ସମ୍ବେଦନଶୀଳ କ୍ଷେତ୍ରରେ କୌଣସି ପ୍ରଭାବ ଦୃଷ୍ଟିଗୋଚର ହୁଏ ନାହିଁ।

ସାଧାରଣ ଭାବରେ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ହ୍ରାସ ପାଇବା ଦ୍ୱାରା ଦ୍ରବ୍ୟ କିମ୍ବା ସେବା ମହଙ୍ଗା ହୁଏ ବୋଲି ଧାରଣା ରହିଛି। ଇଣ୍ଡିଗୋ ବିମାନ ସେବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ସଞ୍ଚାର କ୍ଷେତ୍ରରେ ମଧ୍ୟ ସମାନ ଧରଣର ପରିସ୍ଥିତି ସୃଷ୍ଟି ହୋଇଛି। ଏକାଧିକାର ଉଭୟ ଗ୍ରାହକ ଓ ଶ୍ରମବଜାରକୁ ଶୋଷଣ କରେ। ଉଭୟ ଉପଭୋକ୍ତା ଓ କର୍ମଜୀବୀମାନଙ୍କ ମୂଳଚାଲ ଶକ୍ତି ଲୋପ ପାଇଯାଏ। କୁଶଳୀ ମାନବ ସମ୍ବଳ ଉପେକ୍ଷିତ ହୁଏ। ଆର୍ଥିକ ବର୍ଷ ୨୦୨୩-୨୪ ରେ ଭାରତର ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ୮ ଶତାଂଶରୁ ଅଧିକ ରହିଲା। କିନ୍ତୁ କର୍ମଜୀବୀମାନଙ୍କ ବେତନ ହାରାହାରି ୧୦ ଶତାଂଶରୁ ଅଧିକ ବଢ଼ିଲା ନାହିଁ। ଭାରତର ଅର୍ଥନୀତିରେ ଏକାଧିକାର ବୃଦ୍ଧି ପାଉଥିବାରୁ ନୂଆ କମ୍ପାନୀମାନଙ୍କ ପାଇଁ ବଜାର ପ୍ରବେଶ ପ୍ରାୟ ବନ୍ଦ ହୋଇ ସାରିଛି।

ବଜାରରେ ଏକାଧିକାର ସୃଷ୍ଟି କରିଥିବା କମ୍ପାନୀମାନଙ୍କ ପ୍ରକୃତ ବଳ ହେଉଛି ଉଭୟ ବିଦେଶୀ ଓ ଘରୋଇ ନିବେଶ। ଯେଉଁ କମ୍ପାନୀମାନେ ବଜାରକୁ ନିଜ ହାତ ମୁଠାରେ ରଖିଛନ୍ତି ପ୍ରତିଭୂତି ବଜାରରେ ସେମାନଙ୍କ ଅଂଶଧନ ଚଢ଼ା ଦରରେ ବିକ୍ରି ହୁଏ। ନିବେଶକ କେବଳ ନିଜର ପୁଞ୍ଜିର ସୁରକ୍ଷା ଏବଂ ସେଥିରୁ ଭଲ ଆୟକୁ ଆଖି ଆଗରେ ରଖି ପୁଞ୍ଜି ବିନିଯୋଗ କରେ। ବର୍ତ୍ତମାନ ଭାରତର ପ୍ରତିଭୂତି ବଜାରରେ ଏହି ଅବସ୍ଥା ଦେଖିବାକୁ ମିଳିଛି। ରାଜସ୍ୱ ଅଂଶରେ ଏକାଧିକାର ଥିବା କମ୍ପାନୀମାନଙ୍କ ଅଂଶଧନର ମୂଲ୍ୟ ନିକଟତମ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ପ୍ରାୟ ପାଞ୍ଚ ଗୁଣା ଅଧିକ। ସେହି ଅନୁଯାୟୀ ଅଂଶଧନରୁ ଆୟର ଅନୁପାତ ବା ପିଇ ରେସିଓ ସାତଶହ ଗୁଣା ବୃଦ୍ଧି ପାଇଛି। ସାଧାରଣ ଭାବରେ ପିଇ ରେସିଓ ତିରିଶ ଗୁଣାରୁ ଅଧିକ ହେଲେ ଏହାକୁ କମ୍ପାନୀର ଆୟକୁ ଅତ୍ୟଧିକ ଆକଳନ କରାଯାଇଛି ବୋଲି ଧରାଯାଏ ଏବଂ ନିବେଶକମାନଙ୍କୁ ସାବଧାନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଏ। କିନ୍ତୁ ଭାରତର ପ୍ରତିଭୂତି ଓ ବିନିମୟ ପରିଷଦ ଏହି ବିଷୟରେ ନିଦା ବିଷ୍ଣୁ। ବଜାରରେ ଏକାଧିକାର ଦେଶର ଗବେଷଣା ଓ ବିକାଶ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରେ। କାରଣ ପୁଞ୍ଜି ବିନିଯୋଗ କେବଳ ଏକଚାଟିଆ ସ୍ଥିତିକୁ ମଜଭୁତ କରିବା ଏବଂ ସେଥିରୁ ଲାଭ ସାଉଁଟିବା ଉଦ୍ଦେଶ୍ୟରେ କରାଯାଏ।

ଭାରତରେ ଅର୍ଥନୀତି ମଧ୍ୟରେ ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିବା ଏବଂ ଏହାକୁ ବଜାୟ ରଖିବା ପାଇଁ ଆଇନ ରହିଛି। ଏହା ଉପରେ ନିୟମିତ ଭାବରେ ଦୃଷ୍ଟି ଦେବା ପାଇଁ ଭାରତୀୟ ପ୍ରତିସ୍ପର୍ଦ୍ଧା ଆୟୋଗ ରହିଛି। କମ୍ପାନୀମାନଙ୍କ ଦର ନିର୍ଦ୍ଧାରଣ ନୀତି, ଉତ୍ପାଦନ ସଙ୍କୁଚିତ କରି ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବା, ନିଲାମ ସମୟରେ ଏକପ୍ରକାରର ଦର କଷିବା ଇତ୍ୟାଦି ଉପରେ ଆୟୋଗ ପଦକ୍ଷେପ ଗ୍ରହଣ କରିପାରିବେ। କିନ୍ତୁ ଆୟୋଗ ପାଖରେ ଭିତ୍ତିଭୂମିର ଅଭାବ ଓ ଲକ୍ଷ ଲକ୍ଷ ମାମଲା ଶୁଣାଣି ପାଇଁ ବାକି ଅଛି। ଜୋରିମାନା ଆଦାୟର ପ୍ରକ୍ରିୟା ମଧ୍ୟ ବହୁତ ଶିଥିଳ ଓ ଜଟିଳ ଥିବାରୁ କମ୍ପାନୀମାନଙ୍କ ଭୟ ନାହିଁ। ୨୦୧୧ ରୁ ଆୟୋଗ ମୋଟ ୧୮, ୩୦୦ କୋଟି ଟଙ୍କା ଜୋରିମାନା ଆଦାୟ କରିବା ପାଇଁ ଆଦେଶ ଦେଇଥିଲେ ମଧ୍ୟ ମାତ୍ର ୩ ପ୍ରତିଶତ ଆଦାୟ ସମ୍ଭବ ହୋଇପାରିଛି।

ଆମେରିକା, ୟୁରୋପ, ଜାପାନ, ଦକ୍ଷିଣ କୋରିଆରେ ବଜାରରେ ଏକାଧିକାରକୁ ସଠିକ ଭାବରେ ନିୟନ୍ତ୍ରଣ କରାଯାଇଥିବାରୁ ମୁକ୍ତ ଅର୍ଥନୀତିର ସୁଫଳ ମିଳିଛି। ଗ୍ରାହକମାନଙ୍କ ସଂଖ୍ୟା ଦୃଷ୍ଟିରୁ ପ୍ରତ୍ୟେକ କ୍ଷେତ୍ରରେ ସର୍ବନିମ୍ନ ଭାବରେ ପାଞ୍ଚଟି ଅଗ୍ରଣୀ କମ୍ପାନୀ କାର୍ଯ୍ୟ କରିବା ଆବଶ୍ୟକ। ରାଜନୈତିକ ସଦିଚ୍ଛା, ପ୍ରତିଦ୍ୱନ୍ଦ୍ୱିତା ଆଇନର ଉପଯୁକ୍ତ ପ୍ରଣୟନ ଓ ସାଧାରଣ ନାଗରିକମାନଙ୍କ ସଚେତନତା ଭାରତର ବଜାରରେ ପ୍ରତିଦ୍ୱନ୍ଦ୍ୱିତାକୁ ଜୀବିତ ରଖିପାରିବ।

କଟକ, ମୋ: ୯୪୩୭୬୨୮୪୬୪

## ମୋହନଦାସରୁ ମହାତ୍ମା: ଏକ ଅସମାପ୍ତ ଯାତ୍ରା ଓ ବର୍ତ୍ତମାନର ବିଡ଼ମ୍ବନା

**ମାନସ କୁମାର କର**

ଇତିହାସର ପୃଷ୍ଠା ଓଲଟାଇଲେ ଆମକୁ ଏମିତି କିଛି ବ୍ୟକ୍ତିତ୍ୱଙ୍କ ସନ୍ଧାନ ମିଳେ, ଯେଉଁମାନେ କେବଳ ମଣିଷ ନୁହନ୍ତି, ବରଂ ଏକ ବିଚାରଧାରା। ଯେଉଁମାନଙ୍କ ଜୀବନକାଳ ତୁଳନାରେ ସେମାନଙ୍କ ମୃତ୍ୟୁ ପରବର୍ତ୍ତୀ ପ୍ରଭାବ ଅଧିକ ଶକ୍ତିଶାଳୀ ହୋଇଥାଏ। ସେମାନଙ୍କ ମଧ୍ୟରୁ ମହାତ୍ମା ଗାନ୍ଧୀ ଅନ୍ୟତମ। କିନ୍ତୁ ବିଡ଼ମ୍ବନା ହେଉଛି 'ମୋର ଜୀବନ ହିଁ ମୋର ବାର୍ତ୍ତା' ଏହି ଗୋଟିଏ ଧାଡ଼ିରେ ସମଗ୍ର ବିଶ୍ୱକୁ ଅହିଂସାର ପାଠ ପଢ଼ାଇଥିବା ମଣିଷ ଜଣକ ଆଜି ନିଜ ଦେଶରେ, ନିଜ ମାଟିରେ ଏକ ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ରେଳ ଷ୍ଟେସନରେ ଅପମାନିତ ହୋଇଥିବା ଯୁବକଠାରୁ ଆରମ୍ଭ କରି ଆଜିର ସମୟରେ ଭଗ୍ନମୂର୍ତ୍ତି ପର୍ଯ୍ୟନ୍ତ, ଗାନ୍ଧୀଙ୍କ ଯାତ୍ରା ଏକ ବିରାଟ ପରିବର୍ତ୍ତନର ସାକ୍ଷୀ।

୧୮୯୩ ମସିହା, ଦକ୍ଷିଣ ଆଫ୍ରିକାର ହାଡ଼ଭଙ୍ଗା ଶୀତରାତି। ପିଟରମାରିଜବର୍ଗ ଷ୍ଟେସନରେ ପ୍ରଥମ ଶ୍ରେଣୀର ଟିକେଟ ଥାଇ ମଧ୍ୟ ଜଣେ କଳାରଙ୍ଗର ବାରିଷ୍ଟରଙ୍କୁ ଟ୍ରେନରୁ ଧକ୍କା ମାରି ବାହାର କରିଦିଆଗଲା। ସେଦିନ ସେହି ଯୁବକ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ପାଇଁ ତାହା କେବଳ ଏକ ଶାରୀରିକ ଆଘାତ ନଥିଲା, ବରଂ ଥିଲା ଏକ ଆତ୍ମିକ ଜାଗରଣ। ସେହି ଅପମାନର ନିଆଁରୁ ଜନ୍ମ ନେଇଥିଲା 'ସତ୍ୟାଗ୍ରହ'। ସେଦିନ ଯଦି ସେହି ଇଂରେଜ ଅଧିକାରୀ ଜଣକ ଗାନ୍ଧୀଙ୍କୁ ଟ୍ରେନରୁ ଫିଙ୍ଗି ନଥା'ନ୍ତେ, ତେବେ ହୁଏତ ଭାରତକୁ 'ମହାତ୍ମା' ମିଳି ନ ଥା'ନ୍ତେ। ସେ ବୁଝିପାରିଥିଲେ ଯେ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ହାତରେ ଅସ୍ତ୍ର ନୁହେଁ, ବରଂ ଛାତିରେ ସାହସ ଓ ହୃଦୟରେ ସତ୍ୟର ଆବଶ୍ୟକତା ରହିଛି।

ଭାରତ ଫେରିବା ପରେ ଗାନ୍ଧିଜୀ ଅନୁଭବ କଲେ ଯେ, ପରାଧୀନତାର ବେଡ଼ି କେବଳ ଇଂରେଜମାନଙ୍କ ଶାସନରେ ନାହିଁ, ବରଂ ଭାରତୀୟମାନଙ୍କ ଭୟ ମଧ୍ୟରେ ରହିଛି। ସେ 'ଅହିଂସା'କୁ ଦୁର୍ବଳର ଅସ୍ତ୍ର ନୁହେଁ, ବରଂ ବୀରର ଭୂଷଣ ବୋଲି ପ୍ରମାଣିତ କଲେ। ୧୯୪୨ ମସିହାର 'ଭାରତ ଛାଡ଼ ଆନ୍ଦୋଳନ' ଥିଲା ଏହାର ଚରମ ନିଦର୍ଶନ। 'କର ବା ମର' ଏହି ଡାକରାରେ ସମଗ୍ର ଦେଶ ଏକଜୁଟ ହୋଇଗଲା। କୌଣସି ବନ୍ଧୁକ କିମ୍ବା ବାରୁଦ ବିନା କେବଳ ନୈତିକ ବଳରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସାମ୍ରାଜ୍ୟର ମୂଳଦୁଆ ଦୋହଲି ଯାଇଥିଲା। ଗାନ୍ଧିଜୀ ଦେଖାଇଦେଲେ ଯେ ଶାନ୍ତିର ଶବ୍ଦ ଯୁଦ୍ଧର ହୁଙ୍କାରଠାରୁ ଅଧିକ ଶକ୍ତିଶାଳୀ। କିନ୍ତୁ ଆଜିର ଚିତ୍ର କ'ଣ? ଯେଉଁ ଦେଶ ଦିନେ ଗାନ୍ଧୀଙ୍କୁ 'ଜାତିର ପିତା' ରୂପେ ସମ୍ମାନ ଦେଇଥିଲା, ଆଜି ସେହି ଦେଶର କିଛି କୋଣରେ ଗାନ୍ଧୀଙ୍କ ମୂର୍ତ୍ତି ଭଙ୍ଗା ଯାଉଛି। ଏହା କେବଳ ପଥରର ମୂର୍ତ୍ତି ଭାଙ୍ଗିବା ନୁହେଁ, ଏହା ଆମ ସମାଜର ନୈତିକ ମୂଲ୍ୟବୋଧର ଅବକ୍ଷୟର ପ୍ରତୀକ।

ବର୍ତ୍ତମାନ ସମୟରେ ଗାନ୍ଧୀଙ୍କ ବିଚାରଧାରାକୁ ନେଇ ଯେଉଁ ବିତର୍କ ସୃଷ୍ଟି ହେଉଛି, ତାହା ଅନେକ ସମୟରେ ଘୃଣାର ରୂପ ନେଉଛି। କିଛିଲୋକ ଇତିହାସର ଅର୍ଦ୍ଧସତ୍ୟକୁ ଆଧାର କରି ଗାନ୍ଧୀଙ୍କ ଚରିତ୍ର ସଂହାର କରିବାକୁ ପଛାଉ ନାହାନ୍ତି। ମୂର୍ତ୍ତି ଭାଙ୍ଗିବା, ଚଷମା ଚୋରି କରିବା କିମ୍ବା ତାଙ୍କ ଫଟୋଚିତ୍ରକୁ ଅସମ୍ମାନ କରିବା - ଏସବୁ କେବଳ ଗୋଟିଏ ବ୍ୟକ୍ତି ବିରୁଦ୍ଧରେ ଆକ୍ରୋଶ ନୁହେଁ, ବରଂ 'ସତ୍ୟ' ଓ 'ଅହିଂସା' ଭଳି ଶାଶ୍ୱତ ମୂଲ୍ୟବୋଧ ବିରୁଦ୍ଧରେ ଏକ ଯୁଦ୍ଧ। ଗାନ୍ଧୀଙ୍କ ମୂର୍ତ୍ତି ଭଙ୍ଗାଯିବା ଘଟଣା ସମାଜ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଉଛି। ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ। କିନ୍ତୁ ମତଭେଦ ଯେତେବେଳେ ହିଂସାର ରୂପ ନିଏ, ତାହା ସମାଜ ପାଇଁ ବିପଜ୍ଜନକ। ଗାନ୍ଧୀଙ୍କ ମୂର୍ତ୍ତି ଭାଙ୍ଗିବା ଆମ ସମାଜରେ ବଢୁଥିବା ଅସହିଷ୍ଣୁତାର ପ୍ରମାଣ। ଯୁବପିଢ଼ି ଆଜି 'ହ୍ୱାଟ୍ସଆପ୍ ୟୁନିଭର୍ସିଟି'ର ଜ୍ଞାନରେ ପରିଚାଳିତ। ସେମାନେ ଗାନ୍ଧୀଙ୍କ ତ୍ୟାଗ, ଦକ୍ଷିଣ ଆଫ୍ରିକାର ସଂଘର୍ଷ କିମ୍ବା ନୋଆଖାଲିର ଦଙ୍ଗା ସମୟରେ ତାଙ୍କର ଏକାକୀ ପଦଯାତ୍ରା ବିଷୟରେ ଜାଣିବାକୁ ଚେଷ୍ଟା କରୁନାହାନ୍ତି। ଏହାଫଳରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହେଉଛି।

ଆଜି ସମାଜ ଦୁଇଭାଗରେ ବିଭକ୍ତ। ଗୋଟିଏ ଗାନ୍ଧୀଙ୍କୁ ପୂଜା କରୁଛି ଏବଂ ଅନ୍ୟଟି ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ମହିମାମଣ୍ଡିତ କରୁଛି। ଏହି ବୈଚାରିକ ଦ୍ୱନ୍ଦ୍ୱ ଦେଶର ଏକତା ପାଇଁ ଶୁଭଙ୍କର ନୁହେଁ। ସମଗ୍ର ବିଶ୍ୱ ଆଜି ଯୁଦ୍ଧ ବିଭୀଷିକା ମଧ୍ୟରେ ଗାନ୍ଧୀଙ୍କ ଶାନ୍ତି ବାର୍ତ୍ତା ଖୋଜୁଛି। କିନ୍ତୁ ଯେତେବେଳେ ସେମାନେ ଦେଖନ୍ତି ଯେ ଗାନ୍ଧୀଙ୍କ ନିଜ ଦେଶରେ ତାଙ୍କର ପ୍ରତିମୂର୍ତ୍ତି ସୁରକ୍ଷିତ ନୁହେଁ, ସେତେବେଳେ ବିଶ୍ୱ ଦରବାରରେ ଭାରତର 'ଅହିଂସା ପରମୋ ଧର୍ମ'ର ଛବି ମଳିନ ପଡ଼ିଯାଏ। ଗାନ୍ଧୀ କୌଣସି ପଥରର ମୂର୍ତ୍ତି ନୁହନ୍ତି ଯେ ତାଙ୍କୁ ହାତୁଡ଼ିରେ ଭାଙ୍ଗି ଦେଲେ ସେ ଶେଷ ହୋଇଯିବେ। ଗାନ୍ଧୀ ଏକ ଚେତନା। ଯେତେଦିନ ପର୍ଯ୍ୟନ୍ତ ପୃଥିବୀରେ ସତ୍ୟ, ଅହିଂସା ଓ ମାନବିକତା ବଞ୍ଚିଥିବ, ସେତେଦିନ ପର୍ଯ୍ୟନ୍ତ ଗାନ୍ଧୀ ବଞ୍ଚିଥିବେ।

ଆଜିର ସମୟରେ ଆମକୁ ଗାନ୍ଧୀଙ୍କ ମୂର୍ତ୍ତି ପୂଜା କରିବାର ଆବଶ୍ୟକତା ନାହିଁ, ବରଂ ଆବଶ୍ୟକତା ଅଛି ତାଙ୍କ ବିଚାରକୁ ନିଜ ଜୀବନରେ ଉତାରିବାର। ମୂର୍ତ୍ତି ଭାଙ୍ଗୁଥିବା ହାତଗୁଡ଼ିକ ଯଦି ଥରୁଟିଏ ଭାବିଥା'ନ୍ତେ ଯେ ଯେଉଁବ୍ୟକ୍ତି ନିଜ ଛାତିରେ ଗୁଳି ବାଜିବା ପରେ ମଧ୍ୟ ହତ୍ୟାକାରୀକୁ କ୍ଷମା କରି 'ହେ ରାମ' କହିଥିଲେ, ତାଙ୍କୁ ଘୃଣା କରି ଆମେ ନିଜକୁ କେତେ ଛୋଟ କରୁଛୁ? ଗତ ୨୨ ତାରିଖ 'ସକାଳ'ରେ ସମ୍ପାଦକୀୟ ପୃଷ୍ଠାରେ ଡକ୍ଟର ଅବଶ ପରିଡ଼ାଙ୍କ ଆଲେଖ୍ୟ 'ଗାନ୍ଧୀଙ୍କ ପତନ ନିଶ୍ଚିତ?' ବିଷୟଟି ଏକ ଗୁରୁତ୍ୱପୂର୍ଣ୍ଣ ସତ୍ୟ ପ୍ରତିପାଦିତ କରେ। ଗାନ୍ଧୀ ଜଣେ 'ସମ୍ପୂର୍ଣ୍ଣ ମଣିଷ' ନଥିଲେ, ବରଂ ନିଜ ତ୍ରୁଟିକୁ ସ୍ୱୀକାର କରି ନୈତିକ ଭାବେ ବିକଶିତ ହେଉଥିବା ଜଣେ ସାଧକ ଥିଲେ। ତାଙ୍କୁ କେବଳ ପ୍ରତିମୂର୍ତ୍ତି ଭାବେ ପୂଜା ନକରି ତାଙ୍କ ଆଦର୍ଶର ସମାଲୋଚନାମୂଳକ ବିଶ୍ଳେଷଣ ହିଁ ତାଙ୍କୁ ଜୀବିତ ରଖିବ। ଗାନ୍ଧୀଙ୍କ ବିଚାରର ପତନ ନୁହେଁ, ବରଂ ଆମର ସଂକୀର୍ଣ୍ଣ ବ୍ୟାଖ୍ୟାର ପତନ ହେବା ଜରୁରୀ। ସତ୍ୟ ଓ ଅହିଂସା କୌଣସି ପ୍ରତିମୂର୍ତ୍ତିରେ ସୀମିତ ନୁହେଁ, ଏହା ଏକ ନିରନ୍ତର ଅଭ୍ୟାସ।

ଆସନ୍ତୁ, ମୂର୍ତ୍ତି ଭାଙ୍ଗିବା ବଦଳରେ ଆମ ଭିତରେ ଥିବା ଘୃଣା, ହିଂସା ଓ ଅଜ୍ଞାନତାର ମୂର୍ତ୍ତିକୁ ଭାଙ୍ଗିବା। ତାହା ହିଁ ହେବ ଜାତିର ପିତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। ଗାନ୍ଧୀ ମରିନାହାନ୍ତି, ଗାନ୍ଧୀ ମରିପାରିବେ ନାହିଁ। ସେ ଆମ ବିବେକରେ ଜୀବିତ ରହିବା ଉଚିତ୍।

କୋତାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

## ନବବର୍ଷର ପ୍ରତିଜ୍ଞା: ଚାଲନ୍ତୁ ହାତରେ ଲେଖିବା

**ଶ୍ରୀନନ**

ନୂଆ ବର୍ଷ ଆସୁଛି। କୁହାଯାଏ ଯେ ଏଦିନ ଆମେ ଅନେକ ଚିନ୍ତା କରି ଆଗାମୀ ଦିନଗୁଡ଼ିକୁ ନେଇ ନୂତନ କାର୍ଯ୍ୟକ୍ରମ ସ୍ଥିର କରୁ ଏବଂ ସେ ଲକ୍ଷ୍ୟ ପୂରଣ କରିବାକୁ ପ୍ରତିଜ୍ଞା କରୁ। କିନ୍ତୁ ତାହା ଖୁବ୍ ଶୀଘ୍ର ଭୁଲିଯାଉ। ସେଥିପାଇଁ ତାହା ମନେ ରଖିବାକୁ ଆଗେ ଲୋକେ ଏହାକୁ ଡାଏରୀରେ ଲେଖି ରଖୁଥିଲେ। ହେଲେ ଆଜି କାଲି ହେଲା ଡିଜିଟାଲ୍ ଯୁଗ। ହାତଲେଖାକୁ ଏବେ ସମୟ ଉପଯୋଗୀ ନୁହେଁ ବୋଲି ମନେ କରାଯାଉଛି। ସେଥିପାଇଁ ଏହାକୁ ହୁଏତ ଡିଜିଟାଲ୍ ମାଧ୍ୟମରେ ସଂଚିତ ରଖିବାକୁ ଲୋକେ ଚାହିଁବେ। କିନ୍ତୁ ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ଏହା ଏତେଟା ଉପଯୋଗୀ ନୁହେଁ। କାରଣ ହାତରେ ଲେଖିବା ମସ୍ତିଷ୍କକୁ ବିଭିନ୍ନ ରୂପେ ସକ୍ରିୟ କରେ। ଯାହାକି ଟାଇପିଂ ଦ୍ୱାରା ସମ୍ଭବ ନୁହେଁ। ଏଣୁ ଆଗାମୀ ବର୍ଷ ପାଇଁ ଆମ କଳ୍ପିତ କାର୍ଯ୍ୟକ୍ରମକୁ ନେଇ ପ୍ରତିଜ୍ଞାକୁ କାଗଜ କଲମରେ ଲିପିବଦ୍ଧ କରିବାକୁ ସେମାନେ ମତ ଦେଇଛନ୍ତି।

ନରୱେଜିଆନ୍ ୟୁନିଭରସିଟି ଅଫ୍ ସାଇନସ୍ ଆଣ୍ଡ ଟେକ୍ନୋଲୋଜିର ଗବେଷକମାନଙ୍କ ମତରେ ହାତରେ ଲେଖିବା ମସ୍ତିଷ୍କକୁ ବିଭିନ୍ନ ରୂପେ ସକ୍ରିୟ କରିଥାଏ। ଏହା ସ୍ନାୟବିକ ସଂଯୁକ୍ତିକୁ ଦୃଢ଼ୀଭୂତ କରେ। ଫଳରେ ଦୃଷ୍ଟିଶକ୍ତିଠାରୁ ଆରମ୍ଭ କରି ସ୍ମରଣଶକ୍ତି, ଶିକ୍ଷା କିରବା ଶକ୍ତି, ଚିନ୍ତା କରିବା ଶକ୍ତି ଆଦି ବୃଦ୍ଧି ପାଏ। ପୁନଶ୍ଚ ଏହା ମନକୁ ସୁସ୍ଥିର ହେବାରେ ସହାୟତା କରେ। ଅତଏବ ନୂତନ ବର୍ଷର ଆଗମନରେ ଉପଯୋଗୀ ନୂତନ ପ୍ରତିଜ୍ଞା ଲାଗି ଚିନ୍ତା କରିବାରେ ତାହା ଅଧିକ ସହାୟକ ହେବ।







ଦେଖାଯାଇଛି ଯେ ଡିଜିଟାଲ୍ ଟାଇପିଂର ବେଗ ଦ୍ରୁତ ଏବଂ ତାହାର ସଂଶୋଧନ ତଥା ତାହାକୁ ତ୍ରୁଟିଶୂନ୍ୟ କରିବାର ସୁଯୋଗ ଅଧିକ। କିନ୍ତୁ ଆମେ ହାତରେ ଲେଖିବା ବେଳେ ଅଧିକ ରଚନାତ୍ମକ ହୋଇପାରୁ। ଏଣୁ ଭାବିଚିନ୍ତି ଶବ୍ଦଟିଏ ଲେଖୁ। ଫଳରେ ଆମକୁ ସୃଜନାତ୍ମକ ଚିନ୍ତା ତଥା ସମ୍ଭବ ହେଲା ଭଳି ଲକ୍ଷ୍ୟ ସମ୍ପର୍କରେ ଲେଖିବାକୁ ଅବକାଶ ମିଳିଥାଏ। ପୁନଶ୍ଚ ତାହା ସହିତ ଆମର ଭାବପ୍ରବଣତା ମଧ୍ୟ ସଂପର୍କ ରହେ ଏବଂ ତାହାକୁ ହାସଲ କରିବାର ସମ୍ଭାବନା ମଧ୍ୟ ଅଧିକ ହୁଏ। ଅନ୍ୟପକ୍ଷରେ ଡିଜିଟାଲ ବ୍ୟବସ୍ଥାର ବ୍ୟବହାର ଦ୍ରୁତ ଏବଂ ଏକତ୍ର ବହୁବିଧ କାର୍ଯ୍ୟ କରିବାକୁ (ଗଙ୍କଷଗ୍ସସଗ୍ସବଙ୍ଘସଭଶ) (ମଲ୍‌ଟିଟାସ୍କିଂ) ଉଦ୍ଦିଷ୍ଟ ହେଲା ବେଳେ ହାତରେ ଲେଖିବା ଥରକେ ଗୋଟିଏ କାର୍ଯ୍ୟ(ସିଙ୍ଗଲ୍ ଟାସ୍କିଂ) କଲା ଭଳି ପରିବେଶ ସୃଷ୍ଟି କରେ। ଏଣୁ ଆମେ ଏକାନ୍ତ ରୂପେ ଭାବିଚିନ୍ତି ଏକାଗ୍ରତାର ସହ ଏହା କରିବାର ସୁଯୋଗ ପାଉ। ଅତଏବ ଏହାକୁ ନେଇ ଲକ୍ଷ୍ୟ ଧାର୍ଯ୍ୟ କଲେ ଏବଂ ପୂରଣ କରିବାକୁ ପ୍ରତିଜ୍ଞା କଲେ ତାହା ମନରେ ଦୀର୍ଘ ସ୍ଥାୟୀ ହେବା ସମ୍ଭବ। ପରିମାଣ ସ୍ୱରୂପ, ତାହା ପୂରଣ କରିବାର ଅବକାଶ ଅଧିକ।

ସେଥିପାଇଁ ନରୱେଜିଆନ୍ ୟୁନିଭରସିଟି ଅଫ୍ ସାଇନନ୍ ଆଣ୍ଡ ଟେକ୍ନୋଲୋଜିର ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ନୂଆ ବର୍ଷରେ ଚିନ୍ତା କରିଥିବା ଲକ୍ଷ୍ୟଗୁଡ଼ିକୁ ନେଇ କରୁଥିବା ପ୍ରତିଜ୍ଞାମାନ ଲିପିବଦ୍ଧ କରିବା ପାଇଁ କାଗଜ କଲମ ବ୍ୟବହାର କରିବା ଉଚିତ। ଚାଲନ୍ତୁ ଆମେ ତାଙ୍କ ପରାମର୍ଶକୁ ମାନିବା ଏବଂ ସେହିଅନୁସାରେ କାର୍ଯ୍ୟ କରିବା। ଏଥିସହିତ ପ୍ରତିଦିନ କିଛି କିଛି ହାତରେ ଲେଖିବାକୁ ପ୍ରତିଜ୍ଞା କରିବା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ସମ୍ମିଳନୀ

# ମାତୃଭାଷାରେ ହେଉ କୋର୍ଟ କାର୍ଯ୍ୟ: ଧର୍ମେନ୍ଦ୍ର

ସମ୍ବଲପୁର, ୨୯।୧୨(ସମିସ): ଭାରତର ନ୍ୟାୟ ବ୍ୟବସ୍ଥାକୁ ସାଧାରଣଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ଏହାକୁ ମାତୃଭାଷା ଆଧାରିତ କରିବାକୁ ହେବ। ଓଡ଼ିଶାର ସମସ୍ତ କୋର୍ଟରେ କାର୍ଯ୍ୟକାରୀ ଭାଷା ମାତୃଭାଷା- ଓଡ଼ିଆ, ସମ୍ବଲପୁରୀ, କୁଇ ଆଦି ହେବା ଆବଶ୍ୟକ। ମାତୃଭାଷା ହିଁ ଅଭିବ୍ୟକ୍ତିର ସବୁଠାରୁ ବଡ଼ ଓ ସହଜ ମାଧ୍ୟମ। ଭାଷାର ପ୍ରତିବନ୍ଧକ ଦୂର ହେଲେ ହିଁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ଉଚିତ ନ୍ୟାୟ ପାଇପାରିବେ। ନିଖିଳ ଓଡ଼ିଶା ଆଇନଜୀବୀ ସଂଘ(ଆଓଲା) ଏବଂ ଜିଲ୍ଲା ଓକିଲ ସଂଘ (ଡିବିଏ) ଆନୁକୂଲ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ଆଇନଜୀବୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ, ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆଇନଜୀବୀମାନେ ହେଉଛନ୍ତି ମୁଖ୍ୟ ପ୍ରହରୀ। ସାଧାରଣଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କ ଅଧିକାରର ସୁରକ୍ଷା କରିବା ଦିଗରେ ଆପଣଙ୍କ ନିଷ୍ଠା ଓ ସେବା ମନୋଭାବ ହିଁ ଏକ ସୁସ୍ଥ ସମାଜ ଗଠନ କରିପାରିବ।

ମୁଖ୍ୟବକ୍ତା ଅବସରପ୍ରାପ୍ତ ଜଷ୍ଟିସ ବିଶ୍ୱନାଥ ରଥ କହିଥିଲେ, ଆମେ ଅଲଗା ହୋଇଯାଇଥିଲେ, ଏବେ ପୁଣି ଏକତ୍ରିତ ହୋଇଛେ। ୧୯୪୮ ମସିହାରେ ସୃଷ୍ଟି ହୋଇଥିବା ଏହି ଅନୁଷ୍ଠାନ ୧୯୭୨ରେ କିଛି ଘାତପ୍ରତିଘାତ ମଧ୍ୟରେ ଗତି କରିଥିଲା। ୧୯୮୦ ମସିହାରେ ପୁଣି ଆଇନଜୀବୀ ରଞ୍ଜିତ ମହାନ୍ତି, ବସନ୍ତ ପାଣିଗ୍ରାହୀ, ରାଧାଚରଣ ପଟ୍ଟନାୟକ, ଶ୍ରୀନିବାସ ଜେନା, ଶରତ ମହାପାତ୍ର, ବିପିନ ରଥ, ଲିଙ୍ଗରାଜ ରଥ ଏବଂ ହରପ୍ରସାଦ ନାୟକ ପ୍ରମୁଖଙ୍କ ଉଦ୍ୟମ ଫଳରେ ଏକତ୍ରିତ ହୋଇଥିଲେ। ୧୯୯୦-୯୧ ମସିହାରେ ଆରମ୍ଭ ହୋଇଥିବା ଲୟର୍ସ ୱେଲଫେୟାର ଟ୍ରଷ୍ଟକୁ କିଛି ମେଟିଂ ଗ୍ରାଣ୍ଟ ଦେଇ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାସହ ଖାଲି ପଡ଼ିଥିବା ୨୨ଟି ଜିଲ୍ଲା ଜଜ୍ ପଦ ପୂରଣ କରିବାକୁ ସେ ଅନୁରୋଧ କରିଥିଲେ।



କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଓଡ଼ିଶା ହାଇକୋର୍ଟର ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଭାବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଓଡ଼ିଶା ରାଜ୍ୟ ବାର୍ କାଉନସିଲ ଚେୟାରମ୍ୟାନ୍ ସୀତାଂଶୁ ମୋହନ ତ୍ରିବେଦୀ ଅତିଥି ଭାବେ ଯୋଗ ଦେଇଥିଲେ। 'ଆଓଲା' ସଭାପତି ଶିଶିର କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ସ୍ୱାଗତ ଭାଷଣ ଏବଂ 'ଆଓଲା' ସଭାପତି ଶିଶିର କୁମାର ପାଢ଼ୀ ସଭାପତିତ୍ୱ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ୫୪ତମ 'ଆଓଲା' ସମ୍ମିଳନୀର ସ୍ମରଣିକା 'ଦ ଲୟର' ଉନ୍ମୋଚିତ ହୋଇଥିଲା।

ଆଜି ବୈଷୟିକ ଅଧିବେଶନର ବିଷୟ ଥିଲା 'ଲ ଆଣ୍ଡ ଟେକ୍ନୋଲୋଜି: ଚ୍ୟାଲେଞ୍ଜେସ୍ ବିଫୋର୍ ଲିଗାଲ୍ ପ୍ରୋଫେସନ୍'। ଏହି ଅଧିବେଶନରେ ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ସଙ୍ଗିକାନ୍ତ ମିଶ୍ର ମୁଖ୍ୟ ଅତିଥି, ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟବକ୍ତା ଏବଂ ଓଡ଼ିଶା ମାନବାଧିକାର କମିଶନ ଚେୟାରମ୍ୟାନ୍ ଅବସରପ୍ରାପ୍ତ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। 'ଆଓଲା' କାର୍ଯ୍ୟକାରୀ ସଭାପତି ବିଭୂପ୍ରସାଦ ତ୍ରିପାଠୀ ପୌରୋହିତ୍ୟ କରିଥିବା ବେଳେ ଅତିଥି ଭାବେ 'ଆଓଲା'ର ପୂର୍ବତନ ସଭାପତି ତଥା ବରିଷ୍ଠ ହାଇକୋର୍ଟ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର ଏବଂ 'ଆଓଲା'ର ପୂର୍ବତନ ସଭାପତି ତଥା ଓଡ଼ିଶା ରାଜ୍ୟ ବାର୍ କାଉନସିଲ ସଦସ୍ୟ ଜ୍ଞାନରଞ୍ଜନ ମହାନ୍ତି ଯୋଗ ଦେଇଥିଲେ।

## ଯାଜପୁରରେ ଅରିଜିତ ସିଂ



ଜେନାପୁର, ୨୯।୧୨(ସମିସ): ବଲିଉଡ୍ ଜଣାଶୁଣା କଣ୍ଠଶିଳ୍ପୀ ଅରିଜିତ ସିଂ ଓଡ଼ିଶା ଗସ୍ତରେ ଆସିଛନ୍ତି। ଆଜି ସେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ରାଜବାଟୀ ବୁଲିବାକୁ ଯାଇଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପାହାଡ଼ ପାଦଦେଶରେ ଅବସ୍ଥିତ ଐତିହ୍ୟ ଓ ପୁରାତନ କାରିଗରିରେ ପରିପୂର୍ଣ୍ଣ ମଧୁପୁରଗଡ଼ ରାଜଉଆସର ଦୃଶ୍ୟ ସେ ସାମାଜିକ ଗଣମାଧ୍ୟମରେ ଦେଖି ଅଭିଭୂତ ହୋଇଥିଲେ। ତେଣୁ ଏହି ମନୋରମ ରାଜବାଟୀର ସୌନ୍ଦର୍ଯ୍ୟ ପ୍ରତ୍ୟକ୍ଷ କରିବା ପାଇଁ ସେ ଏଠାକୁ ଆସିଥିବା କୁହାଯାଉଛି। ସୋମବାର ନିଜର କିଛି ସହଯୋଗୀଙ୍କ ସହ ସେ ଏଠାରେ ପହଞ୍ଚିଥିଲେ। ମଧୁପୁରଗଡ଼ ରାଜବାଟୀର ଦାୟାଦ ଅର୍ପଣା ଧର ସିଂ ଭଞ୍ଜଦେଓଙ୍କ ସହ ରାଜବାଟୀ ବିଷୟରେ ସମ୍ପୂର୍ଣ୍ଣ ଅବଗତ ହେବା ସହ ନିଜର ଅନୁଭୂତି ବଖାଣିଥିଲେ। ସେ ତାଙ୍କର ଅନୁଭୂତିରୁ କହିଥିଲେ ମୁଁ ଅନେକ ରାଜଉଆସ ଦେଖିଛି। ହେଲେ ଏଭଳି ପ୍ରାକୃତିକ ମନୋରମ ପ୍ରାକୃର୍ଯ୍ୟ କେଉଁଠି ଦେଖିନାହିଁ। ସେହିପରି ଗଡ଼ମଧୁପୁରରେ ଅବସ୍ଥିତ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରର କାରୁକାର୍ଯ୍ୟ ଅତ୍ୟନ୍ତ ମନୋହର ଓ ହୃଦୟସ୍ପର୍ଶୀ ବୋଲି ସେ କହିଥିଲେ।

## ମଦନପୁର ଧାନମଣ୍ଡି ଲୋକାର୍ପଣରେ ବିଧାୟକ ବଦ୍ରିଙ୍କ ଅନୁପସ୍ଥିତି ଚର୍ଚ୍ଚା

ଆନନ୍ଦପୁର, ୨୯।୧୨(ସମିସ): ଘସିପୁରା ନିର୍ବାଚନମଣ୍ଡଳୀର ମଦନପୁରଠାରେ ନୂଆକରି ଆରମ୍ଭ ହୋଇଥିବା ଧାନମଣ୍ଡିର ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡି ପ୍ରତିଷ୍ଠା ଉତ୍ସବକୁ ଉଦଘାଟନ କରିଥିଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମଦନପୁର ଖୋଦ ବିଜେପି ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଘସିପୁରା ବିଜେପି ନେତା ପୃଥ୍ୱୀରାଜ କୁଆଁରଙ୍କ ନିଜ ଗ୍ରାମ ହୋଇଥିବା ବେଳେ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ କର୍ମୀ-ନେତା ତତ୍ପର ହୋଇପଡ଼ିଥିଲେ। ସ୍ଥାନୀୟ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କୁ ମଞ୍ଚ ଯୋଗଦାନ କରିବାର ଥିଲା। ତେବେ, ମଦନପୁରଠାରେ ଧାନମଣ୍ଡି କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନଥିଲା। ଅଭିଯୋଗ ହୋଇଛି ଲୋକାର୍ପଣ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ବିଜେପି ଦଳର ନେତା ଓ କର୍ମୀମାନେ ଅକ୍ତିଆର କରିଥିଲେ। ଏହି ସଭାକୁ ବିଧାୟକ ଆସୁଥିବା ଜାଣି ହାତଗଣତି ଡାକର ସମର୍ଥକ ଉପସ୍ଥିତ ଥିଲେ। ସେମାନଙ୍କ ନିରାଶ ହେବାକୁ ପଡ଼ିଥିଲା। ଉପସ୍ଥିତ ଥିବା ବିଜେଡି କର୍ମୀମାନେ ସଭାସ୍ଥଳ ଛାଡ଼ି ପଳାଇଯାଇଥିଲେ। ପରେ ପରେ ବିଧାୟକ ମଧ୍ୟ ଶାଳ ଉଦଘାଟନ ଉତ୍ସବକୁ ଆସି ନଥିଲେ। ବିଜେପି ସରକାର ଆସିବା ପରେ ସବୁ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାବେଳେ ମଦନପୁର ସରକାରୀ କାର୍ଯ୍ୟକ୍ରମରେ ଯୋଗ ନଦେବା ସମଗ୍ର ଆନନ୍ଦପୁର ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ସ୍ଥାନୀୟ ବିଧାୟକ ଏହି ସରକାରୀ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବା ଏବଂ ମଣ୍ଡି ଲୋକାର୍ପଣ କାର୍ଯ୍ୟକ୍ରମକୁ ଦଳୀୟ ସମାବେଶ ଭଳି ସଜାଇବା ଘଟଣାଟି ଚର୍ଚ୍ଚା ପରିସରକୁ ଆସିଛି।

**ବାଲି ଚୋରା ଚାଲାଣ**

## ୧୧୩୩ ମାମଲା, ୧୪୭୩ ଗାଡ଼ି ଜବତ

କଟକ,୨୯।୧୨(ସମିସ): ଖଣିମାଫିଆ ଏବଂ ବାଲି ଚୋରାଚାଲାଣକାରୀଙ୍କ ବିରୋଧରେ କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତସିଂହପୁର ଏବଂ ଯାଜପୁର ଭଳି ପ୍ରମୁଖ ଜିଲ୍ଲାଗୁଡ଼ିକରେ ପ୍ରାକୃତିକ ସମ୍ପଦର ବେଆଇନ ଲୁଟ୍ ରୋକିବା ପାଇଁ ପୁଲିସ ଚଳିତ ବର୍ଷ ଜାନୁଆରୀ ୧ରୁ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ନିରନ୍ତର ତଦନ୍ତ ଜାରି ରଖିଥିଲା। ବିଶେଷକରି ନଦୀପଠାରୁ ବେଆଇନ ବାଲି ଉତ୍ତୋଳନ ଏବଂ ଅନଧିକୃତ ଭାବେ ପଥର ଓ ଅନ୍ୟାନ୍ୟ ଲଘୁ ଖଣିଜଦ୍ରବ୍ୟର ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ପାଟ୍ରୋଲିଂକୁ ଜୋରଦାର କରିଥିଲା। ଏହି ସମୟ ମଧ୍ୟରେ ପୁଲିସ ସମୁଦାୟ ୧୧୩୩ଟି ମାମଲା ରୁଜୁ କରିବା ସହ ବେଆଇନ ପରିବହନରେ ବ୍ୟବହୃତ ୧୪୭୩ଟି ଗାଡ଼ିକୁ ଜବତ କରାଯାଇଛି। ଏହି ବେଆଇନ କାରବାର ସହ ଜଡ଼ିତ ୫୬୮ ଜଣ ବ୍ୟକ୍ତିଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଏଥିସହ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୩୫ ଅନୁଯାୟୀ ୧୩୩୫ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ନୋଟିସ୍ ଜାରି କରାଯାଇଛି। ଆଗାମୀ ଦିନରେ ବେଆଇନ ଖଣି କାରବାରରେ ସମ୍ପୃକ୍ତ ଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ କଠୋର ଆଇନଗତ ପଦକ୍ଷେପ ନିଆଯିବ।

## ଓମ୍‌ସାର ଆନ୍ଦୋଳନକୁ ଏସ୍‌ସିବି ଜେଡିଏର ସମର୍ଥନ

# ଆଜିଠୁ କଳାବ୍ୟାଜ୍ ପିନ୍ଧି ଡ୍ୟୁଟି କରିବେ କନିଷ୍ଠ ଡାକ୍ତର

କଟକ, ୨୯।୧୨(ସମିସ): ଓଡ଼ିଶା ମେଡିକାଲ ସେବା ସଂଘ (ଓମ୍‌ସା)ର ଆନ୍ଦୋଳନକୁ ସମର୍ଥନ ଜଣାଇଛି ଏସ୍‌ସିବି ମେଡିକାଲ କନିଷ୍ଠ ଡାକ୍ତର ସଂଘ (ଜେଡିଏ)। ପ୍ରାୟ ଏକହଜାର କନିଷ୍ଠ ଡାକ୍ତର ମଙ୍ଗଳବାରଠାରୁ କଳାବ୍ୟାଜ୍ ପିନ୍ଧି ଆଉଟଡୋର୍ ଏବଂ ଜରୁରୀକାଳୀନ ବିଭାଗରେ ଡ୍ୟୁଟି କରିବେ ବୋଲି ଘୋଷଣା ହୋଇଛି। ଜେଡିଏ ସଭାପତି ଚିନ୍ମୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଆଜି ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର୍ ଡ଼ଃ ଲୁସି ଦାସଙ୍କୁ ଭେଟି ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ବର୍ଷେ ହେବ ଓମ୍‌ସା ବିଭିନ୍ନ ଦାବି ଉପସ୍ଥାପନ କରିଆସୁଛି। ମାତ୍ର ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ। କିଛି ଦିନ ପୂର୍ବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଦାବି ପୂରଣ ପୂର୍ବରୁ ଏକ କମିଟି ଗଠନ ହେବ ବୋଲି ଗଣମାଧ୍ୟମରେ ଘୋଷଣା କରିଥିଲେ। ଏହି ଘୋଷଣା ପାଣିର ଗାରା। ସ୍ୱାସ୍ଥ୍ୟ ବିଭାଗର ଉଦାସୀନତା ବରଦାସ୍ତ କରାଯିବ ନାହିଁ। ଓମ୍‌ସାର ଦାବିକୁ ସମର୍ଥନ ଜଣାଇ ଜେଡିଏ ଏଥିରେ ପୂର୍ଣ୍ଣ ସହଯୋଗ କରିବ ବୋଲି ସଭାପତି ଚିନ୍ମୟ କହିଛନ୍ତି। ତେବେ ଓମ୍‌ସା ଭଳି ଜେଡିଏ ସଦସ୍ୟମାନେ ଏବେ ଘଣ୍ଟା ଆଉଟଡୋର୍‌ରେ ଡ୍ୟୁଟି ବନ୍ଦ କରିବେ ନାହିଁ ବୋଲି ଚିନ୍ମୟ ସ୍ପଷ୍ଟ କରିଛନ୍ତି।

ପ୍ରକାଶଯୋଗ୍ୟ, ଓମ୍‌ସା ପକ୍ଷରୁ ସରକାରୀ ହସ୍ପିଟାଲଗୁଡ଼ିକରେ ଘଣ୍ଟିକିଆ କାର୍ଯ୍ୟବନ୍ଦ ଡାକରା ଦିଆଯାଉଛି। ଗତ ଶୁକ୍ରବାରଠାରୁ ଆନ୍ଦୋଳନ ଜାରି ରହିଛି। ଇତିମଧ୍ୟରେ ଚାରିଦିନ ବିତିଗଲାଣି। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଓମ୍‌ସା ସହ ଜଡ଼ିତ ଡାକ୍ତରମାନେ ଆଉଟଡୋର୍‌ରେ ଡ୍ୟୁଟି କରୁନାହାନ୍ତି। ଫଳସ୍ୱରୂପ, ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବହୁମାତ୍ରାରେ ପ୍ରଭାବିତ ହେବାରେ ଲାଗିଛି। ଏବେ ଏହି ଆନ୍ଦୋଳନରେ ଏସ୍‌ସିବି ମେଡିକାଲ କଲେଜର ଜେଡିଏ ସାମିଲ ହୋଇଛି। ଜେଡିଏ ପକ୍ଷରୁ ମଧ୍ୟ ୧୦ ଦଫା ଦାବି ରହିଛି। କେନ୍ଦ୍ରୀୟ ହାରରେ ବିନା ସର୍ତ୍ତାବଳୀ ସହ ଡିଏସିପି ପ୍ରଦାନ କରାଯିବା, ଦନ୍ତ ଚିକିତ୍ସକଙ୍କ ନିମନ୍ତେ ମଧ୍ୟ ଏହା ଲାଗୁ କରାଯିବା, ରାଜ୍ୟ ସରକାରଙ୍କ ଅନ୍ୟ ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗ ଭଳି ପେ' ଷ୍ଟ୍ରକଚର ଏବଂ ଡିଏସିପିରେ ଦରମା ନିର୍ଦ୍ଧାରଣ ବେଳେ ଲେଭେଲ-୧୫କୁ ବାଦ୍ ଦିଆଯିବା, ଓଏମ୍‌ଏସ୍ ଓ ଦନ୍ତ ଚିକିତ୍ସକଙ୍କ କ୍ୟାଡର ପୁନର୍ବିନ୍ୟାସ କରାଯିବା, କେବିକେ ଅଞ୍ଚଳରେ ୫ବର୍ଷ ଚାକିରି କରିଥିବା ଡାକ୍ତରଙ୍କୁ ଉପକୂଳବର୍ତ୍ତୀ ଜିଲ୍ଲାକୁ ଅଣାଯିବା, ପୋଷ୍ଟମର୍ଟମ ପ୍ରୋତ୍ସାହନ ରାଶି ବୃଦ୍ଧି କରାଯିବା ଭଳି ପ୍ରମୁଖ ଦାବି ରହିଛି।

■ ଜଙ୍ଗଲରେ ସପରିବାର ବିଷ ପିଇବା ଘଟଣା

## ଗୁରୁତର ଶିଶୁପୁତ୍ର ଏଟ୍ରିୟୁରେ ଭର୍ତ୍ତି

କଟକ, ୨୯।୧୨ (ସମିସ): ଦେବଗଡ଼ ଜଙ୍ଗଲରୁ ଉଦ୍ଧାର ହୋଇଥିବା ୪ବର୍ଷର ଶିଶୁପୁତ୍ରକୁ ଆଜି ଶିଶୁଭବନ ଅଣାଯାଇଛି। ଶିଶୁ ଶରୀରରେ ବିଷକ୍ରିୟା ହୋଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଯୋଗୁଁ ତାକୁ ଏଟ୍ରିୟୁରେ ରଖାଯାଇଛି। ତା'ର ଚିକିତ୍ସା ନିମନ୍ତେ ଶିଶୁଭବନ କର୍ତ୍ତୃପକ୍ଷ ଚାରିଜଣିଆ ଏକ ଡାକ୍ତରୀଦଳ ଗଠନ କରିଛନ୍ତି। ସମ୍ପୃକ୍ତ ଶିଶୁପୁତ୍ରର ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିବା ବେଳେ ରିପୋର୍ଟ ଆସିବା ପରେ ତଦନୁଯାୟୀ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଶିଶୁଭବନ ପକ୍ଷରୁ ସୂଚନା ଦିଆଯାଇଛି। ପାରିବାରିକ କଳହକୁ କେନ୍ଦ୍ର କରି ଦେବଗଡ଼ ଖଇରପାଲି ଫାଣ୍ଡି ଅନ୍ତର୍ଗତ କିଅନ୍ତପାଲି ଗ୍ରାମର ଦୁଷ୍ମନ୍ତ ମାଝୀ(୩୪) ଏବଂ ପତ୍ନୀ ରିଙ୍କି ମାଝୀ(୩୧) ଉଭୟ ଶନିବାର ରାତିରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଦଳଙ୍ଗ ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରେ ଦମ୍ପତି ବିଷ ପିଇଥିଲେ। ଏପରିକି, ନିଜ ଶିଶୁପୁତ୍ରକୁ ମଧ୍ୟ ବିଷ ପିଆଇ ଦେଇଥିଲେ। ରବିବାର ସକାଳେ ଶିଶୁପୁତ୍ରର କାନ୍ଦ ଶୁଣି ଲୋକେ ଜଙ୍ଗଲ ଭିତରକୁ ଯିବା ପରେ ଘଟଣା ବିଷୟରେ ଜଣାପଡ଼ିଥିଲା। ତିନିଜଣଙ୍କୁ ଉଦ୍ଧାର କରାଯାଇ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦୁଷ୍ମନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ସମୟରେ ରିଙ୍କି ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ। ଶିଶୁପୁତ୍ରକୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ହେତୁ ଆଜି କଟକ ଶିଶୁଭବନ ସ୍ଥାନାନ୍ତର କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରାବଳୀକୁ ସାମୟିକ...

ଅବକାଶକାଳୀନ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ ସୂର୍ଯ୍ୟକାନ୍ତ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ବିଶେଷଜ୍ଞ କମିଟିର ସୁପାରିସ୍ ଓ ଏହା ଉପରେ ପୂର୍ବରୁ ସୁପ୍ରିମକୋର୍ଟଙ୍କ ଦେଇଥିବା ରାୟ ସ୍ଥଗିତ ରହିବ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ସୁପାରିସଗୁଡ଼ିକ କାର୍ଯ୍ୟକାରୀ ହେବନାହିଁ। ଏହି ସୁପାରିସରେ କେବଳ ୧୦୦ ମିଟର ଉଚ୍ଚତାର ପର୍ବତକୁ ଆରାବଳୀ ମାନିବାକୁ କୁହାଯାଇଥିଲା। ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, କୋର୍ଟଙ୍କ ନିର୍ଦ୍ଦେଶ, ସରକାରଙ୍କ ଭୂମିକା ଓ ମାମଲାକୁ ନେଇ ଭ୍ରାନ୍ତ ଧାରଣା ରହିଛି। ଏଗୁଡ଼ିକର ପ୍ରଚାରପ୍ରସାର କରାଯାଉଛି। ଏହି ଭୁଲ ଧାରଣା ଦୂର କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ଏହି କମିଟିର ରିପୋର୍ଟକୁ କୋର୍ଟ ଗ୍ରହଣ କରିଥିଲେ। ସେହିପରି ସୁପ୍ରିମକୋର୍ଟଙ୍କ ମଧ୍ୟ ସମାନ ଧାରଣା ରହିଛି ବୋଲି ପ୍ରଧାନ ବିଚାରପତି କହିଥିଲେ। ତେବେ ଏହି ଭୁଲ ଧାରଣା ଦୂର କରିବାକୁ ସ୍ପଷ୍ଟୀକରଣର ଆବଶ୍ୟକତା ରହିଛି। ପୂର୍ବରୁ ବିଶେଷଜ୍ଞ କମିଟିର ରିପୋର୍ଟ କିମ୍ବା କୋର୍ଟଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଏକ ନିରପେକ୍ଷ ଓ ସ୍ୱାଧୀନ ମୂଲ୍ୟାଙ୍କନର ଆବଶ୍ୟକତା ରହିଛି। ଏହାଦ୍ୱାରା ଅନେକ ପ୍ରମୁଖ ପ୍ରସଙ୍ଗରେ ସ୍ପଷ୍ଟ ମାର୍ଗଦର୍ଶନ ପ୍ରଦାନ କରାଯାଇପାରିବ।

### ଚାଷୀ-ସରକାର...

ବିରୋଧୀ ଅଭିଯୋଗ କରିଛନ୍ତି। ଚଳିତବର୍ଷ ଖରିଫ ଧାନ ବିକ୍ରି କରିବାକୁ ୧୯ ଲକ୍ଷ ୬୮ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ଏହାସହିତ ୬୧.୬୭ ଲକ୍ଷ ଏକର ଜମିରେ ଧାନ ଚାଷ ହୋଇଥିବା ନେଇ ପଞ୍ଜିକୃତ ହୋଇଛି। ରାଜ୍ୟ ସରକାର ଇନ୍‌ପୁଟ୍ ସବସିଡି ଦେବାକୁ ଘୋଷଣା କରିବା ପରେ ଧାନ ଚାଷ ପ୍ରତି ଆଗ୍ରହ ବଢ଼ିବା ସହିତ ଅଧିକ ସଂଖ୍ୟକ ଚାଷୀ ଧାନ ଚାଷ କରିଛନ୍ତି। ଫଳରେ ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରାୟ ୨ ଲକ୍ଷ ଏକର ଜମିରେ ଅଧିକ ଧାନ ଚାଷ ହୋଇଥିବା ରେକର୍ଡ କହୁଛି। ହେଲେ ସରକାର ସାଟେଲାଇଟ୍ ସର୍ଭେ କରିବା ପରେ ଅନେକ ଚାଷୀ କିଛି ଅଂଶଚାଷ ଜମିକୁ ଚାଷଜମି ଭାବେ ଦର୍ଶାଇଥିବା ଅଭିଯୋଗରେ ସେମାନଙ୍କୁ ନୋଟିସ କରିବାକୁ ବିଭାଗ ଯୋଜନା କରିଛି।

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ ପ୍ରଥମେ ଚାଷୀମାନଙ୍କୁ ନୋଟିସ ଜାରି କରାଯିବ। ଏହାପରେ ତଦନ୍ତ କରାଯାଇ ଅନିୟମିତତା ପ୍ରମାଣିତ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବ। ସାଟେଲାଇଟ୍ ସର୍ଭେ ହୋଇଛି, ଏଥିରେ ମଧ୍ୟ କିଛି ଭୁଲ ତଥ୍ୟ ଆସୁଛି। ତେଣୁ କ୍ଷେତ୍ରସ୍ତରରେ ତଦନ୍ତ କରାଯାଉଛି। ଗତ ବର୍ଷ ମଧ୍ୟ ଏଭଳି ହୋଇଥିଲା। ପ୍ରତିବର୍ଷ ଯେମିତ ସେମାନେ ସରକାରଙ୍କଠାରୁ ଠକି ପଇସା ନେବେ। ତେଣୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ବିଜେଡି ବିଧାୟକ ସାରଦା ଜେନା ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ଶ୍ରୀ ଜେନା କହିଛନ୍ତି, ସରକାର ଚାଷୀଙ୍କ ସହିତ ଖେଳ ଖେଳୁଛନ୍ତି। ସରକାର ଧାନର ଏମ୍‌ଏସ୍‌ପି ବଢ଼ାଇ ଦେଲେ ଯେତେବେଳେ ଏହାପରେ ଚାଷୀ କିପରି ଧାନ ବିକ୍ରି କରି ନ ପାରିବେ ସେ ସବୁ ବାଟ କରିଦେଲେ। ଧାନ ପଞ୍ଜିକରଣରେ ଜଟିଳ ପ୍ରକ୍ରିୟା ସହିତ ଧାନ ଉତ୍ପାଦନ ହିସାବ ପାଇଁ ଯୁଗିଆ ଫଂଦ ସୃଷ୍ଟି କଲେ। କଟନୀ ଛଟନୀ ପରେ ଏବେ ଚାଷୀଙ୍କୁ ନୋଟିସ୍ ଦେଉଛି। କେଉଁ ଚାଷୀଙ୍କର କେତେ ଜମି ଅଛି, ରାଜସ୍ୱ ବିଭାଗ ନିକଟରେ ତଥ୍ୟ ରହିଛି। କୃଷି ବିଭାଗ ସର୍ଭେ କରୁଛି। ଯୋଗାଣ ବିଭାଗ ନିକଟରେ ମଧ୍ୟ ଚାଷ ଜମିର ତଥ୍ୟ ରହିଛି। ଏହି ବିଭାଗଗୁଡ଼ିକ ସବୁ ତଥ୍ୟ ମେଳ କରି ସଠିକ୍ ଭାବେ କାମ ନକରି ଚାଷୀଙ୍କୁ ହଇରାଣ କରିବାକୁ ଏଭଳି ନିଷ୍ପତ୍ତି ନେଉଛନ୍ତି। କେବଳ ଧାନ ନ ନେବାକୁ ବାହାନା କରି ସରକାର ଏହି କାମ କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି।

### ଦେଶରୁ ହଟିବେ...

ଉଚିତ ନ ଥିଲା। ଆଜି ଏହି ସ୍ଥାନରୁ ଅନୁପ୍ରବେଶକାରୀଙ୍କୁ ହଟାଇ ପୁଣଃ ନାମଘର ପ୍ରତିଷ୍ଠା କରାଯାଇଛି। ଆସାମ ଜନତା ପୁଣିଥରେ ବିଜେପିକୁ ସମର୍ଥନ ଦିଅନ୍ତୁ। ଆମେ ସାରା ଆସାମକୁ ଅନୁପ୍ରବେଶ ମୁକ୍ତ କରିବୁ। ଯେଉଁମାନେ ଅନୁପ୍ରବେଶକାରୀଙ୍କୁ ଭୋଟ ବ୍ୟାଙ୍କ ଭାବୁଛନ୍ତି, ସେମାନେ କେବେ ଏପରି କରିପାରିବେ ନାହିଁ। କେନ୍ଦ୍ର ସରକାର ଉଗ୍ରବାଦୀ ସଂଗଠନଗୁଡ଼ିକ ସହ ଶାନ୍ତି ଚୁକ୍ତି ମଧ୍ୟ କରିଛନ୍ତି। ଏଥିରୁ ୯୨ ପ୍ରତିଶତ ସର୍ତ୍ତ ସମ୍ପୂର୍ଣ୍ଣ ହୋଇଯାଇଛି। ଆସାମରେ ଶାନ୍ତି ଏବଂ ବିକାଶ ମଜବୁତ ହୋଇଛି।

ଏହି ଅବସରରେ ୨୨୭ କୋଟି ବ୍ୟୟରେ ନିର୍ମିତ ଶ୍ରୀମନ୍ତ ଶଙ୍କରଦେବ ଆବିର୍ଭାବ କ୍ଷେତ୍ର ଉଦଘାଟନ କରିଛନ୍ତି। ଏହା ଆସାମ ମହାନ ବୈଷ୍ଣବ ସନ୍ଥ ଶ୍ରୀମନ୍ତ ଶଙ୍କରଦେବଙ୍କ ଜନ୍ମଭୂମି। ଏହି ସ୍ଥାନ ଆସାମର ସାଂସ୍କୃତିକ ଏକତା ଏବଂ ଆଧ୍ୟାତ୍ମିକ ପରମ୍ପରାର ପ୍ରତୀକ। ଏହି ପ୍ରକଳ୍ପ ପର୍ଯ୍ୟଟନ ଏବଂ ସଂସ୍କୃତିକୁ ପ୍ରୋତ୍ସାହନ ଦେବ ବୋଲି ଶାହା କହିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରୟାସରେ ଆସାମରେ ଶାନ୍ତି, ବିକାଶ ଏବଂ ସାଂସ୍କୃତିକ ସଂରକ୍ଷଣ ହେବ।

### କୁଲଦୀପଙ୍କୁ 'ସୁପ୍ରିମ୍'...

ସେଙ୍ଗରଙ୍କ ଜାମିନ ବିରୋଧରେ ସିବିଆଇ ୩ ଦିନ ତଳେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜେକେ ମାହେଶ୍ୱରୀ ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ୪୦ ମିନିଟ ଧରି ଉଭୟ ପକ୍ଷର ଯୁକ୍ତି ଶୁଣିଥିଲେ। ହାଇକୋର୍ଟ ଆଦେଶ ଭୁଲ ଥିବା କୋର୍ଟ ହୃଦୟଙ୍ଗମ କରିଥିଲେ। ପ୍ରଧାନ ବିଚାରପତି କହିଥିଲେ ଯେ ଦଣ୍ଡ ସ୍ଥଗିତ ରଖିଥିବା ହାଇକୋର୍ଟ ବିଚାରପତିମାନଙ୍କୁ ଅତ୍ୟନ୍ତ ଉତ୍ତମ ଜଜ୍ ବୋଲି ବିବେଚିତ କରାଯାଏ। କିନ୍ତୁ ଯେ କେହି ବି ଭୁଲ କରିପାରିନ୍ତି। ଏହି ମାମଲାର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକ ବିସ୍ତାର ଭାବେ ବିଚାର କରିବା ଆବଶ୍ୟକ। ଏହି ମାମଲାର ସ୍ଥିତି ନିଶ୍ଚିତ ଭାବେ ଭିନ୍ନ। ଏଥିରେ ଅଭିଯୁକ୍ତ ଅନ୍ୟ ମାମଲାରେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହି କାରଣରୁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ଆଦେଶ ଉପରେ ରୋକ ଲଗାଯାଉଛି ବୋଲି ସେ କହିଥିଲେ। ଏହାପୂର୍ବରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ଏହି ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧାରା-୩୭୬ ଓ ପୋକ୍ସୋ ଅନୁସାରେ ଅଭିଯୋଗ ଧାର୍ଯ୍ୟ ହୋଇଛି। ଏହି ମାମଲାରେ ଅଭିଯୁକ୍ତଙ୍କୁ ଅତିକମ୍‌ରେ ୨୦ ବର୍ଷ ଜେଲ ଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ହୋଇପାରେ।

ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ଏହି ମାମଲା ଗମ୍ଭୀର ଆଇନଗତ ପ୍ରଶ୍ନ ଉଠାଉଛି। ପୋକସୋ ଆଇନ ଅନୁଯାୟୀ ଜଣେ ପୁଲିସ କନଷ୍ଟେବଲଙ୍କୁ ଲୋକ ସେବକ ଧରାଯାଏ, କିନ୍ତୁ ବିଧାୟକ ଏବଂ ସାଂସଦଙ୍କ ଭଳି ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ଏହି ପରିସରରୁ ବାହାର କରିଦିଆଯାଉଛି। ଏଭଳି ବିସଙ୍ଗତି ସୁପ୍ରିମକୋର୍ଟଙ୍କୁ ଚିନ୍ତିତ କରୁଛି। ସେହିପରି ଜଷ୍ଟିସ ମାହେଶ୍ୱରୀ ପ୍ରଶ୍ନ ଉଠାଇ କହିଥିଲେ ଯେ ଧାରା ୩୭୬ (୨) ଅନୁଯାୟୀ, ଅଭିଯୁକ୍ତ ଦୋଷୀ କି ନୁହେଁ ବୋଲି ହାଇକୋର୍ଟ ନିଜ ନିର୍ଦ୍ଦେଶରେ କେଉଁଠି ସ୍ପଷ୍ଟ ଭାବେ କହିଛନ୍ତି କି?

ସେପଟେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ ପୀଡ଼ିତା ସ୍ୱାଗତ ଜଣାଇଛନ୍ତି। ଏହି ନିଷ୍ପତ୍ତିରେ ସେ ଖୁସି ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟରୁ ମୋତେ ନ୍ୟାୟ ମିଳିବ। ଏହି ସଂଘର୍ଷ ଓ ଲଢ଼େଇକୁ ଜାରି ରଖିବି। ସେଙ୍ଗରଙ୍କୁ ଫାଶୀରେ ଝୁଲାଇବି, ତାପରେ ଯାଇ ଆମ ପରିବାରକୁ ଶାନ୍ତି ମିଳିବ ବୋଲି ପୀଡ଼ିତା କହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୭ ଜୁନ୍ ୪ରେ ସେଙ୍ଗାର ପୀଡ଼ିତାଙ୍କ ସହ ଦୁର୍ଷ୍କର୍ମ କରିଥିଲା।

### ସିବିଆଇର ପ୍ରଥମ...

ଦାସ, ମୁନ୍ନା ମହାନ୍ତିଙ୍କୁ ପ୍ରମୁଖ କାର୍ପେଟବାର ଭାବେ ଦର୍ଶାଯାଇଛି। ଏମାନଙ୍କ ବ୍ୟତୀତ ଚାର୍ଜସିଟ୍‌ରେ ସୌମ୍ୟ ପ୍ରିୟଦର୍ଶିନୀ, ରିଙ୍କୁ ମହାରଣା, ବିରଞ୍ଚି ନାୟକ, ନିତିଶ କୁମାରଙ୍କ ନାମ ରହିଛି। ଚାର୍ଜସିଟରେ ଶଙ୍କର ପ୍ରୁଷ୍ଟି ଏହି ସ୍କାମ୍‌ର ମାଷ୍ଟର ମାଇଣ୍ଡ ବୋଲି ସିବିଆଇ ଉଲ୍ଲେଖ କରିଛି। ସେ ଉପରସ୍ତରରେ ବହୁ ଲୋକଙ୍କ ସହ ଯୋଗାଯୋଗରେ ରହିଥିଲେ। ସେ ତାଙ୍କ କମ୍ପାନୀ ପଞ୍ଚସତ୍ୟ ଟେକ୍ ପ୍ରା.ଲି ଏବଂ କେଦାରନାଥ ଟେକ୍ନୋଲୋଜିକୁ ଏକାଧିକ ପରୀକ୍ଷା ପରିଚାଳନାରେ ନିୟୋଜିତ କରିଥିଲେ। ଶଙ୍କରଙ୍କ ଘନିଷ୍ଠ ସହଯୋଗୀ ମୁନ୍ନା ମହାନ୍ତି ପରୀକ୍ଷାର୍ଥୀଙ୍କୁ ଚୟନ କରିଥିଲେ। ଏହାପରେ ପରୀକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପାଇଁ ଆନ୍ଧ୍ରପ୍ରଦେଶ ନେଇ ଯାଇଥିଲେ। ତେବେ ଆନ୍ଧ୍ର ପ୍ରଦେଶରେ ୧୧୪ ଜଣ ପରୀକ୍ଷାର୍ଥୀ ଧରାପଡ଼ିବା ସହ ୬୬ଜଣ ମଧ୍ୟସ୍ଥ ଗିରଫ ହେବା ପରେ ଘଟଣା ସାମ୍ନାକୁ ଆସିଥିଲା। ଏହି ମାମଲାରେ ଆହୁରି ଅଧିକ ଲୋକଙ୍କ ସମ୍ପୃକ୍ତି ରହିଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। ତେବେ ବ୍ରହ୍ମପୁରରୁ ଗିରଫ କରିଥିବା ୧୧୪ ପରୀକ୍ଷାର୍ଥୀଙ୍କ ନାମ ସିବିଆଇ ଚାର୍ଜସିଟ୍‌ରୁ ବାଦ ଦେଇଛି।

### ଜାନୁଆରୀ ୩୧ ସୁଦ୍ଧା...

ପ୍ରାବଧାନ ରହିଛି। ୨୦୨୫ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ ପାଇଁ ସମୟସୀମା ଆସନ୍ତା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ତେଣୁ ଏହି ସମୟସୀମା ମଧ୍ୟରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଏଚ୍ଆର୍‌ଏମ୍‌ଏସ୍ ପୋର୍ଟାଲରେ ଦାଖଲ କରିବାକୁ ବିଭାଗ ପରାମର୍ଶ ଦେଇଛି। ହାର୍ଡକପି ମାଧ୍ୟମରେ ସମ୍ପତ୍ତି ତାଲିକା ଦାଖଲ ସରକାରଙ୍କ ଦ୍ୱାରା ଗ୍ରହଣୀୟ ନୁହେଁ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ୧୦ ଡିଗ୍ରୀ ତଳେ...

ତାପମାତ୍ରା। ଏହା ପୂର୍ବରୁ ୭ ଡିସେମ୍ବର ୨୦୨୫ରେ ୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ତାହା ସର୍ବକାଳୀନ ରେକର୍ଡ ଥିଲା। ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ି ସ୍ଥିତି ଜାରି ରହିବ। ମୁଖ୍ୟତଃ ଉପକୂଳ ଓ ଝାରସୁଗୁଡ଼ାରେ ଅଧିକ ଶୀତ ସହ ଏଠାରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବ। ସେହିପରି ସୁନ୍ଦରଗଡ଼, କନ୍ଧମାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ଓ ବାଲେଶ୍ୱର ଆଦିରେ ଘନକୁହୁଡ଼ି ହେବ ବୋଲି କେନ୍ଦ୍ର କହିଛି। ସେଥିପାଇଁ କେନ୍ଦ୍ର ପକ୍ଷରୁ ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ରାଜ୍ୟର ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମଧରଣର କୁହୁଡ଼ି ହେବ ବୋଲି କେନ୍ଦ୍ର ଆକଳନ କରିଛି। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଏହି ଶୀତ ଜାରି ରହିବା ସହ ଏହା ପରେ ଶୀତର ପ୍ରଭାବରେ ସାମାନ୍ୟ ହ୍ରାସ ଘଟିବାର ସମ୍ଭାବନା ରହିଛି। ତାପମାତ୍ରା ୨-୩ ଡିଗ୍ରୀ ବୃଦ୍ଧି ହେବାକୁ ଥିବାରୁ ନୂଆ ବର୍ଷରେ ବର୍ତ୍ତମାନ ତୁଳନାରେ ଶୀତର ପ୍ରଭାବ କମିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଘନଉଛି ଓମ୍‌ସା...

ରୋଗୀ ସେବା ପ୍ରଭାବିତ ହୋଇଥିବା ବେଳେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଲାଇନରେ ଘଣ୍ଟା ଘଣ୍ଟା ଧରି ଛିଡ଼ାହେବାକୁ ପଡ଼ୁଛି। ସରକାର ତୁରନ୍ତ ବିବାଦର ସମାଧାନ କରିବାକୁ ସାଧାରଣରେ ଦାବି ହେଉଥିବା ବେଳେ ଗତ ୨୭ ତାରିଖରେ ସରକାର ବିଭିନ୍ନ ବିଭାଗର ସଚିବଙ୍କୁ ନେଇ ଏକ ଅନ୍ତଃବିଭାଗୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଓମ୍‌ସାର ବିଭିନ୍ନ ଦାବି ଉପରେ ଆଲୋଚନା କରି, ସେଗୁଡ଼ିକର ବିଭିନ୍ନ ଦିଗଗୁଡ଼ିକ ବିଚାର କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ସରକାରଙ୍କ ଏପରି ଅଭିମୁଖ୍ୟକୁ ନାପସନ୍ଦ କରିଛି ଓମ୍‌ସା। ସଂଘର ସାଧାରଣ ସମ୍ପାଦକ ଡ. ପ୍ରଧାନ କହିଛନ୍ତି ଯେ ଗତ ନଭେମ୍ବର ୧୯ ତାରିଖ ଅନୁଷ୍ଠିତ ବୈଠକରେ ସରକାର କମିଟି ଗଠନ କରିବା କଥା କହିଥିଲେ; ମାତ୍ର କମିଟି ଗଠନ ପାଇଁ ସରକାରଙ୍କୁ ଏକ ମାସ ସମୟ ଲାଗିଗଲା। ଅତୀତରେ ଓମ୍‌ସାର ଦାବି ପୂରଣ ପାଇଁ ଏଭଳି ସରକାର କମିଟି ଗଠନ କରି ନ ଥିଲେ। ଆମ ଦାବି ପୂରଣ ନେଇ ସରକାରଙ୍କର ଆନ୍ତରିକତା ନ ଥିବା ଜଣା ପଡୁଛି। କମିଟି ଗଠନ ସରକାରଙ୍କର କାଳକ୍ଷେପଣ ନୀତି ଅଟେ। ଆମେ ବର୍ତ୍ତମାନ ଏକ ଘଣ୍ଟିଆ ପ୍ରତିବାଦ କରିଛୁ। ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସଂଘପୋଷେକ୍ଷିତ୍ତି ଗ୍ରହଣ କରିବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ଓମ୍‌ସାର ଦାବିକୁ ଭିମ୍‌ସାର, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଏମ୍‌କେସିଜି ହସ୍ପିଟାଲର କନିଷ୍ଠ ଡାକ୍ତର ସଂଘମାନେ ସମର୍ଥନ ଜଣାଇଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Rayagada, no. 112, dated. 29.12.2025, I TULASI KHILLO, D/o - Situ Hantal, W/o - Diudu Khillo, resident of Vill - Jogibari, PO / PS - Padwa, Dist - Koraput, Odisha, Pin - 764038, declare that KAMALA KHILA and TULASI KHILLO is one and same person. Henceforth I shall be known as **TULASI KHILLO** for all purposes.

A-1202

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
06769-270771 Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P1-09/2025-26**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 16 (Sixteen) Nos of work. |
| 3 | Estimated Cost | Varies From Rs.38.59 Lakhs to Rs.4.21 Lakhs |
| 4 | Period of Completion | Varies From 45 Days to 30 Days |
| 5 | Class of Contractor | Varies From "B" Class & 'C' Class (Odisha P.W.D) and "C" & "D"(Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Varies From Rs. 6,000/- (Non-Refundable), Rs. 4,000/- and Rs. 2,000/- / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies From Rs. 38,590/- to Rs.4,210/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar |
| | (ii) Availability of Bid Documents for Online Bidding. | 30.12.2025 from 10.00 Hours to 08.01.2026 up to 17.00 Hours. |
| | (iii) Date, time & venue of Bid Opening (Online) | On Dt.09.01.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.28.01.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
Kamakhyanagar

OIPR-32298/11/0037/2526

B-885

E-Mail.eekalahandi@gmail.com
FAX No.06670-230512

GOVERNMENT OF ODISHA
OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA
E-Procurement Notice
Bid Identification No. BC KLD-10/2025-2026
No. 15131 Dated. 20.12.2025

| | | |
|---|---|---|
| 1. | No. of the work: | 03 (Three) Electrical works |
| 2. | Estimated cost: | Rs 7.00 to 25.00 Lakhs |
| 3. | Period of completion: | 02 (Two) calendar Months to 04 (Four) calendar Months |
| 4. | Date and time of availability of bid document in the portal: | 11.00 hrs of 31.12.2025 to 17.00 hrs of 12.01.2026 |
| 5 | Last date/Time for receipt of bid in the portal: | 17.00hour of 12.01.2026 |
| 6 | Name and address of the Officer Inviting Bid: | Superintending Engineer, Kalahandi(R&B)Division, Bhawanipatna |
| 7 | Opening of the Single Cover Bid / Technical Bid of double cover. | On 13.01.2026 at 11.00 AM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Superintending Engineer
Kalahandi (R&B) Division

OIPR-34017/11/0021/2526

■ ଯୁବ ରେଡ୍‌କ୍ରସ୍‌ର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଉଦ୍‌ଯାପିତ

# ପ୍ରଶିକ୍ଷଣ ମଣିଷ ପାଇଁ ମଣିଷ ଟିଏ ହୋଇ ଠିଆ ହେବା ଶିଖାଇଥାଏ

ଭବାନୀପାଟଣା, ୨୯ ।୧୨(ସମିସ)




ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟଠାରେ ଯୁବ ରେଡକ୍ରସ୍ ଓଡ଼ିଶା ରାଜ୍ୟ ଶାଖା ତରଫରୁ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଅଣ ତାଲିମପ୍ରାପ୍ତ ଯୁବ ରେଡକ୍ରସ୍ ପରାମର୍ଶଦାତାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଡିସେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୫୦ଜଣ ଯୁବ ରେଡକ୍ରସ୍ ପରାମର୍ଶଦାତାଙ୍କ ପାଇଁ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥ, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ଆବାହକ ସମ୍ପାଦକ ଦିଲ୍ଲୀପ କୁମାର ହୋତା, ସଂଯୋଜକ ଅଖିଳ କୁମାର ଭଞ୍ଜ, ନୂଆପଡ଼ା ଜିଲ୍ଲାର ସଂଯୋଜକ ଅଶ୍ୱିନୀ ଓତା ଯୋଗଦେଇ ପ୍ରଶିକ୍ଷଣ:ମଣିଷ ପାଇଁ ମଣିଷଟିଏ ହୋଇ ଠିଆ ହେବା ଶିଖାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରାମର୍ଶଦାତା ମୋହନ ଚରଣ ବିଷି ସ୍ୱାଗତ ଅଭିଭାଷଣ, ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ପ୍ରଶିକ୍ଷଣ ପରବର୍ତ୍ତୀ କାର୍ଯ୍ୟପନ୍ଥା ବିଷୟରେ ଉପସ୍ଥାପନ କରିଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ସୁଧିର କୁମାର ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଜିଲ୍ଲା ଆବାହକ ସମ୍ପାଦକ ସଞ୍ଜିବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଡକ୍ରସର ଇତିହାସ ଓ ବିକାଶ ତଥା ରେକର୍ଡ ପ୍ରସ୍ତୁତି ବିଷୟରେ ଗୋପାଳ କୃଷ୍ଣ ମିଶ୍ର, ରକ୍ତଦାନର ମହତ୍ତ୍ୱ ଡ. ଦୀନବନ୍ଧୁ ସାହୁ, ସାଇବର ସୁରକ୍ଷାବୈଦ୍ୟନାଥ ନାୟକ, ସଡ଼କ ସୁରକ୍ଷା-ମେଜର ଡ. ଜୟଦେବ ସାହୁ, ପ୍ରାଥମିକ ସହାୟତା- ରଞ୍ଜନ କୁମାର ସ୍ୱାଇଁ, ବ୍ୟକ୍ତିତ୍ୱର ବିକାଶ, ଡ. ହଳଧର ସାହୁ, ଏଚ ଆଇ ଭି ଏଡସ୍ ଅଶ୍ୱିନୀ ଓତା, ପୋସ ଆକ୍ଟ -ସଞ୍ଜିବ କୁମାର ସାହୁ ଓ ରାଜ୍ୟ ଯୁବ ରେଡକ୍ରସ ପୁରସ୍କାର ପାଇଁ ପ୍ରସ୍ତୁତି ବିଷୟରେ ଶାନ୍ତନୁ କୁମାର ପରିଡ଼ା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରାମର୍ଶଦାତାଙ୍କ ମଧ୍ୟରେ ଆୟୋଜିତ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ସାଂଧ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡଙ୍କ ସହିତ ଉମାଶଙ୍କର କର ଓ ଦେବହୂତି କର ଯୋଗଦେଇଥିଲେ। ପ୍ରଶିକ୍ଷଣର ଦ୍ୱିତୀୟ ଦିନ ସାଂସ୍କୃତିକ ସନ୍ଧ୍ୟାରେ ବିଶ୍ୱ ବିଦ୍ୟାଳୟର କୁଳସଚିବ ଡ. ଗୁଣନିଧି ନାୟକ ଓ ବିଶିଷ୍ଟ ବାଗ୍ମୀ ଡ. ଉମେଶ ଚନ୍ଦ୍ର ଶତପଥୀ ଅତିଥି ଭାବେ ଯୋଗ ଦେଇ ପ୍ରଶିକ୍ଷାର୍ଥୀଙ୍କୁ ମାନବୀୟ ମୂଲ୍ୟବୋଧ ଉପରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରାମର୍ଶଦାତା ଡ. ନୃସିଂହାନନ୍ଦ ସାସମଲ ତଥା ବିଶ୍ୱ ବିଦ୍ୟାଳୟର ଉମେଶ ଚନ୍ଦ୍ର ନାଗ, ବ୍ରାଇଟ ପ୍ରଶାନ୍ତ କୁମାର ବାଗ, ବିଶୋକ ଚୌହାନ, ଦୀପକ ମାଝୀ, ପାୟଲ ଅଗ୍ରୱାଲ, ସଂକେତ କର୍ମୀ, ନିଶିଲଗ୍ନା ଜେନା, ନିରୁପମା ଦନ୍ତା, କରଣ ଦାସ, ରୋଜାଲିନ ବେହେରା, ବିଶ୍ୱାସ୍ମୃତି ସ୍ୱାଇଁ, ବୈଷ୍ଣବୀ ଦାସ, ରାଜୁ ନାଏକ, ଶୁଭମ କୁମାର, ସୀତାରାଣୀ ସେଠ ତଥା ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ



ଭବାନୀପାଟଣା, ୨୯ ।୧୨ (ସମିସ): ଘରୋଇ ଉପଭୋକ୍ତାଙ୍କୁ ୩୦୦ୟୁନିଟ୍ ମାଗଣା ବିଜୁଳି ଓ କୃଷି ପାଇଁ ସମ୍ପୂର୍ଣ୍ଣ ମାଗଣା ବିଜୁଳି ପ୍ରଦାନ ସହ ଅତିରିକ୍ତ ସିକ୍ୟୁରିଟୀ ଡିପୋଜିଟ୍‌କୁ ତୁରନ୍ତ ପ୍ରତ୍ୟାହାର ଓ ସ୍ମାର୍ଟ ମିଟରର ବିଶ୍ୱସନୀୟତା ପ୍ରମାଣିତ ହେବା ଯାଏଁ ବିଭାଗୀୟ କାର୍ଯ୍ୟ ବନ୍ଦ କରିବା ଦାବିରେ ସୋମବାର ଭବାନୀପାଟଣାରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଉଛି। ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଭବାନୀପାଟଣା (ଟିପିଡବ୍ଲୁଓଡିଏଲ) ବିଦ୍ୟୁତ ବିଭାଗ ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ।ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ସମେତ ଧାରଣା ସଭାରେ ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ଜିଲ୍ଲା ଉପସଭାପତି ଉଛବ ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ରାଜୀବ ଗାନ୍ଧୀ ପଞ୍ଚାୟତରାଜର ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗ, ଜିଲ୍ଲା ସାଧାରଣ ସମ୍ପାଦକ ନିମାଞ୍ଚଳ ନାଏକ, ବ୍ଲକ ସଭାପତି ସୁବାଷ ପ୍ରଧାନ, ବାବା ଅଲ୍ଲୀ ଖାଁ, ସିର୍ଦ୍ଧାର୍ଥ ନାଏକ, ଇନ୍ଦ୍ରିଜିତ ମହାକୁଡ଼, ସୁକାନ୍ତ ବିଶି, ବେଣୁପାଣି ଦୁର୍ଗା, ନାରିନେତ୍ରୀ ସୁକାନ୍ତି ସରାଫ, ମର୍ଜିନା ପ୍ରଧାନ, ମନ୍ଦାକିନୀ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ବଘିଆପଡ଼ା ମଣ୍ଡିରୁ ଧାନକ୍ରୟ

ବୌଦ୍ଧ, ୨୯ ।୧୨(ସମିସ): ବୌଦ୍ଧ ବ୍ଲକ ବଘିଆପଡ଼ା ପାକ୍ସ ପକ୍ଷରୁ ଖରିଫ ଧାନ କ୍ରୟ ପାଇଁ ମଣ୍ଡି ଉଦ୍‌ଘାଟିତ ହୋଇଛି। ପାକ୍ସ ସଭାପତି ରୋହିତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ନେତ୍ରାନନ୍ଦ ପୁରୋହିତ, ସମିତିର ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟବାନ୍ ବେଜି, କିରନ୍ କୁମାର ପ୍ରଧାନ, ସୁକାନ୍ତ କୁମାର ପ୍ରଧାନ, ସମାଜସେବୀ ରଶ୍ମିକାନ୍ତ ପ୍ରଧାନ, ନୀଳମଣି ଦନ୍ତା, ଗିରିଶଚନ୍ଦ୍ର ପ୍ରଧାନ, ସାମ୍ବାଦିକ ଶ୍ରୀକାନ୍ତ ସାହୁ, ସନ୍ଦୀପ କୁମାର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଆଜି ଚାଷୀ ଯୋଗିନ୍ଦ୍ର କୁମାର ପ୍ରଧାନ, ଗୋକୁଳ କୁମାର ପ୍ରଧାନଙ୍କ ଠାରୁ ୧୭୦ କୁଇଣ୍ଟାଲ ଧାନ କିଣାଯାଇଥିଲା।



# ଏକଲବ୍ୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନୂଆପଡ଼ା, ୨୯ ।୧୨(ସମିସ): ସ୍ଥାନୀୟ ଏକଲବ୍ୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ନୂଆପଡ଼ା ଜିଲ୍ଲାର ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ମୁଖ୍ୟଅତିଥି ଓ ନୂଆପଡ଼ା ଜିଲ୍ଲାର ଜଣେ ସ୍ୱନାମଧନ୍ୟ କ୍ରୀଡ଼ାବିତ, ଜିଲ୍ଲା କ୍ରିକେଟ ଆସୋସିଏସନ ସାଧାରଣ ସମ୍ପାଦକ ବିଶିଷ୍ଟ କ୍ରୀଡ଼ା ସଂଗଠକ ଓ ଓଡ଼ିଶା କ୍ରିକେଟ ଆସୋସିଏସନର ବରିଷ୍ଠ ସଦସ୍ୟ ସରୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ସାହୁ ନିଜ ଅଭିଭାଷଣରେ ଆଜି ନୂଆପଡ଼ା ଜିଲ୍ଲାର କୋଣ ଅନୁକୋଣରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର ଶ୍ରେଷ୍ଠ କ୍ରୀଡ଼ାବିତ ରାଜ୍ୟସ୍ତରକୁ ଉନ୍ନୀତ ହୋଇ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଜିଲ୍ଲାର ସ୍ୱନାମକୁ ବଜାୟ ରଖୁଛନ୍ତି। କ୍ରୀଡାରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷ କେବଳ କ୍ରୀଡାବିତ ତଥା କ୍ରିଡା ଆୟୋଜନ କରିପାରିଥାଏ ଓ ବିଗତ ଦିନରେ ଆମେ ଏହାର ବ୍ୟତିକ୍ରମ ଦେଖିବାକୁ ପାଇଥିଲୁ। ଆଜି କ୍ରିକେଟରେ, କବାଡିରେ, ଭଲିବଲରେ, ଖୋ ଖୋରେ ଆମ କ୍ରୀଡାବିତମାନେ ରାଜ୍ୟସ୍ତର ଖେଳରେ ଉତ୍କର୍ଷତା ପ୍ରଦର୍ଶନ କରି ସଫଳ କ୍ରୀଡାବିତ ଭାବରେ ନିଜକୁ ପ୍ରତିପାଦନ କରିପାରିଛନ୍ତି। ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଆମେ ଯଦି ଖେଳ ମାଧ୍ୟମରେ ଶରୀରକୁ ସୁସ୍ଥ ରଖିବା ପ୍ରତ୍ୟେକ ଦିନ ଭଲ କ୍ରୀଡାବିତ ହେବା ସଙ୍ଗେ ଶିକ୍ଷା କ୍ଷେତ୍ରରେ ମଧ୍ୟ ଭଲ ପ୍ରଦର୍ଶନ କରି ନିଜକୁ ପ୍ରତିଦିନ ଖେଳ, ବ୍ୟାୟମ, ଯୋଗ ଅଭ୍ୟାସ ଜାରି ରଖିବା ଆଉ ସୁସ୍ଥ ସବଳ ଶରୀର ଗଢି ପାରିବା ବୋଲି କହିଥିଲେ। ଭଲ ପଢ଼ିବା ପାଇଁ ଭଲ ମନ ଏବଂ ସୁସ୍ଥ ଶରୀର ଜରୁରୀ ବୋଲି କହିଥିଲେ।କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଭାଗ ନେଇଥିଲେ।



ନୂଆଁପାଲି ଧନୁଯାତ୍ରା ଉଦ୍‌ଘାଟିତ

# ଦେବକୀ-ବସୁଦେବ ବିବାହ, ଉଗ୍ରସେନଙ୍କ ଗାଦିଚ୍ୟୁତ

ଦେଓଗାଁ, ୨୯।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅଧୀନ ନୂଆଁପାଲି ଧନୁଯାତ୍ରା ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏହି ରଜନୀରେ ଦେବକୀ ବସୁଦେବ ବିବାହ ଓ ଉଗ୍ରସେନ ରାଜାଙ୍କ ଗାଦିଚ୍ୟୁତ ନାଟ୍ୟାଭିନୟ ଅନୁଷ୍ଠିତ ହୋଇଥିଲା। କୌସ୍ତୁଭମଣି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥିଭାବେ ସରପଞ୍ଚ ଯଶୋବନ୍ତୀ ନାଏକ, ନାଏବ ସରପଞ୍ଚ ସୌମିତ୍ରି ପଧାନ, ୱାର୍ଡସଭ୍ୟ ଧନମତ କୁମ୍ଭାର, ବୈବ କୁଅଁର ପ୍ରମୁଖ ଯୋଗଦେଇ ଧନୁଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ପ୍ରଫୁଲ୍ଲ ମେହେର ଓ ସାଥୀଙ୍କ ଦ୍ୱାରା କଂସ ଦରବାର ଚାଲିଥିବା ବେଳେ ଏ ଅବସରରେ ତରଣୀସେନ ତ୍ରିପାଠୀଙ୍କ ଦ୍ୱାରା ଗୋପଳୀଳା ପାରାୟଣ ଅନୁଷ୍ଠିତ ହେଉଛି। ଏହାସହ ୨୯ ଓ ୩୦ ଦୁଇଦିନ ଧରି ଇସ୍କନ ସଂସ୍ଥା ଦ୍ୱାରା ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁଥିବାବେଳେ ୩୧ ରୁ ୧ ତାରିଖ ପର୍ଯ୍ୟନ୍ତ ସଞ୍ଚାର ନୃତ୍ୟ କାର୍ଯ୍ୟକ୍ରମ ଓ ୩ ତାରିଖ ଦିନ ଅପରାହ୍ନ ୨ଟାରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରାମଲୀଳା ସୀତାଚୋରୀ ନାଟକ ମଞ୍ଚସ୍ଥ ହେବ ବୋଲି ଆୟୋଜନ ସୂତ୍ରରୁ ପ୍ରକାଶ।

# ବାଲ୍ୟ ବିବାହ ଓ ଦଣ୍ଡ ବିଧାନ ଉପରେ ସଚେତନତା




ବୌଦ୍ଧ, ୨୯ ।୧୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତରେ ବିଶ୍ୱ ଯୁବ କେନ୍ଦ୍ର, ବଣିନାଳି ଦ୍ୱାରା ପରିଚାଳିତ ଆକ୍ସେସଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ଏକ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ୱେତା ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବାଲ୍ୟବିବାହର କୁପରିଣାମ ଓ ଏହାକୁ କିପରି ରୋକାଯାଇ ପାରିବ ସେ ବିଷୟ ରେ ଆଲୋଚନା ହୋଇଥିଲା।

# ସଟ୍‌ସର୍କିଟ୍‌ରେ ଜଳିଗଲା ଜଳଖିଆ ଦୋକାନ

ଦେଓଗାଁ, ୨୯।୧୨ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ କଲେଜ ଛକ ନିକଟରେ ବରଗଛ ତଳେ ରହିଥିବା ଏକ ଜଳଖିଆ ଦୋକାନ ବିଦ୍ୟୁତ ସଟସର୍କିଟ ଯୋଗୁଁ ସମ୍ପୂର୍ଣ୍ଣଭାବେ ପୋଡ଼ିଯାଇଛି। ଦେଓଗାଁର ଶତ୍ରୁଘ୍ନ ସା କଲେଜଛକ ଠାରେ ଚାଲଛପର କରି ଏକ ଜଳଖିଆ ଦୋକାନ ଦେଇ ପରିବାର ପ୍ରତିପୋଷଣ କରୁଥିଲେ। ଦୋକାନ ପାଖରେ ଥିବା ବରଗଛକୁ ଲାଗି ବିଦ୍ୟୁତ ଖୁଣ୍ଟ ବିପଦପୂର୍ଣ୍ଣ ଭାବେ ରହିଥିବା ବେଳେ ରବିବାର ବିଳମ୍ବିତ ରାତିରେ ସଟସର୍କିଟ ହୋଇ ଦୋକାନଘରେ ନିଆଁଲାଗି ଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ତେବେ ଦୋକାନଘରେ ରହିଥିବା ପ୍ରାୟ ୩୦ହଜାର ଟଙ୍କାର ଖାଦ୍ୟ ସାମଗ୍ରୀ ଓ ଉପକରଣ ଗୁଡ଼ିକ ପୋଡିନଷ୍ଟ ହୋଇଯାଇଥିବା ଦୋକାନ ମାଲିକ ଶତ୍ରୁଘ୍ନ ସା ଅଭିଯୋଗ କରିବା ସହ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

# ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରଶିକ୍ଷଣ

ବୌଦ୍ଧ, ୨୯ ।୧୨(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କ ଆବାହକତ୍ୱରେ ବୌଦ୍ଧ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଓ ଉପସ୍ଥାପନା ନିମନ୍ତେ ଉଦ୍‌ଘୋଷକ, ଉଦଘୋଷିକାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱଜିତ୍ ସାହୁ, ନବ କିଶୋର ଦୀପ, ସୁଧୀର ଦୀପ, ବର୍ଷାରାଣୀ ମେହେର, ଶୁଭଲକ୍ଷ୍ମୀ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଜିତେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ତୀରନ୍ଦାଜି ପ୍ରତିଯୋଗିତା



ବୌଦ୍ଧ, ୨୯ ।୧୨(ସମିସ): କଟକ ଜିଲ୍ଲାସ୍ଥିତ କୁରଙ୍ଗ ଶାସନରେ ହୋଇଥିବା ଦ୍ୱିତୀୟ ରାଜ୍ୟସ୍ତରୀୟ ତୀରନ୍ଦାଜି ପ୍ରତିଯୋଗିତାରେ ବୌଦ୍ଧ ଜିଲ୍ଲାରୁ ୩ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାଚୀପ୍ରଭା ମେହେର କମ୍ପାଉଣ୍ଡ ରାଉଣ୍ଡରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ସେ ଓ.ଏ.ଭି.ତେତେଲେଙ୍ଗାର ନବମ ଶ୍ରେଣୀର ଛାତ୍ରୀ ଅଟନ୍ତି। ଶୈଳଶ୍ରୀ ସାହୁ ଇଣ୍ଡିଆନ ରାଉଣ୍ଡରେ ଚତୁର୍ଥ ସ୍ଥାନରେ ଅଛନ୍ତି। ଆଗାମୀ ଦିନରେ ଉପରୋକ୍ତ କୃତୀ ପ୍ରତିଯୋଗୀ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି।

# ଲର୍କାରେ ମୁସଲିମ୍ ସମ୍ପ୍ରଦାୟର ବୈଠକ



ନୂଆପଡ଼ା, ୨୯ ।୧୨(ସମିସ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଲର୍କା ଠାରେ ମୁସଲିମ୍ ସମ୍ପ୍ରଦାୟର ବୈଠକ ଉର୍ଷେ ହୁଜୁର ଅନୁଷ୍ଠିତ ହୋଇଯାଇଛି। କଡା ସୁରକ୍ଷା ବଳୟ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଶାନ୍ତି ଶୃଙ୍ଖଳାରେ ସଭା ସମାପନ ହୋଇଛି। ଏଥିରେ ମୁସଲିମ ଭାଇ ଭଉଣୀ ସମେତ ସ୍ଥାନୀୟ ଅନ୍ୟ ସାମ୍ପ୍ରଦାୟର ଲୋକ ମଧ୍ୟ ଯୋଗ ଦେଇ ହିନ୍ଦୁ ମୁସଲିମ ଭାଇ ଭାଇର ବାର୍ତ୍ତା ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ବର୍ତ୍ତମାନ ବାଂଲାଦେଶରେ ହିନ୍ଦୁମାନଙ୍କୁ ବର୍ବର ଭାବେ ହତ୍ୟା କରାଯାଉଥିବା ବେଳେ ଲର୍କାରେ ରାଜ୍ୟ ତଥା ଦେଶ ବାହାରୁ ମୁସଲିମ ସମ୍ପ୍ରଦାୟର ଲୋକ ରୁଣ୍ଡ ହେଉଛନ୍ତି ବୋଲି ବିଭିନ୍ନ ହିନ୍ଦୁ ସଂଗଠନ ତରଫରୁ ବିରୋଧ କରାଯାଇଥିଲା। ଏହା ପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ବୈଠକକୁ ଶାନ୍ତି ଶୃଙ୍ଖଳାର ସହ କରିବାସହ ଏହାକୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ ସୀମିତ ରଖିବାକୁ କୁହାଯାଇଥିଲା। ବୈଠକରେ ହିନ୍ଦୁ ସମାଜ ତରଫରୁ ଶିବ ହୋତା, ରାମ କୃଷ୍ଣ ବେହେରା, ଉମା ଖମାରୀ ସହ ଅନେକ ନାଗରିକ ଯୋଗଦେଇ ଭାଇଚାରାରେ ଦୀର୍ଘ ୨୫ ବର୍ଷ ହେବ ସଭା ଅନୁଷ୍ଠିତ ହୋଇଅଛି ବୋଲି ପ୍ରକାଶ କରିଥିଲେ।

# ରାମ୍ପିକଟାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ; ଆଡେନିଗଡ଼ ଚାମ୍ପିଅନ

ବୌଦ୍ଧ, ୨୯ ।୧୨(ସମିସ): ଜିଲ୍ଲା ହରଭଙ୍ଗା ବ୍ଲକ ରାମ୍ପିକଟାଠାରେ ଚାଲିଥିବା ମା' ପିତାବଳି କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନଲ ମ୍ୟାଚ୍ ଆଡ଼େନିଗଡ଼ ସହ ମଥୁରା ମଧ୍ୟରେ ଖେଳାଯାଇଥିଲା। ଏଥିରେ ମଥୁରା ଦଳ ୧୫ ଓଭର ୮ ଉଇକେଟ ହରାଇ ମୋଟ ୧୫୮ ରନ୍ କରିଥିବାବେଳେ ଆଡ଼େନିଗଡ଼ ୧୩ ଓଭର ୧ ବଲରେ ୬ ଉଇକେଟ ହରାଇ ୧୬୨ ରନକରି ବିଜେତା ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରିପୋର୍ଟର୍ସ ଆସୋସିଏସନ ଜିଲ୍ଲା ସଭାପତି ତଥା ବରିଷ୍ଠ ସାମ୍ବାଦିକ ଭାଗବତ ମେହେର, ଅନ୍ୟତମ ଅତିଥି ଭାବେ ଯୁବ ସାମ୍ବାଦିକ ତଥା ସମାଜସେବୀ ଅକ୍ଷୟ କୁମାର ମହାକୁଡ଼, ଗ୍ରାମ୍ୟ ସଭାପତି ଦୁର୍ଯ୍ୟଧନ ମଲ୍ଲିକ ଯୋଗଦେଇ ଥିଲେ। ରାଜୀବ ପ୍ରଧାନ, ଟୁଲୁ ପ୍ରଧାନ ପରିଚାଳନା କରିଥିବାବେଳେ କମିଟିର ଜିତୁ ଡାଲୁଆ, ସମୀର ଘିବିଲା, ଚନ୍ଦନ ମହାପାତ୍ର, ଅର୍ଜୁନ ବେହେରା, ରମାକାନ୍ତ ପାତ୍ର, ଗଙ୍ଗା ବଗର୍ତି, ସାଜିତ ଖାଁ ପ୍ରମୁଖ ସହଯୋଗ କରିଥିଲେ।



# ମା' ପାଟଖଣ୍ଡା କ୍ରିକେଟ, ସେମିରେ ଦେଓଗାଁ



ଦେଓଗାଁ, ୨୯।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ମିନିଷ୍ଟାଡିୟମରେ ଚାଲିଥିବା ମା' ପାଟଖଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟସୋମବାର ତୃତୀୟ ଦିବସରେ ଦେଓଗାଁ ଓ ସାଲେପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦେଓଗାଁ ଟସଜିଣି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୩୬ ରନ ସଂଗ୍ରହ କରିଥିଲେ। ଜବାବରେ ସାଲେପାଲି ଦଳ ନିର୍ଦ୍ଧାରିତ ୮ ଓଭରରେ୧୦୬ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ଦେଓଗାଁ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ମିଳନ ପଧାନ ଓ ଦେବାଶିଷ ପଧାନ ଖେଳ ପରିଚାଳନା କରିଥିଲେ। ବୁଦ୍ଧଦେବ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହିଦିନ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖାମାରୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଅଶୁର୍ଲା କ୍ରିକେଟ ପ୍ରିମିୟର ଲିଗ୍

# ଗେମ୍ ଚେଞ୍ଜର ଚାମ୍ପିଅନ

ବଙ୍ଗୋମୁଣ୍ଡା, ୨୯ ।୧୨(ସମିସ)

ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ପଞ୍ଚାୟତ ଅଧୀନ ଅଶୁର୍ଲା ଗ୍ରାମରେ ଚାଲିଥିବା ଦ୍ୱିତୀୟଅଶୁର୍ଲା କ୍ରିକେଟ ପ୍ରିମିୟର ଲିଗ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗେମ୍ ଚେଞ୍ଜର, ପାୱାର ହିଟର, ସୁପର କିଙ୍ଗ, ରାଇଜିଙ୍ଗ ଷ୍ଟାର ମୋଟ ୪ଟି ଦଳ ଭାଗ ନେଇଥିବା ବେଳେ ଗେମ୍ ଚେଞ୍ଜର, ପାୱାର ହିଟର ଦଳ ଫାଇନାଲକୁ ପ୍ରବେଶ କରିଥିଲା। ପ୍ରଥମେ ବ୍ୟାଟିଂ ଗେମ୍ ଚେଞ୍ଜର ୧୦ ଓଭର ରେ ୪ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲା। ଜବାବରେ ପାୱାର ହିଟର ଦଳ ୧୦ ଓଭର ୯ ଉଇକେଟ ହରାଇ ୮୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଅଶୋକ ବାଗ ଓ ମୁନା ସାହୁ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କପିଲାଭଟା ମାଁ ସାହାଜି ଯୁବକ ସଂଘ ର ସଂଯୋଜକ ପୃଥିରାଜ ବାଗ, ସମ୍ମାନିତ ଅତିଥି ଭାବେ ହୁଲେଶ୍ୱର ହଂସ, ଆଇନଜୀବୀ ସୁଧାଂଶୁ ଦାସ, ଆଇନଜୀବୀ ପ୍ରକାଶ ନାଗ, ଶଶିକପୁର ମହାନନ୍ଦ, ଉତ୍ତର ତାଣ୍ଡି, ପଣ୍ଡିତ ସାହୁ, ପରମାନନ୍ଦ ଛତ୍ରିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଆୟୋଜକ କମିଟିର କୁନା ସାହୁ, ଦୁଷ୍ମନ୍ତ ଦାସ, ରିଙ୍କୁ ସାହୁ, ଧର୍ମେନ୍ଦ୍ର ଦାସ, ଚୈତନ୍ୟ ମହାନନ୍ଦ, ଧର୍ମେଶ ସଗରିଆ ପ୍ରମୁଖଙ୍କ ସହ ଆୟୋଜକ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



## ● ଗଞ୍ଜେଇ, କାର୍ ଓ ଦୁଇ ବାଇକ୍ ଜବତ

## ୩ ଗିରଫ, ଜଣେ ଫେରାର

ବୌଦ୍ଧ,୨୯ ।୧୨(ସମିସ): ଘଣ୍ଟାପଡ଼ା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଥିବାବେଳେ ଏକ କାର୍ ଓ ଦୁଇଟି ବାଇକ୍ ସହ ୩ ଆନ୍ତରାଜ୍ୟ ମାଫିଆକୁ ଗିରଫ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଣ୍ଟାପଡା ପୁଲିସ ସିଲେଟ ପଡା ଖେମୁଣ୍ଡି ଗଡ଼ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ହୋଣ୍ଡାଇ କାର୍ ଓ ପୁଲସର ବାଇକ, ହିରୋ ସ୍ୱଲେଣ୍ଡର ପ୍ଲସ୍ ବାଇକ୍‌କୁ ସନ୍ଦେହରେ ଅଟକାଇ ଥିଲେ । ତଲାସି କଲା ପରେ କାର୍ ଓ ବାଇକରୁ ୧୦୫ କେଜି ୫୫୦ ଗ୍ରାମ ଗଞ୍ଜେଇ ଜବତ କରିଥିବାବେଳେ ୩ ଗାଡି ସହ ୩ ମାଫିଆକୁ ଗିରଫ କରିଛି । ଗିରଫ ମାଫିଆ ହେଲେ ମଧ୍ୟପ୍ରଦେଶର ଅନୁପୁର ଜିଲ୍ଲା କୋଟାମା ଥାନା ଖୋଦ୍ରୀ ଗ୍ରାମର ରାଜ କୁମାର ଜୈଶ୍ୱାଳ (୩୦), ଛତିଶଗଡ଼ ରାଜ୍ୟ ଏମ୍‌ସିବି ଜିଲ୍ଲା ମହେନ୍ଦ୍ର ଗଡ଼ ଥାନାର ବିନୟ ସିଂ(୨୬), ବିଲାସପୁର ଜିଲ୍ଲା ସିପାଟଥାନା ବଶାଗ୍ରାମର ଅମିତ କୁମାର କଷ୍ୟପ (୨୩)କୁ ଗିରଫ କରାଯାଇଥିବାବେଳେ ଅନ୍ୟତମ ଅଭିଯୁକ୍ତ ଘଣ୍ଟାପଡା ଥାନା ସିଲେଟପଡା ଗ୍ରାମର ବିନୋଦ ରଣା (୩୨) ଫେରାର ଥିବା ପୋଲିସ ସୂଚନା ଦେଇଛି । ଏ ନେଇ ଘଣ୍ଟାପଡା ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଏସ୍‌ଆଇ ସୌମ୍ୟ ରଞ୍ଜନ ପାତ୍ର ସୂଚନା ଦେଇଛନ୍ତି ।



# ଜିଲ୍ଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




ବୀରମହାରାଜପୁର/ତରଭା,୨୯।୧୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ବ୍ଲକ୍‌ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ପଞ୍ଚାୟତ ସମିତି ଅଧୀନ ଲୁତୁରପଙ୍କ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ ଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୯ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୩୬ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବାବେଳେ ୧୩ଟି ସାମୂହିକ ଦରଖାସ୍ତ ଓ ୨ଟି ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା । ଅଭିଯୋଗ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ହାଁସଦାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କ ସମେତ ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ, ଲୁତୁରପଙ୍କ ଗ୍ରାମ ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ ।

### ୪୯ଟି ମାମଲା ପଞ୍ଜିକୃତ, ୧୮ଟି ସମାଧାନ

**ଅଭିଯୋଗ ଶୁଣାଣି**



ବୌଦ୍ଧ/କଣ୍ଟାମାଳ: ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଉପାନ୍ତ ଅଞ୍ଚଳ ଲମ୍ବସରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ, ଏସପି ରାହୁଲ ଗୋୟଲ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ । ଏହି ଶିବିରରେ ସମୁଦାୟ ୪୯ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ମାମଲା ରହିଥିଲା । ୧୮ଟି ମାମଲାର ତ୍ୱରିତ ସମାଧାନ କରାଯାଇଥିବାବେଳେ ଜଣକୁ ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସେନା, ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ସିଡିପିଓ ପଙ୍କଜିନୀ ମିଶ୍ର, ଥାନା ଅଧିକାରୀ ରଞ୍ଜିତ ମୁନିଙ୍କ ସମେତ ସମସ୍ତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରିଥିଲେ ।

## ଲୋକମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି



ବୀରମହାରାଜପୁର,୨୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଆଜି ବୀରମହାରାଜପୁର ଲୋକମହୋତ୍ସବ ମାଲେଶ୍ରୀ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ବ୍ଲକ୍ ଉପାଧକ୍ଷ ନାରାୟଣ ଲୁହାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି । ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଏ ବର୍ଷ ଲୋକମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ମତ ରଖିଥିଲେ । ବିଭିନ୍ନ ଆଲୋଚନାଚକ୍ର, ଫୁଟବଲ୍ ମ୍ୟାଚ୍, ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରତିଯୋଗିତା, ସ୍ୱାସ୍ଥ୍ୟ, କୃଷି ଉପକରଣ, ହ୍ୟାଣ୍ଡଲୁମ୍ ବସ୍ତ୍ର, ବୁକ୍ ଫେୟାର ସହିତ ବିଭିନ୍ନ ନୂତନ କାର୍ଯ୍ୟକ୍ରମ କରିବାପାଇଁ ପ୍ରସ୍ତାବ ଦେଇଥିଲେ । ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ବୀରମହାରାଜପୁର ଲୋକମହୋତ୍ସବ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏଥିପାଇଁ ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଏକ ପ୍ରସ୍ତୁତି ବୈଠକ ଆସନ୍ତା ଜାନୁଆରୀ ୬ ତାରିଖ ଅପରାହ୍ନ ୩ ଘଣ୍ଟା ସମୟରେ ସ୍ଥାନୀୟ ମୈତ୍ରୀ ସଦନ ଠାରେ ହେବ ବୋଲି ଏଥିରେ ସୂଚାଯାଇଥିଲା । ଉକ୍ତ ବୈଠକରେ ମହୋତ୍ସବକୁ ଆକର୍ଷଣୀୟ ଓ ସରସ ସୁନ୍ଦର କରିବା ପାଇଁ ଏକ ନୂତନ କମିଟି ସହିତ ସହ କମିଟି ଗୁଡିକ ଗଠନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏହି ବୈଠକରେ ବରିଷ୍ଠ ନାଗରିକ ସଂଗଠନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ, ବିଜେପି ଜିଲ୍ଲା ସଭାପତି ବେଣୁଧର ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଜିଲ୍ଲା ପରିଷଦ ଜୋନ୧ ସଭ୍ୟ ଲବ କୁମାର ସାହୁ, ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ଖଣ୍ଡଗିରୀ, ବିଡିଓ ରାଜୀବ କୁମାର ହାଁସଦା ପ୍ରମୁଖ ମଞ୍ଚାସିନ ଥିଲେ ।

ସଭା ପ୍ରାରମ୍ଭରେ ଯୁଗଳକିଶୋର ମିଶ୍ର ବୀରମହାରାଜପୁର ଲୋକମହୋତ୍ସବ ମାଲେଶ୍ରୀ କିଭଳି ଭାବରେ ଆୟୋଜନ ହେଉଥିଲା ଓ ତାର ରୂପରେଖ ଉପରେ ସୂଚନା ପ୍ରଦାନ କରିଥିଲେ । ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ବରିଷ୍ଠ ସାମ୍ବାଦିକ କିଶୋର ହୋତା, ଚମ୍ପାମଲ୍ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ସରକାରୀ ଓକିଲ ସତ୍ୟବ୍ରତ ମିଶ୍ର, ଜିଲ୍ଲା ବିଜେପି ଉପସଭାପତି ଶରତକୁମାର ମିଶ୍ର, ସୁମନ୍ତ ଜଗଦଳା, ଏକଲବ୍ୟ ବେହେରା, ବିପିନ ପଣ୍ଡା, ବିବସ୍ୱତି ପଣ୍ଡା, ରାଧାଚରଣ ମେହେର, କଳାକାର ପୀତବାସ ଶତପଥୀ, ପ୍ରଭାସ ଦାସ, ନୃତ୍ୟଗୁରୁ ଦଶରଥ ମେହେର, ରୋହିତ ହୋତାଙ୍କ ସମେତ ଶତାଧିକ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ମାତ୍ର ଏତେ ବଡ ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଲୋକମହୋତ୍ସବର ପ୍ରସ୍ତୁତି ବୈଠକରେ ପ୍ରଚାର ପ୍ରସାର ପାଇଁ କିଛି କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସୂଚନା ଦିଆଯାଇ ନଥିଲା, ତେଣୁ ଆଗାମୀ ବୈଠକରେ ସାମ୍ବାଦିକ ମାନଙ୍କୁ ସୂଚନା ଦେବାସହ ଅନେକ ସାମାଜିକ ଅନୁଷ୍ଠାନକୁ ଏହି ମହୋତ୍ସବରେ ସାମିଲ କରିବାକୁ ବୁଦ୍ଧିଜୀବୀ ତଥା ଜନସାଧରଣରେ ଦାବି ହୋଇଥିଲା । ଶେଷରେ ବ୍ଲକ୍ ଉପାଧକ୍ଷ ନାରାୟଣ ଲୁହା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ● ଜଙ୍ଗଲ ଜମି ପଟ୍ଟାରୁ ବଞ୍ଚିତ ଆଦିବାସୀ

## ଆବେଦନର ପୁନର୍ବିଚାର କରିବାକୁ ଜିଲ୍ଲାପାଳଙ୍କୁ ଗୁହାରି

ଶଗଡ଼ା ,୨୯ ।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ତହସିଲ ଅଧୀନ ଲମ୍ବସରି ପଞ୍ଚାୟତର ସମସ୍ତ ଆଦିବାସୀ ଜଙ୍ଗଲଜମି ପଟ୍ଟାରୁ ବଞ୍ଚିତ ହୋଇଥିବା ବେଳେ ଏହାର ପୁନଃବିଚାର କରିବାକୁ ଆଜି ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି । ସୂଚନା ଅନୁସାରେ କଣ୍ଟାମାଳ ତହସିଲ ଅଧୀନ ଉପାନ୍ତ ଆଦିବାସୀ ଅଞ୍ଚଳ ଭାବେ ପରିଗଣିତ ଲମ୍ବସରୀ ପଞ୍ଚାୟତର ସମସ୍ତ ଆଦିବାସୀ ଜଙ୍ଗଲ ଜମି ଉପରେ ନିର୍ଭରକରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ହେଲେ ଦୀର୍ଘ ବର୍ଷ ହେବ ଜଙ୍ଗଲ ଜମି ଉପରେ ଚାଷ କରି ଆସୁଥିଲେ ସୁଦ୍ଧା ତାଙ୍କୁ ଉକ୍ତ ଜମିର କୌଣସି ପଟ୍ଟା ମିଳିନାହିଁ । ପଟ୍ଟା ପାଇଁ ଆଦିବାସୀମାନେ ୨୦୨୩ରେ ଆବଶ୍ୟକୀୟ କାଗଜପତ୍ର ସହ କଣ୍ଟାମାଳ ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ । ଇତିମଧ୍ୟରେ ଅନେକ ଥର ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ତାଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇନାହିଁ । ଯାହାକୁ ନେଇ ଆଦିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଏନେଇ ଆଦିବାସୀମାନେ ଗତ ନଭେମ୍ବର ମାସ ୨୬ ତାରିଖରେ ବୌଦ୍ଧ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ । ଉପଜିଲ୍ଲାପାଳ ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜକୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଏହାର କୌଣସି ସମାଧାନ ହୋଇ ପାରିନାହିଁ । ଏନେଇ ଆରିମୂଳ ପ୍ରଗଣା ଆଦିବାସୀ କନ୍ଧ ସମାଜ ସଭାପତି ନରୋତ୍ତମ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ଆଜି ଲମ୍ବସରୀ ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ଜିଲ୍ଲପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଗୁହାରି କରିବା ସହିତ ଏହାର ତ୍ୱରିତ ସମାଧାନ କରିବାକୁ ନିବେଦନ କରିଛନ୍ତି ।

## ଜିଲ୍ଲା ବିଜେଡି କମିଟି ସଦସ୍ୟ ଚୟନରେ ବୀରମହାରାଜପୁରକୁ ଗୁରୁତ୍ୱ

ବୀରମହାରାଜପୁର,୨୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ନୂତନ ବିଜେଡ଼ି କମିଟିର ସଦସ୍ୟମାନଙ୍କ ପ୍ରକାଶ ପାଇଥିବା ଜଣାପଡିଛି । ଏହି କମିଟି ଚୟନରେ ବୀରମହାରାଜପୁର ବ୍ଲକ୍‌କୁ ଗୁରୁତ୍ୱ ଦିଆଯାଇଛି । ବୀରମହାରାଜପୁରର ବରିଷ୍ଠ ବିଜେଡ଼ି ନେତା ମୃତ୍ୟୁଞ୍ଜୟ ପଧାନ, ସ୍ୱୟମ୍ଭୁନାଥ ଖଣ୍ଡଗିରୀ, କିଶୋର କୁମାର ହୋତା, ରଞ୍ଜିତକୁମାର ରଥଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ସାଧାରଣ ସମ୍ପାଦକ ଭାବେ ସତ୍ୟାଞ୍ଜିବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ବିନୋବାନନ୍ଦ ପଧାନ, ଓ ମନୋଜ କୁମାର ସାହୁ ନିଯୁକ୍ତି ଦିଆଯାଇଛି । ସମ୍ପାଦକ ଭାବରେ ସଞ୍ଜୀବକୁମାର ଦେହେରି ନିଯୁକ୍ତି ଦିଆଯାଇଛି । ଏହି ଖବର ପ୍ରସାରିତ ହେବା ପରେ ବୀରମହାରାଜପୁର ନେତା ଓ କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଆଗାମୀ ଦିନରେ ଦଳ ତୃଣମୂଳସ୍ତରରେ ଅନେକ କାର୍ଯ୍ୟ କରିବା ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ବିଜେଡି ସାଧାରଣ ସମ୍ପାଦକ ସତ୍ୟାଞ୍ଜିବ ମିଶ୍ର କହିଛନ୍ତି ।

## ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

ବିନିକା,୨୯ ।୧୨(ସମିସ): ସୋମବାର ମଧ୍ୟାହ୍ନ ସମୟରେ ବିନିକା ପାପକ୍ଷୟ ରାସ୍ତା ପାଶ୍ୱର୍ରେ ଥିବା ବିଦ୍ୟୁତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟକୁ ତାଲା ମାରି କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବ୍ଲକ୍ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ କିଷାନ ସେଲ ସାଧାରଣ ସମ୍ପାଦକ ସପନେଶ୍ୱର ପୃଷ୍ଟି, ଯୁବ ନେତା ବିଜୟ ଭୋଇ, ଶ୍ରୀନିବାସ ଖମାରୀ, ସୁରଥ ପ୍ରଧାନ, ନରସିଂ ମିଶ୍ର, ବିଶ୍ୱମିତ୍ର ପଣ୍ଡା, ରବୀନ୍ଦ୍ର ଭୁଇଁଆ, ପାଣ୍ଡବ ଭୋଇ ପ୍ରମୁଖ ଉପସ୍ଥିତ ରହି ଟାଟା ପାୱାର ବିରୋଧରେ ଗର୍ଜି ଥିଲେ । ଗ୍ରାହକ ଶୋଷଣ ବନ୍ଦ କରି ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ମାଗଣା ବିଜୁଳି ପ୍ରଦାନ, କୃଷି ପାଇଁ ସମ୍ପୂର୍ଣ୍ଣ ଭାବେ ବିଜୁଳି ଛାଡ କରାଯିବା, ସ୍ମାର୍ଟ ମିଟର ବିଶ୍ୱସନୀୟତା ପ୍ରମାଣିତ ନହେବା ଯାଏ କାର୍ଯ୍ୟକାରୀ କରାନଯିବା, ଅତିରିକ୍ତ ସିକ୍ୟୁରିଟି ଡିପୋଜିଟକୁ ତୁରନ୍ତ ପ୍ରତ୍ୟାହାର କରାଯିବା ଆଦି ଦାବି କରି କଂଗ୍ରେସ କର୍ମୀମାନେ କାର୍ଯ୍ୟାଳୟକୁ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ନୂତନ ବ୍ରିଜର ଶୁଭ ଦେଲେ ବିଧାୟକ



ବିନିକା,୨୯ ।୧୨(ସମିସ): ବିନିକା ବ୍ଲକ୍ ବାଉଁଶୁଣି-କୈନ୍ତରା ରାସ୍ତା ମଝିରେ ଥିବା ବାଉଁସୁନୀ ମାଇନରରେ ନୂତନ ବ୍ରିଜ ନିର୍ମାଣ ପାଇଁ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଶୁଭ ଦେଇଛନ୍ତି । ସୂଚନାଯୋଗ୍ୟ, ବ୍ରିଜ ନଥିବାରୁ ଯିବା ଆସିବା ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ବିଶେଷ କରି ବର୍ଷା ୨ ମାସ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିଲେ । ବ୍ରିଜ ନିର୍ମାଣ ହେଲେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସର୍ବ ସାଧାରଣ ଲୋକେ ଉପକୃତ ହେବେ ।କାର୍ଯ୍ୟକ୍ରମରେ ବିଜେପିର ବହୁ ସଦସ୍ୟଙ୍କ ଆଖପାଖ ଗ୍ରାମର ଲୋକେ ସାମିଲ ହୋଇଥିଲେ ।

## ମା’ ମାହେଶ୍ୱରୀ ସେନାର ବାର୍ଷିକ ବୈଠକ




ଶଗଡ଼ା,୨୯ ।୧୨(ସମିସ): ବୌଦ୍ଧ ଜିଲ୍ଲା ମା’ ମାହେଶ୍ୱରୀ ସେନାର ସଭାପତି ଅନିଲ ପଲିଆଙ୍କ ଅଧ୍ୟକ୍ଷତାରେ ଡମରୁଗଡ଼ଠାରେ ସଂଗଠନର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା । ଶ୍ରୀପଲିଆ ସଂଗଠନର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ରାଜ୍ୟ ସମ୍ପାଦକ ମହେନ୍ଦ୍ର ମହାକୁଳ ସଂଗଠନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ । ଜିଲ୍ଲା ଆବାହକ ଅକ୍ରୁର ଗାଇଗୌରିଆ ଆଗାମି ଦିନରେ ସଂଗଠନ କିପରି ସୁଦୃଢ଼ ହେବାସହ ପ୍ରତ୍ୟେକ ପଞ୍ଚାୟତସ୍ତରରେ ସେବା ଯୋଗେଇବ ସେ ବିଷୟରେ ଆଲୋଚନା କରିଥିଲେ । ସହସ୍ରାଂଶୁ ମହାକୁଳ ଧନ୍ୟବାଦ ଅର୍ପଣ କରିଥଲେ । ନରେନ୍ଦ୍ର କର୍ମୀ, ଜିଲ୍ଲା ଉପସଭାପତି ସ୍ୱାଧୀନ କର୍ମୀ, ଜିଲ୍ଲା ସହସମ୍ପାଦକ ଲିପୁନ ମହାକୁଳ, କଣ୍ଟାମଲ ବ୍ଲକ ସଭାପତି ଅବିନାଶ କମ୍ପ, ସଂଗଠନର ସକ୍ରିୟ ସଦସ୍ୟ ଦିଲ୍ଲୀପ କର୍ଣ୍ଣ, ରଞ୍ଜିତ ମହାକୁଳ, ରଶ୍ମୀ ଡାଙ୍ଗ, ପରମାନନ୍ଦ ମହାକୁଳ, ନିରଞ୍ଜନ ମେଣ୍ଡିଲି, ଟଙ୍କଧର ଖମାରି, ନିରଞ୍ଜନ ଗେଜ, ଆଦିତ୍ୟ ମହାକୁଳ, ଶଶୀ ମହାକୁଳ, ମକରଧ୍ୱଜ ବାରିକ, ଏକଲବ୍ୟ ଗାଗୌରିଆ, ଶିବାଜୀ ମହାକୁଳ, ପୀତବାସ ଖେତି, ସଲିନ ମହାକୁଡ଼ ସୁନୀଲ ମେଣ୍ଡିଲି ଆଶିଷ ଡ଼ାଙ୍ଗ, ପିଣ୍ଟୁ ମହାକୁଳ, ପ୍ରଶାନ୍ତ ମହାକୁଳ ଏବଂ ହରଭଙ୍ଗା ବ୍ଲକର ବହୁ ସଂଖ୍ୟାରେ ସଦସ୍ୟ ବୈଠକରେ ଯୋଗ ଦେଇଥିଲେ ।

**ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍**

## କ୍ୟୁସିଆଇ ଛତିଶଗଡ଼ ଚାମ୍ପିଅନ୍

ବୀରମହାରାଜପୁର,୨୯।୧୨(ସମିସ)




ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ହେଉଥିବା ୨୯ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପର ଫାଇନାଲରେ ଏସଡିସିଏ ସୋନପୁର କୁ ହରାଇ କ୍ୟୁସିଆଇ ଛତିଶଗଡ଼ ଚାମ୍ପିଅନ୍ ହୋଇଛି । ଫାଇନାଲ ମ୍ୟାଚ ଟି-୨୦, ଟି -୧୦ ଓ ସୁପର ଓଭର ବିଶିଷ୍ଟ ତିନୋଟି ଫର୍ମାଟରେ ହୋଇଥିଲା ।

ଛତିଶଗଡ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୨୪୪ ରନ କରିଥିଲା । ଦଳର ଶଶାଙ୍କ ଚାନ୍ଦ୍ରକର ୩୦ ବଲ୍ ଖେଳି ୬୦ ରନ ଓ କ୍ରିତେଶ ସାହୁ ୩୧ ବଲ ଖେଳି ୫୯ ରନ କରିଥିଲେ । ବିପକ୍ଷ ଆବ୍ରାରୁଲ ହକ୍ ୨ ଟି ଉଇକେଟ ନେଇଥିଲେ । ଜବାବରେ ସୋନପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୦ ରନ କରିଥିଲେ । ଦଳର ପ୍ରଶାନ୍ତ ବିଶି ୨୦ ବଲ ଖେଳି ୪୨ ରନ ଓ ବରୁଣ ଦାସ ୧୭ ବଲ ଖେଳି ୪୦ ରନ କରିଥିଲେ । ବିପକ୍ଷ ସନ୍ନି ତିୱାରୀ ୪ ଟି ଓ ବିବେକ କୁମାର ୨ ଟି ଲେଖାଏଁ ଉଇକେଟ ନେଇଥିଲେ । ଟି-୧୦ ମ୍ୟାଚ୍‌ରେ ଛତିଶଗଡ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ଉଇକେଟ ହରାଇ ୮୭ ରନ କରିଥିଲେ । ଦଳର କାହ୍ନା ସାହୁ୨୮ ଓ କ୍ରିତେଶ ସାହୁ ୧୯ ରନ୍ କରିଥିଲେ । ବିପକ୍ଷ ଶୁଭମ୍ ବିଷ୍ଟ ଓ ଆବ୍ରାରୁଲ ହକ୍ ପ୍ରତ୍ୟେକ ୩ ଟି ଲେଖାଏଁ ଉଇକେଟ ନେଇଥିଲେ । ଜବାବରେ ସୋନପୁର ୭.୫ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକୀୟ ୮୯ ରନ କରିଥିଲା । ଦଳର ବରୁଣ ଦାସ ୩୬ ଓ ଅଭିଲାଷ ନାୟକ ୧୯ ରନ କରିଥିଲେ । ବିପକ୍ଷ ଶଶାଙ୍କ ନେତମ ୩ ଟି ଉଇକେଟ ନେଇଥିଲେ । ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର ଓଭର ଖେଳାଯାଇଥିଲା । ଏଥିରେ ସୋନପୁର ପ୍ରଥମେ ୯ ରନ କରିଥିବା ବେଳେ ଛତିଶଗଡ ୧୦ ରନ କରି ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା । ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥି, ଲୋକପ୍ରିୟ କଣ୍ଠଶିଳ୍ପୀ ଡ. ଅର୍ଚ୍ଚନା ପାଢ଼ୀ ସ୍ୱତନ୍ତ୍ର ଅତିଥି ଏବଂ ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ, ପ୍ରାକ୍ତନ ବ୍ଲକ୍ ଅଧକ୍ଷ ସନ୍ତୋଷ ଭୋଇ, ଆଇନଜୀବୀ ରାଧାକାନ୍ତ ବାଘ, କଳ୍ପତରୁ ମହାକୁର, ଆୟୋଜକ ସଭାପତି ସୁଶିଲ ପ୍ରଧାନ ଓ ସମ୍ପାଦକ ମାଧବ ମହାକୁର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସିନ ଥିଲେ । ସୋନପୁରର ପୁରୁଷୋତ୍ତମ ପାତ୍ରଙ୍କୁ ଶ୍ରେଷ୍ଠ ବୋଲର, ଛତିଶଗଡ଼ର କ୍ରିତେଶ ସାହୁଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍, ସେଞ୍ଚୁରି ମ୍ୟାନ, ଶ୍ରେଷ୍ଠ ସିକ୍ସର ଓ ମ୍ୟାନ ଅଫ ସିରିଜ ଏବଂ ସନ୍ନି ତିୱାରୀଙ୍କୁ ମ୍ୟାନ ଅଫ ଫାଇନାଲ ଭାବେ ପୁରସ୍କୃତ କରାଯାଇଥିଲା ।

ଚାମ୍ପିଅନ୍ ଦଳକୁ ନଗଦ ୬୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ନଗଦ ୪୦ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା । ଫାଇନାଲ ମ୍ୟାଚ୍‌କୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମ ସୁନ୍ଦର ପଣ୍ଡା ଓ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିବା ବେଳେ ମାନସ ରଞ୍ଜନ ମହାକୁର ସ୍କୋରର, ଚମାରୁ ମହାକୁର ଅନ୍ ଲାଇନ୍ ସ୍କୋରିଙ୍ଗ ଏବଂ ତନୁଜରାଜ ସାହୁ, ମାନସ ମିଶ୍ର, ବନ୍ଧନ ପ୍ରଧାନ, ଆଶିଷ ଦେଓ, ମ୍ୟାକ ମିଳନ ମହାକୁର, ପ୍ରାଣବନ୍ଧୁ ସାହୁ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।

## ହାଇୱା - ବାଇକ ଧକ୍କା ଜଣେ ମୃତ

ହରଭଙ୍ଗା,୨୯ ।୧୨(ସମିସ): ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ୍ ଚାରିଛକ - ଛତ୍ରଙ୍ଗ ପୂର୍ତ୍ତରାସ୍ତାର ଏକତାଳ ନିକଟରେ ସୋମବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ହାଇୱା ଓ ବାଇକ୍ ମଧ୍ୟରେ ଧକ୍କାରେ ହେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ବାଇକ୍ ଚାଳକ ଜଣଙ୍କ ହେଉଛନ୍ତି ପୁରୁଣାକଟକ ଥାନା ଅଧୀନ ବାହାଲି ଗ୍ରାମର ସୁନୀଲ ପାତ୍ର (୨୭) । ସୂଚନା ଅନୁସାରେ ସୋମବାର ସକାଳେ ଛତ୍ରଙ୍ଗ ପାଶ୍ୱର୍ରୁ ଏକ ବାଇର୍ରେ ସୁନୀଲ ଘରକୁ ଫେରୁଥିଲେ । ଏହି ସମୟରେ ଚାରିଛକ ପଟୁ ଆସୁଥିବା ଏକ ହାଇୱା ସୁନୀଲଙ୍କ ବାଇକ୍‌କୁ ଧକ୍କା ଦେବାରୁ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଏକ ଘଣ୍ଟା ରାସ୍ତା ଅବରୋଧ କରିଥିଲେ । ହରଭଙ୍ଗା ତାହସିଲଦାର ବଳଦେବ ବେହେରା ପୁରୁଣା କଟକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ଏହା ସହିତ ରେଡକ୍ରସ ପାଣ୍ଠିରୁ ଦଶହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । ଏହା ସହିତ ହରିଶ୍ଚନ୍ଦ୍ର ସହାୟତା ତୁରନ୍ତ ମୃତକଙ୍କ ପରିବାରଙ୍କୁ ପ୍ରଦାନ ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ରାସ୍ତାରୋକ ହଟିଥିଲା । ଅନ୍ୟପଟେ ଘଟଣାପରେ ହାଇୱା ଡ୍ରାଇଭର ପୁରୁଣାକଟକ ଥାନାରେ ଆନସ୍ମର୍ପଣ କରିଥିବା ଜଣାପଡ଼ିଛି ।

## ବୌଦ୍ଧ ପାକ୍ସ ପକ୍ଷରୁ ଧାନ କ୍ରୟ କେନ୍ଦ୍ର ଉଦ୍‌ଘାଟିତ



ବୌଦ୍ଧ,୨୯ ।୧୨(ସମିସ): ବୌଦ୍ଧ ପାକ୍ସ ପକ୍ଷରୁ ଭୈରବୀ ପଡ଼ିଆଠାରେ ସରକାରୀ ଖରିଫ ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ କୃଷି ଅଧିକାରୀ ରାଜେଶ ଚୌଧୁରୀ ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜାନକୀଭୁଷଣ ହାବଡ଼ା ସିଂ, ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ପାକ୍ସ ସଭାପତି ସତ୍ୟଜିତ କୁମାର ପଣ୍ଡା, ସମବାୟ ନିରିକ୍ଷକ ସ୍ୱର୍ଣ୍ଣଲତା ପ୍ରଧାନ, ନୋଡାଲ ଅଫିସର ଶୁଭାଶିଷ ଶତପଥୀ, ପାକ୍ସ ସମ୍ପାଦକ ସତ୍ୟଜିତ କର ଓ ଚାଷୀମାନେ ଉପସ୍ଥିତ ଥିଲେ । ଗୋପୀନାଥ ଓ ଶ୍ରୀକ୍ରିଷ୍ଣା ରାଇସ୍ ମିଲ ପକ୍ଷରୁ ଟୋକନ୍ ପାଇଥିବା ଚାଷୀମାନଙ୍କ ଠାରୁ ସମିତି ଜରିଆରେ ଧାନକୁ ନେଇଥିଲେ ।

# ତାମିଲନାଡୁରେ ପ୍ରବାସୀ ଶ୍ରମିକଙ୍କୁ ସଶସ୍ତ୍ର ଆକ୍ରମଣ

ତିରୁବଲ୍ଲୁର, ୨୯ ।୧୨(ଏଜେନ୍ସି): ତାମିଲନାଡୁରେ ସୋମବାର ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଉଥିବାର ଏକ ବିଚଳିତ କଲା ଭଳି ଭିଡିଓ ସାମ୍ନାକୁ ଆସିଛି। ଏ ନେଇ ପୂର୍ବତନ ତାମିଲନାଡୁ ବିଜେପି ଅଧ୍ୟକ୍ଷ କେ ଆନ୍ନାମଲାଇ ଚିନ୍ତା ପ୍ରକଟ କରିବା ସହ ସାମାଜିକ ଗଣମାଧ୍ୟମ ଏକ୍ସରେ ଏହି ଭିଡିଓକୁ ସେୟାର କରିଛନ୍ତି। କିଛି ଯୁବକ ଆଉ ଜଣେ ଯୁବକଙ୍କୁ ଧରୁଆ ଅସ୍ତ୍ରରେ ଆକ୍ରମଣ କରୁଥିବା ଓ ବିଜୟ ଚିହ୍ନ ଦେଖାଉଥିବା ଭିଡିଓରେ ଦେଖାଯାଇଛି। ପୀଡିତଙ୍କୁ ତଳେ ପକାଇ ସେମାନେ ତାଙ୍କ କାନ, ମୁଣ୍ଡ ଓ ବେକରେ ଅନେକ ଆଘାତ ଦେଇଥିଲେ। ଗଣମାଧ୍ୟମର ରିପୋର୍ଟ ଅନୁସାରେ ଶ୍ରମିକଜଣକ ଗୁରୁତର ଅଛନ୍ତି ଓ ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ତାଙ୍କର ଚିକିତ୍ସା କରାଯାଉଛି। ଏହି ଘଟଣା ନେଇ ସେ ତାମିଲନାଡୁରେ ଏମ୍‌କେ ଷ୍ଟାଲିନ ସରକାରଙ୍କ ଅଧିନରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ପୀଡିତ ଯୁବକ ହେଉଛନ୍ତି ମହାରାଷ୍ଟ୍ରର ଜଣେ ଶ୍ରମିକ। ତିରୁତ୍ତନୀରେ କାର୍ଯ୍ୟ କରୁଥିବା ମହାରାଷ୍ଟ୍ରର ଜଣେ ପ୍ରବାସୀ ଶ୍ରମିକ ସୂରଜଙ୍କୁ ଗଞ୍ଜେଇ ପାନ କରି ନିଶାରେ ଚୂର ହୋଇଥିବା କେତେଜଣ ଯୁବକ ନିର୍ମମ ଭାବେ ଆକ୍ରମଣ କରୁଛନ୍ତି ବୋଲି ଆନ୍ନାମଲାଇ ଲେଖିଛନ୍ତି। ଅବଶ୍ୟ ପୁଲିସ ଏହି ଅପରାଧୀମାନଙ୍କୁ ଗିରଫ କରିଥିଲେ ମଧ୍ୟ ଏହି ମାମଲା ଏବେ ଗମ୍ଭୀର ରୂପ ନେଇଛି।

# କାଲିଫର୍ଣ୍ଣିଆ କାର୍ ଦୁର୍ଘଟଣାରେ ଦୁଇ ଭାରତୀୟ ମହିଳା ମୃତ



ନୂଆଦିଲ୍ଲୀ, ୨୯ ।୧୨ (ଏଜେନ୍ସି): ପଶ୍ଚିମ ଆମେରିକୀୟ ରାଜ୍ୟ କାଲିଫର୍ଣ୍ଣିଆରେ ଦୁଇଜଣ ଭାରତୀୟ ମହିଳା କାର୍ ଦୁର୍ଘଟଣା ମୃତ୍ୟୁବରଣ କରିଛନ୍ତି। ଶନିବାର ସନ୍ଧ୍ୟାରେ ଆମେରିକା ପୁଲିସ ଏ ନେଇ ସୂଚନା ଦେଇଛି। ଏହି ଦୁଇ ମହିଳା ତେଲଙ୍ଗାନା ରାଜ୍ୟର। ଏହି ଦୁଇ ମହିଳା ହେଲେ ଗରିଆ ମଣ୍ଡଳରେ ରହୁଥିବା ୨୫ ବର୍ଷୀୟା ପୁଲଖାନ୍ଦମ ମେଘନା ରାନୀ ଓ ମୁଲାକାନୁର ଗାଁର କାଦିୟାଲା ଭବନା। ମହାବୁବାବାଡ଼ା ଜିଲ୍ଲାରେ ଏହି ଦୁଇଟି ଗାଁ ଅବସ୍ଥିତ। ୩ ବର୍ଷ ତଳେ ଏହି ଦୁଇ ମହିଳା ମାଷ୍ଟର୍ସ ଡିଗ୍ରୀ ପାଇଁ ଆମେରିକା ଯାଇଥିଲେ। ସେ ପାଠ ପଢ଼ାର ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୋଇଥିଲେ ମଧ୍ୟ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଓ ଚାକିରି ଅନ୍ୱେଷଣରେ ଥିଲେ। ସାଙ୍ଗଙ୍କ ମେଳରେ ଯାତ୍ରା କରୁଥିବା ବେଳେ ଅଲାବାମା ହିଲ୍ସ ନିକଟରେ ବାଟବଣା ହେବା ସହ ଗାଡ଼ି ଉପରୁ ନୟନ୍ତ୍ରଣ ହରାଇଥିଲେ ଓ କାର୍ ରାସ୍ତାରୁ ଓଲଟି ପଡ଼ିବା ସହ ଗହୀର ଖାଇରେ ପଡ଼ିଥିଲା। ଏବେ ତେଲଙ୍ଗାନା ସରକାର ଜରୁରୀ ସହାୟତା ପାଇଁ ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟକୁ ନିବେଦନ କରିଛି। କାଲିଫର୍ଣ୍ଣିଆର ସ୍ଥାନୀୟ କର୍ତ୍ତୃପକ୍ଷ ଏହି ଦୁର୍ଘଟଣା ଜନିତ ମୃତ୍ୟୁ ନେଇ ତଦନ୍ତ ଆରମ୍ଭ କରିଛି।

# ମେକ୍ସିକୋରେ ଟ୍ରେନ୍ ଲାଇନଚ୍ୟୁତ୍; ୧୩ ମୃତ, ୯୮ ଆହତ

ମେକ୍ସିକୋ ସିଟି, ୨୯ ।୧୨(ଏଜେନ୍ସି): ଦକ୍ଷିଣ ମେକ୍ସିକୋରେ ଥିବା ରାଜ୍ୟ ଓଆକ୍ସାକାରେ ଏକ ଟ୍ରେନ୍ ଲାଇନଚ୍ୟୁତ ହେବା ପରେ ଏହାର ଇଞ୍ଜିନ ଓଲଟି ପଡ଼ିଥିଲା। ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଟ୍ରେନ୍‌ର ଅନେକ ବଗି ଓଲିଟି ପଡ଼ିଛି। ଏଥିରେ ୧୩ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ୯୮ ଜଣ ଆହତ ହୋଇଛନ୍ତି। ଟ୍ରେନ୍‌ଟି ମେକ୍ସିକୋ ଉପସାଗର ଓ ପ୍ରଶାନ୍ତ ମହାସାଗରକୁ ସଂଯୋଗ କରୁଥିବା ଏକ ନୂଆ ରୁଟ୍ ତଥା ରେଳପଥରେ ଯାତ୍ରା କରୁଥିଲା। ଏହି ରେଳପଥ ମେକ୍ସିକୋ ନୌସେନା ଦ୍ୱାରା ପରିଚାଳିତ। ମେକ୍ସିକୋ ନୌସେନା ଦେଇଥିବା ସୂଚନା ଅନୁଯାୟୀ, ଟ୍ରେନ୍‌ରେ ୯ ଜଣ କ୍ରୁ ସଦସ୍ୟଙ୍କ ସମେତ ୨୫୦ ଜଣ ଯାତ୍ରା କରୁଥିଲେ। ଚିଭେଲା ଓ ନିଜାଣ୍ଡୋ ସହର ମଧ୍ୟରେ ଏକ ମୋଡ଼ରେ ହିଁ ଦୁର୍ଘଟଣା ଘଟିଥିଲା। ଆହତମାନଙ୍କୁ ମଧ୍ୟରୁ ୩୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ୫ ଜଣଙ୍କ ଅବସ୍ଥା ଗୁରୁତର ଅଛି। ସେ ମୃତକଙ୍କ ପରବାରକୁ ସହାୟତା ପ୍ରଦାନ କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ପାଇବା ମାତ୍ରେ ସରକାରୀ ଏଜେନ୍ସିଗୁଡିକ ଆହତମାନଙ୍କୁ ସହାୟତା ପ୍ରଦାନ କରିବାକୁ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ୨୦୨୩ ଅର୍ଥାତ ଦୁଇବର୍ଷ ତଳେ ଏହି ଟ୍ରେନ ଲାଇନ୍ ଉଦ୍‌ଘାଟିତ ହୋଇଥିଲା।

# ଟାଟା-ଏର୍ଣ୍ଣାକୁଲମ ଏକ୍ସପ୍ରେସରେ ନିଆଁ ଜଳିଗଲା ଏସି କୋଚ୍, ଜଣେ ମୃତ

ବିଶାଖପାଟଣା, ୨୯ ।୧୨(ଏଜେନ୍ସି): ପୁଣି ରେଳ ଦୁର୍ଘଟଣା ଘଟିଛି। ଆନ୍ଧ୍ରପ୍ରଦେଶର ବିଶାଖପାଟଣାଠାରୁ ୬୬ କିମି ଦୂରରେ ଥିବା ୟେଲାମଞ୍ଚିଲିରେ ଟାଟାନଗର-



ଏର୍ଣ୍ଣାକୁଲମ ଏକ୍ସପ୍ରେସ ଟ୍ରେନ୍‌ର ଦୁଇଟି ବଗିରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଛି। ଏହି ଅଗ୍ନିକାଣ୍ଡରେ ଜଣେ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ, ରାତି ପ୍ରାୟ ୧୨.୪୫ରେ ଏହି ଟ୍ରେନ୍ ଆନ୍ଧ୍ରପ୍ରଦେଶର ଅନକାପାଲିର ୟେଲାମଞ୍ଚିଲି ରେଳ ଷ୍ଟେସନରେ ପହଞ୍ଚିବା ପରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ବେଳେ ଗୋଟିଏ ବଗିରେ ୮୨ ଜଣ ଓ ଅନ୍ୟଟିରେ ୭୬ ଜଣ ଯାତ୍ରୀ ଥିଲେ। ବି୧ ବଗିରୁ ପୁଲିସ ଜଣଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ୭୫ ବର୍ଷୀୟ ଚନ୍ଦ୍ରଶେଖର ସୁନ୍ଦରମ ବୋଲି ଚିହ୍ନଟ କରାଯାଇଛି। ପୋଡିଯାଇଥିବା ବଗିଗୁଡକ ଅଲଗା କରାଯାଇ ଟ୍ରେନ୍‌କୁ ଏର୍ଣ୍ଣାକୁଲମ ପଠାଯାଇଛି। ଯାତ୍ରୀମାନଙ୍କୁ ଅନ୍ୟ ଉପାୟରେ ସେମାନଙ୍କ ଗନ୍ତବ୍ୟସ୍ଥଳୀକୁ ପଠାଯିବାର ବ୍ୟବସ୍ଥା କରାଯାଇଛି।

ଦୁଇଟି ଫରେନସିକ ଦଳ ଅଗ୍ନିକାଣ୍ଡର ତଦନ୍ତ କରୁଛନ୍ତି ଓ କିପରି ନିଆଁ ଲାଗିଲ ସେ ନେଇ କାରଣ ଖୋଜୁଛନ୍ତି। ମିଳିଥିବା ସୂଚନା ଅନୁସାରେ ପ୍ରଥମେ ବି୧ କୋଚ୍‌ରେ ନିଆଁ ଲାଗିଥିଲା ଓ ପରେ ନିଆଁ ଏମ୍୨ ବଗିକୁ ବ୍ୟାପୀଯାଇଥିଲା। ଟ୍ରେନ୍‌ର ଏହି ଦୁଇଟି ଏସି ବଗି ଜଳିଯାଇଥିଲା। ଏଥିରୁ ଯାତ୍ରୀଙ୍କ ଜିନିଷପତ୍ର ମଧ୍ୟ ବାଦ୍ ପଡ଼ି ନଥିଲା। ଦୁଇଟି ଜଳିଯାଇଥିବା ବଗିକୁ ବାହାର କରିବା ପରେ ଟ୍ରେନ୍ ତା'ର ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଟ୍ରେନ୍‌ରେ ମୋଟ ୨ ହଜାରଯାତ୍ରୀ ଯାତ୍ରା କରୁଥିଲେ।

# ଏକାଠି ହେଲେ ଦୁଇ ପାୱାର

## ମିଳିତ ହୋଇ ଲଢ଼ିବେ ପୌର ନିର୍ବାଚନ

ମୁମ୍ବାଇ, ୨୯ ।୧୨(ଏଜେନ୍ସି): ଅଢ଼େଇ ବର୍ଷ ପରେ ପୁଣି ଏକାଠି ହୋଇଛନ୍ତି ଦାଦା ପୁତୁରା। ମହାରାଷ୍ଟ୍ର ରାଜନୀତିରେ ଦାଦା ପୁତୁରା ରୂପେ ପରିଚିତ ଏନସିପିର



ଶରଦ ପାୱାର ଏବଂ ଅଜିତ ପାୱାର ୨୦୨୩ରେ ଅଲଗା ହୋଇଯାଇଥିଲେ। ପୁତୁରା ଅଜିତ ପାୱାରଙ୍କ ଏନସିପିକୁ ଅସଲି ଏନସିପିର ମାନ୍ୟତା ଦେଇଥିଲେ ନିର୍ବାଚନ କମିସନ। ତାଙ୍କ ଦଳକୁ ଦାଦା ଶରଦଙ୍କ ଅନେକ ଅନୁଗତ ମଧ୍ୟ ପଳାଇଥିଲେ। ତେବେ ଆସନ୍ତା ବର୍ଷ ହେବାକୁ ଯାଉଥିବା ପୌର ନିର୍ବାଚନ ପାଇଁ ପୁଣି ଏକାଠି ହୋଇଛନ୍ତି ଦୁଇ ପାୱାର। ସେମାନେ ନିଜର ମତଭେଦ ସମାପ୍ତ କରି ଏନସିପି ଚିହ୍ନରେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ସେମାନେ ପିମ୍ପରି-ଚିଞ୍ଚୱାଡ୍ ପୌର ପରିଷଦ ନିର୍ବାଚନରେ ମିଳିତ ପ୍ରାର୍ଥୀ ଦେବେ ବୋଲି ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଏନସିପି ମୁଖ୍ୟ ଅଜିତ ପାୱାର। ସେ କହିଲେ ଯେ କାହାର ପ୍ରାର୍ଥୀ କେତେ ଆସନରେ ଲଢ଼ିବେ, ତାହା ଦୁଇ ଦିନ ଭିତରେ ସ୍ଥିର କରାଯିବ। ପରବର୍ତ୍ତୀ ସମୟରେ ଅନ୍ୟ ପୌର ସଂସ୍ଥା ପାଇଁ ମେଣ୍ଟ କରାଯିବ। ଏସଂପର୍କରେ ବିଚାର ଆଲୋଚନା ଚାଲିଛି ଏବଂ ଖୁବଶୀଘ୍ର ଚୂଡ଼ାନ୍ତ ରୂପ ନେବ। ଅଜିତ କାହିଲେ, 'ଆମେ ହେଉଛୁ ଚାଷୀ ପରିବାର। ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମେ ପୁଣି ଏକାଠି ହୋଇଛୁ।' ସେ କହିଲେ ଯେ ଖୁବଶୀଘ୍ର ପୁଣେ ପୌର ପରିଷଦ ନିର୍ବାଚନ ପାଇଁ ମିଳିତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ।

# ଯୁଦ୍ଧ ବନ୍ଦ ନେଇ ଟ୍ରମ୍ପ ଆଶାବାଦୀ



■ ଫ୍ଲୋରିଡାରେ ଟ୍ରମ୍ପ- ଜେଲେଁସ୍କି ଭେଟ
■ 'ସୁରକ୍ଷା ଗ୍ୟାରିଣ୍ଟି ନେଇ ଚୁକ୍ତି ଚୂଡାନ୍ତ'

ନୂଆଦିଲ୍ଲୀ, ୨୯ ।୧୨(ଏଜେନ୍ସି): ଦକ୍ଷିଣପୂର୍ବ ଆମେରିକୀୟ ରାଜ୍ୟ ଫ୍ଲୋରିଡାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କି ରବିବାର ମାର୍-ଏ- ଲାଗୋ ରିସର୍ଟରେ ବୈଠକରେ ମିଳିତ ହୋଇଛନ୍ତି। ୩ ଘଣ୍ଟା ଧରି ଏହି ବୈଠକ ଚାଲିଥିଲା। ବୈଠକରେ କୌଣସି ଅନ୍ତିମ ଫଳାଫଳ ବାହାରି ନଥିଲେ ମଧ୍ୟ ଏହାର ଭୂମିକା ନିର୍ଣ୍ଣାୟକ ଥିଲା। ଟ୍ରମ୍ପ କହିଛନ୍ତି ଯେ, ରୁଷିଆ ଓ ୟୁକ୍ରେନ ମଧ୍ୟରେ ଗତ ୪ ବର୍ଷ ଧରି ଚାଲିଥିବା ଯୁଦ୍ଧ ଶୀଘ୍ର ବନ୍ଦ ହେବାର ସମ୍ଭାବନା ରହିଛି। ତେବେ ଯୁଦ୍ଧ କେବେ ବନ୍ଦ ହେବ, ସେନେଇ କୌଣସି ସମୟସୀମା ନିର୍ଦ୍ଧାରିତ ହୋଇନାହିଁ। ଜେଲେଁସ୍କି ଯୁଦ୍ଧି ସମାପ୍ତି ପାଇଁ ଏକ ଚୁକ୍ତିରେ ପହଞ୍ଚିବା ନିକଟତର ହୋଇଛନ୍ତି। ଏହା ସତ୍ତ୍ୱେ ପୂର୍ବ ୟୁକ୍ରେନର ବିବାଦୀୟ ଡୋନବାସ ଅଞ୍ଚଳର ଭବିଷ୍ୟତ ଏବେ ମଧ୍ୟ ଏକ ଅସମାହିତ ପ୍ରସଙ୍ଗ ଭାବେ ରହିଛି। ଟ୍ରମ୍ପ ଓ ଜେଲେଁସ୍କି ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଓ ଡୋନବାସ ଅଞ୍ଚଳର ବିଭାଜନ ନେଇ ଅଗ୍ରଗତି ସମ୍ପର୍କରେ କଥା ହୋଇଥିଲେ। କିନ୍ତୁ ଏ ନେଇ ଚୁକ୍ତି ନେଇ କୌଣସି ଠୋସ ବିବରଣୀ କିମ୍ବା ସମୟସୀମା ପ୍ରଦାନ କରିନଥିଲେ। କିଛି ପ୍ରସଙ୍ଗ ଉପରେ ଆଲୋଚନା ହେବାକୁ ବାକି ଅଛି ଓ ଆଲୋଚନା ସଫଳ ହେବ କି ନା ତାହା କିଛି ସପ୍ତାହ ମଧ୍ୟରେ ସ୍ପଷ୍ଟ ହୋଇଯିବ। ସେପଟେ ଜେଲେଁସ୍କି କହିଛନ୍ତି ଯେ, ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଉପରେ ଚୁକ୍ତି ହୋଇଛି। ଟ୍ରମ୍ପ କହିଛନ୍ତି ଯେ, ଚୁକ୍ତି ନେଇ ୯୫ ପ୍ରତିଶତ ସହମତି ହୋଇଛି ଏବଂ ୟୁରୋପୀୟ ଦେଶଗୁଡିକ ଆମେରିକାର ସମର୍ଥନ ଓ ସହଯୋଗ ସହିତ ଏହି ପ୍ରୟାସର ବଡ଼ ଭୂମିକା ଗ୍ରହଣ କରିବା ସହ ପ୍ରୟାସର ପ୍ରମୁଖ ଅଂଶ ରହିବେ। ଉଲ୍ଲେଖଥାଉ କି, ଡୋନବାସ ଅଞ୍ଚଳକୁ ନେଇ ରୁଷି ଓ ୟୁକ୍ରେନ ମଧ୍ୟରେ ବିବାଦ ଜାରି ରହିଛି। ରୁଷ ପୂରା ଡୋନବାସ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେବାକୁ ଚାହୁଁଥିବା ବେଳେ ୟୁକ୍ରେନ ଏହାକୁ ଛାଡ଼ିବାକୁ ରାଜି ନୁହେଁ। ଡୋନବାର ଭବିଷ୍ୟତ ଏବେ ସ୍ଥିର ହୋଇନାହିଁ। କିନ୍ତୁ ଆଲୋଚନା ଠିକ୍ ଦିଗରେ ଯାଉଛି ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ପ୍ରସ୍ତାବ ଦେଇଛି ଯେ, ଯଦି ୟୁକ୍ରେନ ଡୋନ୍‌ବାସକୁ ଛାଡିଦିଏ ତେବେ, ଏକ ମୁକ୍ତ ଅର୍ଥନୈତିକ ଅଞ୍ଚଳରେ ପରିଣତ ହୋଇପାରେ। ଏହା ଏକ ବହୁତ କଷ୍ଟକର ପ୍ରସଙ୍ଗ ହୋଇଥିଲେ ମଧ୍ୟ ସାମାଧାନ ଦିଗରେ ଅଗ୍ରସର ହୋଇଛୁ ବୋଲି ଟ୍ରମ୍ପ କହିଛନ୍ତି।


ଏହିକ୍ରମରେ ଟ୍ରମ୍ପ ଜେଲେଁସ୍କିଙ୍କୁ ଜଣେ ସାହସୀ ବ୍ୟକ୍ତି ଓ ତାଙ୍କ ଲୋକଙ୍କୁ ସାହାସୀ ବୋଲି କହିଥିଲେ। ଏଥିପାଇଁ ଜେଲେଁସ୍କି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଥିଲେ। ଏପର୍ଯ୍ୟନ୍ତ ବିଶ୍ୱରେ ୮ଟି ଯୁଦ୍ଧକୁ ରୋକିବାରେ ସଫଳ ହୋଇଛି। କିନ୍ତୁ ରୁଷ- ୟୁକ୍ରେନ ଯୁଦ୍ଧ ରୋକିବା ସବୁଠାରୁ କଷ୍ଟକର ବୋଲି ଟ୍ରମ୍ପ ସ୍ୱୀକାର କରିଛନ୍ତି। ଜେଲେଁସ୍କିଙ୍କ ସହ କଥା ହେବା ପୂର୍ବରୁ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥା ହୋଇଥିଲେ। ଉଲ୍ଲେଖଥାଉ କି, ରୁଷ ଓ ୟୁକ୍ରେନ ମଧ୍ୟରେ ୨୦୨୨ ଫେବୃଆରୀରେ ଆରମ୍ଭ ହୋଇଥିଲା।

# ତାଇୱାନକୁ ପାଞ୍ଚ ପଟୁ ଘେରିଲା ଚୀନ୍

ତାଇୱାନ ମଧ୍ୟ ପ୍ରତି-ଯୁଦ୍ଧ ଅଭ୍ୟାସ ଆରମ୍ଭ କଲା, ତିନି ସେନା ସଜାଗ

ବେଜିଂ/ତାଇପେ, ୨୯ ।୧୨(ଏଜେନ୍ସି): ଚୀନ୍ ତାଇୱାନକୁ ୫ ପଟୁ ଘେରିବା ଆରମ୍ଭ କରିବା ସହ ବଡ଼ ଧରଣର ସୈନ୍ୟ ଅଭ୍ୟାସ ଆରମ୍ଭ କରିଛି। ଚୀନ ସେନା ତାଇୱାନର ଉତ୍ତର, ଉତ୍ତରପୂର୍ବ, ପଶ୍ଚିମ, ଦକ୍ଷିଣ ଓ ପୂର୍ବ ଉପକୂଳରେ ଲାଇଭ-ଫାୟାର ଡ୍ରିଲ ଆରମ୍ଭ କରିଛି। ଚୀନର ଏହି ଆକ୍ରମଣାତ୍ମକ ଆଭିମୁଖ୍ୟ ଜବାବ ଦେବାକୁ ତାଇୱାନ ମଧ୍ୟ ପ୍ରତି-ଯୁଦ୍ଧ ଅଭ୍ୟାସ ଆରମ୍ଭ କରିଛି। ତାଇୱାନ ସ୍ଥଳ ସେନା, ନୌସେନା ଓ ବାୟୁସେନାକୁ ସଜାଗ କରିଛି। ଏ ନେଇ ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି। ଚୀନର କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି। ସେନା ମୁତୟନ କରିବା ସହ ତାଇୱାନ ମଧ୍ୟ ଯୁଦ୍ଧ ଅଭ୍ୟାସ ଆରମ୍ଭ କରିଛି। ଚୀନ୍ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ନଷ୍ଟ କରୁଛି ବୋଲି ତାଇୱାନ ଅଭିଯୋଗ କରିଛି। ତାଇୱାନ ତଟରକ୍ଷୀ ବାହିନୀ ଅନୁଯାୟୀ ଚୀନ୍‌ର ସାମରିକ ଅଭ୍ୟାସ ଜାହାଜର ଗତିବିଧି ଓ ମତ୍ସ୍ୟଜୀବୀଙ୍କ ସୁରକ୍ଷାପ୍ରତି ବିପଦ ସୃଷ୍ଟି କରିଛି। ଚୀନର ପିପୁଲ୍ସ ଲିବେରସନ ଆର୍ମି (ପିଏଲ୍‌ଏ) ଅନୁଯାୟୀ ନୌସେନା, ବାୟୁସେନା ଓ ରକେଟ ଫୋର୍ସ ଏହି ଅଭ୍ୟାସରେ ଏକାଠି ହୋଇଛନ୍ତି। ଯୁଦ୍ଧ ଜାହଜ, ଲଢୁଆ ବିମାନ, ବୋମାମାଡ଼କାରୀ ବାହିନୀ, ଡ୍ରୋନ୍ ଓ ଦୂରଗାମୀ କ୍ଷେପଣାସ୍ତ୍ର ଅଭ୍ୟାସରେ ବ୍ୟବହୃତ ହୋଇଛି। ଏହି ସାମିରିକ ଅଭିଯାନକୁ 'ନ୍ୟାୟ ମିଶନ ୨୦୨୫' ନାମ ଦିଆଯାଇଛି। ଚୀନର ଏହି ଅଭ୍ୟାସ ପୂର୍ବାପେକ୍ଷା ବଡ଼ ଓ ତାଇୱାନର ଅତି ନିକଟରେ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଚୀନ ତାଇୱାନକୁ ନିଜର ଏକ ଅଂଶ ବୋଲି ବିବେଚନା କରୁଛି। ତେଣୁ ଏହି ବିବାଦ ସୃଷ୍ଟି ହୋଇଛି। ଚୀନ୍‌ର ଏହି ଯୁଦ୍ଧଭ୍ୟାସ ପାଇଁ ଆମେରିକା ଓ ତାଇୱାନ ମଧ୍ୟରେ ଅସ୍ତ୍ରଶସ୍ତ୍ର ଚୁକ୍ତି ହୋଇଛି। ଆମେରିକା ତାଇୱାନକୁ ୧୧.୧ ବିଲିଅନ ଡଲାରର ଅସ୍ତ୍ରଶସ୍ତ୍ର ବିକ୍ରି କରିବ ବୋଲି ଘୋଷଣା କରିଛି।

# ମେକ୍‌ଅପ୍ ଦ୍ୱାରା ଟ୍ରମ୍ପ ଲୁଚାଉଛନ୍ତି କି ରୋଗ?



ଫ୍ଲୋରିଡା, ୨୯ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କିଙ୍କ ମଧ୍ୟରେ ହୋଇଥିବା ବୈଠକର ନିଷ୍କର୍ଷ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲୁଥିବା ବେଳେ ଟ୍ରମ୍ପଙ୍କ ହାତରେ ଥିବା ମେକଅପ୍‌କୁ ନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ମେକ୍‌ଅପ୍ କରି ଟ୍ରମ୍ପ ନିଜ ହାତରେ ଥିବା ଏକ ଚିହ୍ନ ଅର୍ଥାତ କୌଣସି ରୋଗକୁ ଛୁପାଇବାକୁ ପ୍ରୟାସ କରୁଛନ୍ତି ବୋଲି କୁହାଯାଇଛି। ବୈଠକ ଅବସରରେ ଟ୍ରମ୍ପଙ୍କ ଡାହାଣ ହାତରେ ସ୍ପଷ୍ଟ ଭାବେ ମେକ୍‌ଅପ ଦେଖିବାକୁ ମିଳିଥିଲା। ଏ ନେଇ ହ୍ୱାଇଟହାଉସ୍ ତରଫରୁ ସ୍ପଷ୍ଟୀକରଣ ଦିଆଯାଇଛି। ଟ୍ରମ୍ପ ବହୁ ଲୋକଙ୍କୁ ଭେଟୁଛନ୍ତି ଓ ଲଗାତର ସେମାନଙ୍କ ସହ ହାତ ମିଳାଉଛନ୍ତି। ଏହି କାରଣରୁ ହାତରେ ଏଭଳି ଚିହ୍ନ ସୃଷ୍ଟି ହୋଇଛି ବୋଲି ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲିନ ଲେଭିଟ କହିଛନ୍ତି। ୭୯ ବର୍ଷୀୟ ଟ୍ରମ୍ପ ପ୍ରତିଦିନ ଶହଶହ ଲୋକଙ୍କ ସହ ହାତ ମିଳାଉଛନ୍ତି ଓ ଏହି କାରଣରୁ ତାଙ୍କ ହାତର କୋମଳ ତ୍ୱଚାରେ ଚିହ୍ନ ସୃଷ୍ଟି ହୋଇଛି ବୋଲି ଡାକ୍ତରମାନେ କହିଛନ୍ତି। ପୁଣି ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଟ୍ରମ୍ପ ଔଷଧ ସେବନ କରୁଛନ୍ତି। ଫଳରେ ତାଙ୍କ ରକ୍ତ ପତଳା ହୋଉଛି ଓ ସାମାନ୍ୟ ରଗଡ଼ି ହେଲେ ଚର୍ମରେ ଚିହ୍ନ ସୃଷ୍ଟି ହେଉଛି ବୋଲି ଲେଭିଟ୍ କହିଛନ୍ତି। କିନ୍ତୁ ଟ୍ରମ୍ପ ଏକ ଗମ୍ଭୀର ରୋଗ ଲୁଚାଉଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ପୂର୍ବରୁ ଗତ ଫେବୃଆରୀରେ ମଧ ଟ୍ରମ୍ପଙ୍କ ହାତରେ ଏକ କଳା-ନୀଳ ଚିହ୍ନ ଦେଖିବାକୁ ମିଳିଥିଲା। ତେବେ ଟ୍ରମ୍ପ ସବୁଥର ଏହି ଚର୍ଚ୍ଚାକୁ ଅଣଦେଖା କରିଛନ୍ତି।

# ଦିଲ୍ଲୀକୁ ଅଚଳ କଲା ଘନ କୁହୁଡ଼ି
# ୧୨୦ରୁ ଅଧିକ ବିମାନ ଉଡ଼ାଣ ବାତିଲ, ୨୦୦ ବିଳମ୍ବିତ

ନୂଆଦିଲ୍ଲୀ, ୨୯ ।୧୨(ଏଜେନ୍ସି): ସାରା ଭାରତରେ ଅସହ୍ୟ ଶୀତ ଅନୁଭୂତ ହେଉଛି। ହାଡ଼ଭଙ୍ଗା ଶୀତ ଓ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଏହାର ପ୍ରଭାବରେ ଦିଲ୍ଲୀରେ ଅଚଳ ହେବା ଭଳି ସ୍ଥିତି ସୃଷ୍ଟି ହୋଇଛି। ସୋମବାର ଏଠାରେ ବିମାନ, ରେଳ ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଛି। କୁହୁଡ଼ି ଛାଇ ରହିଥିବାରୁ ଶହ ଶହ ବିମାନ ଉଡାଣ ବାତିଲ ଏବଂ ବିଳମ୍ବିତ ରହିଛି। ଟ୍ରେନ୍ ନିର୍ଦ୍ଧାରିତ ସମୟରୁ ଘଣ୍ଟା ଘଣ୍ଟା ବିଳମ୍ବରେ ଚାଲୁଛି। ଫଳରେ ଯାତ୍ରୀମାନେ ଷ୍ଟେସନ ଏବଂ ବିମାନବନ୍ଦରରେ ଫସି ରହି ହନ୍ତସନ୍ତ ହେଉଛନ୍ତି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦରରେ ଅତିକମ୍‌ରେ ୧୨୮ ବିମାନ ଉଡାଣ (୬୪ ପ୍ରସ୍ଥାନ, ୬୪ ଆଗମନ) ବାତିଲ କରାଯାଇଥିଲା। ଦୃଶ୍ୟମାନ କ୍ଷମତା ହ୍ରାସ ପାଇବା କାରଣରୁ ୮ଟି ଉଡାଣକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା।

ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟଟ୍ରେଡର୨୪ ଅନୁଯାୟୀ, ପ୍ରାୟ ୨୦୦ ବିମାନ ବିଳମ୍ବିତ ହୋଇଥିଲା ଓ ୨୪ ମିନିଟ ବିଳମ୍ବରେ ଉଡ଼ାଣ ଭରିଥିଲା। ବିମାନବନ୍ଦର ଦୃଶ୍ୟମାନ କ୍ଷମତା୫୦ମିଟର ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଫଳରେ ସିଏଟି୩ ଭଳି ସ୍ଥିତି କାର୍ଯ୍ୟ ଜାରି ରଖିବାକୁ ପଡ଼ିଥିଲା। ଘନ କୁହୁଡ଼ି ସମୟରେ ଏହା ବ୍ୟବହୃତ ଏକ ଉନ୍ନତ ଅବତରଣ ବ୍ୟବସ୍ଥା। ସୋମବାର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଅତିକ୍ରମ କରିଥିଲା ଓ ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ ବୋଲି ସୂଚିତ କରିଥିଲା। ଖରାପ ପାଗ ଯୋଗୁଁ ଇଣ୍ଡିଗୋ ଏୟାର ଲାଇନ୍ସ ତା'ର ୮୦ ଉଡାଣକୁ ବାତିଲ କରିଛି। ଏଥିରୁ ପ୍ରାୟ ଅଧା ଦିଲ୍ଲୀରେ ବାତିଲ ହୋଇଛି। କୁହୁଡି ଯୋଗୁଁ ପ୍ରଭାବିତ ହୋଇଥିବା ଅନ୍ୟ ବିମାନବନ୍ଦରଗୁଡିକ ହେଲା ମୁମ୍ବଇ, ବେଙ୍ଗାଲୁରୁ, କୋଚି, ହାଇଦରାବାଦ, କୋଲକାତା, ଅମୃତସର, ଚଣ୍ଡିଗଡ଼, ଜୟପୁର, ଡେରାଡୁନ, ଇନ୍ଦୋର, ପାଟନା ଓ ଭୋପାଳ। ତେବେ ଏୟାର ଲାଇନ୍ସଗୁଡିକ ବାତିଲ ହୋଇଥିବା ବିମାନ ସଂଖ୍ୟା ନେଇ କୌଣସି ସୂଚନା ଦେଇନାହାନ୍ତି।

କୁହୁଡ଼ି କାରଣରୁ ରେଳ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ସେପଟେ ପ୍ରବଳ ଥଣ୍ଡା ଯୋଗୁଁ ଉତ୍ତର ପ୍ରଦେଶରେ ଜାନୁଆରୀ ୧ ପର୍ଯ୍ୟନ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଇଁ ଛୁଟି ଘୋଷଣା କରିଛନ୍ତି। ରାଜ୍ୟର ୧୮ଟି ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ଶୂନ ଥିଲା। ରାଜସ୍ଥାନର ଅନେକ ସହରରେ ତାପମାତ୍ର ଏକକ ସଂଖ୍ୟାରେ ପହଞ୍ଚିଛି। ଉତ୍ତରାଖଣ୍ଡର ଉପର ଭାଗ ପାଇଁ ପାଣିପାଗ ବିଭାଗ ତୁଷାରପାତ ସତର୍କତା ଜାରି କରିଛି। ଜମ୍ମୁ-କଶ୍ମୀର, ଦିଲ୍ଲୀ, ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ, ବିହାର, ଝାଡଖଣ୍ଡ, ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଜାନୁଆରୀ ୨ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି କୁହାଯାଇଛି।

# ଡେରାଡୁନ୍‌ରେ ତ୍ରିପୁରା ଯୁବକଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରି ହତ୍ୟା



ଡେରାଡୁନ୍, ୨୯ ।୧୨(ଏଜେନ୍ସି): ଉତ୍ତରାଖଣ୍ଡର ଡେରାଡୁନ୍‌ରେ ତ୍ରିପୁରାର ଜଣେ ଯୁବକଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯିବା ସହ ନିର୍ମମ ଭାବେ ହତ୍ୟା କରାଯାଇଛି। ଡିସେମ୍ବର ୯ରେ ୨୪ ବର୍ଷୀୟ ଛାତ୍ର ଆଞ୍ଜେଲ ଚକ୍‌ମାଙ୍କୁ କିଛି ଯୁବକ ଚାଇନିଜ, ମୋମୋ, ଚିଙ୍କି ଓ ନେପାଳୀ ବୋଲି କହି ଆକ୍ରମଣ କରିଥିଲେ। ସେତେବେଳେ ଆଞ୍ଜେଲ ଓ ତାଙ୍କ ସାନ ଭାଇ ମାଇକେଲ ବଜାରକୁ ଜିନିଷପତ୍ର କ୍ରୟ କରିବାକୁ ଯାଇଥିଲେ। ମଦ୍ୟପାନ କରି ନିଶାରେ ଥିବା କେତେଜଣ ଯୁବକ ଦୁଇ ଭାଇଙ୍କ ଚେହେରା ଓ ଚାହାଣୀକୁ ଦେଖି ଆପତ୍ତିଜନକ ବ୍ୟବହାର କରିଥିଲେ। ଆଞ୍ଜେଲ କିନ୍ତୁ ଏହାକୁ ବିରୋଧ କରିଥିଲେ ଓ ଆମକୁ ଭାରତୀୟ ବୋଲି ପ୍ରମାଣ କରିବାକୁ କେଉଁ ପ୍ରମାଣପତ୍ର ଦେବାକୁ ହେବ ବୋଲି ପ୍ରଶ୍ନ ପଚାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକମାନେ ତାଙ୍କୁ ଛୁରୀ ଓ ଲୁହା ରଡ୍‌ରେ ନିର୍ମମ ଭାବେ ଆକ୍ରମଣ କରିଥିଲେ। ଏଥିରେ ଆଞ୍ଜେଲଙ୍କ ମୁଣ୍ଡ, ବେକ, ମେରୁଦଣ୍ଡ ହାଡ଼ରେ ଗଭୀର ଆଘାତ ଲାଗିଥିଲା। ୧୭ ଦିନ ଧରି ଆଇସିୟୁରେ ଚିକିତ୍ସିତ ହେବା ପରେ ସେ ଡିସେମ୍ବର ୨୬ରେ ମୃତ୍ୟୁବରଣ କରିଥିଲେ। ଏବେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି। ପୁଲିସ ଏହି ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ କାଣ୍ଡ ଘଟାଇ ନେପାଳ ଫେରାର ହୋଇଯାଇଛି। ପୁଲିସ ତା ଉପରେ ୨୫, ୦୦୦ ଟଙ୍କାର ପୁରସ୍କାର ଘୋଷଣା କରିଛି। ଏହି ଘଟଣାକୁ ନେଇ ପୂରା ଉତ୍ତରପୂର୍ବ ଭାରତ, ଖାସ କରି ତ୍ରିପୁରାରେ ଜବରଦସ୍ତ ଆକ୍ରୋଶ ଦେଖିବାକୁ ମିଳିଛି। ଏହାକୁ ବିରୋଧ କରି ଶୋଭା ଯାତ୍ର ଓ କ୍ୟାଣ୍ଡଲ ମାର୍ଚ୍ଚ ବାହାର କରାଯାଇଛି।

# ଚରମପନ୍ଥୀଙ୍କ କବ୍‌ଜାରେ ବାଂଲାଦେଶ
# ୟୁନୁସ୍ ଅସହାୟ କାହିଁକି?



■ ହିନ୍ଦୁଙ୍କ ୫ ଘର ଜାଳିଦେଲେ
■ ୬ ମାସରେ ସଂଖ୍ୟାଲଘୁଙ୍କ ଉପରେ ୭୧ ଆକ୍ରମଣ

ଢାକା, ୨୯।୧୨ (ଏଜେନ୍ସି): ପରାଜୟ ଭୟରେ ବାଂଲାଦେଶରେ ସାଧାରଣ ନିର୍ବାଚନୀ ଘୁଞ୍ଚାଇବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଷଡ଼ଯନ୍ତ୍ର କରି ହିଂସାକୁ ପ୍ରୋତ୍ସାହନ ଦେଉଛନ୍ତି। ଏବେ ସମଗ୍ର ବାଂଲାଦେଶ ଚରମପନ୍ଥୀଙ୍କ କବଜାରେ। ସେମାନେ ମନଇଛା ହିଂସା ଘଟାଇ ଚାଲିଛନ୍ତି। କିନ୍ତୁ ୟୁନୁସ ସରକାର ଚୁପ୍ ବସିଛି। ସେମାନଙ୍କୁ ନିୟନ୍ତ୍ରଣ କରିବା ଲାଗି ଠୋସ ପଦକ୍ଷେପ ନେଉନାହିଁ। କେବଳ ବିରୋଧୀ ଏବଂ ବିଶେଷ କରି ବିତାଡ଼ିତ ପ୍ରଧାନମନ୍ତ୍ରୀ ହସିନାଙ୍କ ସମର୍ଥକ ନୁହନ୍ତି, ହିନ୍ଦୁ ସଂପ୍ରଦାୟର ଲୋକଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି ଚରମପନ୍ଥୀ। ଆକ୍ରମଣର ଖବର ମିଳିବା ସତ୍ତ୍ୱେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ହାତ ବାନ୍ଧି ବସି ରହିଛି। ତେଣୁ ଚରମପନ୍ଥୀ କ୍ରମାଗତ ଭାବେ ହିଂସା ଘଟାଇ ଚାଲିଛନ୍ତି। ଦୀପୁ ଚନ୍ଦ୍ର ଦାସଙ୍କୁ ହତ୍ୟା କରିବା ପରଠାରୁ ସମାନେ ଅନେକ ଘର ଉପରେ ଆକ୍ରମଣ କରୁଛନ୍ତି। ଏବେ ହିନ୍ଦୁ ପରିବାରର ଆଉ ୫ଟି ଘରେ ନିଆଁ ଲଗାଇ ଦିଆଯାଇଥିବାର ଖବର ମିଳିଛି। ଗତ ୨୭ ତାରିଖରେ ପିରୋଜପୁର ଜିଲ୍ଲା ଦମ୍ରିତାଲା ଗ୍ରାମରେ ଏହି ଘଟଣା ଘଟିଥିଲା ବୋଲି କୁହାଯାଉଛି।

ପରିବାର ସଦସ୍ୟଙ୍କ ଅନୁଯାୟୀ, ସମସ୍ତେ ଘରେ ଭିତରେ ଥିବାବେଳେ ବାହାର ପଟୁ ବନ୍ଦ କରି ନିଆଁ ଲଗାଇ ଦେଇଥିଲେ। ଏହା ଜାଣିବା ପରେ ଜୀବନ ବଞ୍ଚାଇବା ପାଇଁ ସେମାନେ ଏହି ମାମଲାରେ ସ୍ଥାନୀୟ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଅଧିକାରୀଙ୍କ କହିବା ଅନୁଯାୟୀ, ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ତେବେ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆକ୍ରମଣକାରୀ ଏକ ପ୍ରକୋଷ୍ଠରେ କପଡ଼ା ଭର୍ତ୍ତି କରି ନିଆଁ ଲଗାଇ ଦେଇଥିଲେ। ଏହାଦ୍ୱାରା ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି।

ବାଂଲାଦେଶରେ ସଂଖ୍ୟାଲଘୁଙ୍କ ପାଇଁ କାମ କରୁଥିବା ସଂଗଠନ ହ୍ୟୁମାନ୍ ରାଇଟ୍ସ କଂଗ୍ରେସ ଫର୍ ବାଂଲାଦେଶ ମାଇନୋରିଟିଜ୍ (ଏଚଆରସିବିଏଲ) ପକ୍ଷରୁ କୁହାଯାଇଛି ଯେ ପ୍ରତ୍ୟେକ ଆକ୍ରମଣରେ ସମାନ ରଣନୀତି ବ୍ୟବହାର କରାଯାଉଛି। ବାଂଲାଦେଶର ୩୦ରୁ ଅଧିକ ଜିଲ୍ଲାରେ ଏଭଳି ହିଂସା ଘଟୁଛି। ଚଳିତ ବର୍ଷ ଜୁନରୁ ଡିସେମ୍ବର ମଧ୍ୟରେ ଏପରି ଅତି କମରେ ୭୧ଟି ମାମଲା ପଞ୍ଜିକୃତ ହୋଇଛି।

# ଏଆଇର ଆଧିପତ୍ୟ

ସାରା ବିଶ୍ୱରେ ବର୍ତ୍ତମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଦବ୍‌ଦବା। ଏଆଇକୁ ନେଇ ଅନେକ ସମ୍ଭାବନା ରହିଥିବାବେଳେ ବିପଦ ବି କିଛି କମ୍ ନାହିଁ। ୨୦୨୬ରେ ସମସ୍ତଙ୍କ ନଜର ଏହି ନୂଆ ଟେକ୍ନୋଲୋଜି ଉପରେ ରହିବ। ବର୍ଷ ୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଅଶାନ୍ତର ବର୍ଷ ହେବାକୁ ଥିବାବେଳେ ଦେଶର ଅର୍ଥନୀତି କେତେକାଂଶରେ ଭଲ ରହିବ ବୋଲି ଆକଳନ କରାଯାଉଛି। ହେଲେ ଟାରିଫ୍ ପ୍ରସଙ୍ଗ ଭାରତର ପିଛା ଛାଡ଼ିବନି। ନୂଆ ବର୍ଷରେ ସୁନା, ରୁପାର ଚମକ ଆହୁରି ବଢ଼ିବାକୁ ଥିବାବେଳେ ଭାରତୀୟ ମୁଦ୍ରା ଟଙ୍କା ୨୦୨୫ ତୁଳନାରେ ଅଧିକ ଦୁର୍ବଳ ହେବା ସହ ବଜାର ଦର ମହଙ୍ଗା ରହିବ।

ବର୍ଷ ୨୦୨୬ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଦ୍ରୁତ ଗତିରେ ବୃଦ୍ଧି ପାଇବ। ତେଣୁ, ଏଥିପାଇଁ ସମସ୍ତଙ୍କୁ ଅପଡେଟ୍ ରହିବାକୁ ପଡ଼ିବ। ଏଆଇ ସହିତ ତାଳ ଦେଇ ଚାଲିବାକୁ ହେଲେ, ନୂତନ ଦକ୍ଷତା ଶିଖିବାକୁ ପଡ଼ିବ। ଯେଉଁମାନେ ସମୟ ସହିତ ଖାପ ଖୁଆଇବେ କେବଳ ସେମାନେ ଏଆଇର ଏହି ନୂତନ ଯୁଗରୁ ଲାଭ ପାଇବେ। ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍)ର 'ଜବ୍ ଫ୍ୟୁଚର ରିପୋର୍ଟ ୨୦୨୫' ଅନୁଯାୟୀ, ୨୦୩୦ ସୁଦ୍ଧା ବିଶ୍ୱ ଜନସଂଖ୍ୟାର ୩୮% ଲୋକଙ୍କୁ ସମୟ ସହିତ ତାଳ ଦେବା ପାଇଁ ସେମାନଙ୍କର ଦକ୍ଷତାକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିବାକୁ ପଡ଼ିବ। ଏହାର ଅର୍ଥ ହେଉଛି ଯଦି ଆପଣ ଏଆଇ ସହିତ ତାଳ ଦେଇ ଚାଲିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ପୁରୁଣା ପଦ୍ଧତିଗୁଡ଼ିକୁ ପରିତ୍ୟାଗ କରି ନୂତନ ଶିକ୍ଷା ଲାଭ କରିବାକୁ ପଡ଼ିବ।





## ଦୁର୍ବଳ କରୁଛି ମସ୍ତିଷ୍କ

ପ୍ରାୟ ସବୁ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ଦ୍ରୁତଗତିରେ ବଢ଼ିଚାଲିଛି। ସୃଜନଶୀଳତା ହେଉ କିମ୍ବା ଟେକ୍ନୋଲୋଜି, କଷ୍ଟରୁ କଷ୍ଟକର ପ୍ରଶ୍ନର ଉତ୍ତର ଏଆଇ ମାତ୍ର କିଛି ସେକେଣ୍ଡରେ ଦେବାକୁ ସକ୍ଷମ। ଏହାର ବ୍ୟବହାରରେ ମଣିଷ ନିଜର ଉଭୟ ସମୟ ଏବଂ ଶକ୍ତି ବଞ୍ଚାଇବାରେ ସଫଳ ହେଉଛି କିନ୍ତୁ ଗଭୀରତାର ସହ ବିଶ୍ଳେଷଣ କଲେ ଏଆଇର ବ୍ୟବହାର ମଣିଷର ସୃଜନଶୀଳତା ହ୍ରାସ କରିବା ସହ ମସ୍ତିଷ୍କର ଉପଯୋଗ ମଧ୍ୟ କମାଉଛି। ଯଦି ପ୍ରତ୍ୟେକ କ୍ଷେତ୍ରରେ ମଣିଷ ମୁଣ୍ଡ ନ ଖଟାଇ ଏଆଇ ଦ୍ୱାରା କାମ ହାସଲ କରେ, ତେବେ ଧୀରେ ଧୀରେ ଆମ ମସ୍ତିଷ୍କ ଦୁର୍ବଳ ହେବାର ଆଶଙ୍କା ରହିଥିବା ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଏକ ଅଧ୍ୟୟନରେ ଜଣାପଡ଼ିଛି ଯେ, ଯଦି ଲୋକେ ଏଆଇ ଉପରେ ଆବଶ୍ୟକତାଠାରୁ ଅଧିକ ନିର୍ଭର କରନ୍ତି, ତେବେ ସେମାନଙ୍କ ସମସ୍ୟା ସମାଧାନ କରିବା ଦକ୍ଷତା ଦୁର୍ବଳ ହୋଇପାରେ।




## ଇତିହାସ ରଚିବ ସୁନା, ରୁପା ଦର

ବିଶ୍ୱ ସହ ଘରୋଇ ବଜାରରେ ସୁନା ଓ ରୁପା ମୂଲ୍ୟ ୨୦୨୫ରେ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ସୁନା ୧୦ ଗ୍ରାମ ପିଛା ଦେଢ଼ ଲକ୍ଷ ଟଙ୍କା ଛୁଇଁବାକୁ ବସିଥିବାବେଳେ ରୁପା କିଲୋଗ୍ରାମ ପିଛା ୩ ଲକ୍ଷ ଟଙ୍କା ଆଡ଼କୁ ମୁହାଁଉଛି। ଏଥିରେ କୌତୂହଳର ବିଷୟ ହେଉଛି ବିଶ୍ୱ ସ୍ତରରେ ଅନିଶ୍ଚିତତା ମଧ୍ୟରେ ରୁପା ଚଳିତ ବର୍ଷ ଲାଭ ଦୃଷ୍ଟିରୁ ସୁନା ଏବଂ ସେୟାର ବଜାର ପରି ପାରମ୍ପରିକ ନିବେଶ ବିକଳ୍ପଗୁଡ଼ିକୁ ପଛରେ ପକାଇଦେଇଛି। ୨୦୨୬ରେ ଉଭୟ ସୁନା ଓ ରୁପା ଦର ଆହୁରି ବଢ଼ିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ତେବେ ୨୦୨୫ରେ ସୁନା ଓ ରୁପା ମୂଲ୍ୟ ଯେଉଁଗତିରେ ବୃଦ୍ଧି ଘଟିଛି, ତାହା ବଜାର ଆକଳନଠାରୁ ବହୁ ଆଗରେ ରହିଛି। ତେଣୁ ୨୦୨୬ରେ ସୁନା ଓ ରୁପା ଦର କେଉଁ ସ୍ତରରେ ପହଞ୍ଚିବ ତାହା ଏବେ ସମସ୍ତଙ୍କ ଆକଳନ ବାହାରେ।

## ଏଆଇର ବିକାଶ ମନ୍ଥର ହୋଇପାରେ

ବିଶ୍ୱବ୍ୟାପୀ ଡାଟା ସେଣ୍ଟର ନିର୍ମାଣ ବିରୋଧରେ ଲୋକମାନେ ପ୍ରତିବାଦ କରୁଛନ୍ତି। ଆମେରିକାରେ, ଲୋକମାନେ ଏହାର ପ୍ରତିବାଦ କରିବା ପାଇଁ ସୋସିଆଲ ମିଡିଆରେ ଗ୍ରୁପ ଗଠନ କରୁଛନ୍ତି। ଚୀନ୍ ଏବଂ ରୁଷ ଭଳି ଦେଶ ଆମେରିକାରେ ଡାଟା ସେଣ୍ଟର ନିର୍ମାଣକୁ ବନ୍ଦ କରିବା ପାଇଁ ଭୁଲ ସୂଚନା ପ୍ରସାର କରିବାରେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଚୀନ୍ ଏବଂ ରୁଷ ଲାଭ ପାଇବେ। କାରଣ ସେମାନେ ନିଜେ ଏଆଇରେ ଅଗ୍ରଗତି ହାସଲ କରିବାକୁ ଚାହାଁନ୍ତି। ଏପରି ପ୍ରୟାସ ଏଆଇ ବିକାଶକୁ ମନ୍ଥର କରିପାରେ ଏବଂ ଅନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ବୃଦ୍ଧି କରିପାରେ।






## ୨୦୨୬ରେ ଏଆଇ ମଣିଷ ପାଇଁ ସବୁଠାରୁ ବଡ଼ ବିପଦ

ବର୍ଷ ୨୦୨୬ରେ ଏଆଇ ମନୁଷ୍ୟ ଜୀବନରେ ଏକ ବଡ଼ ମୋଡ଼ ଆଣିବ। ଏଆଇ ମଣିଷ ଜୀବନକୁ ସହଜ କରିବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ, ୨୦୨୬ରେ ଏହା ମନୁଷ୍ୟ ପାଇଁ ସବୁଠାରୁ ବିପଦଜ୍ଜନକ ସାବ୍ୟସ୍ତ ହେବ ବୋଲି ଆଶଙ୍କା କରାଗଲାଣି। ଏହାକୁ ନେଇ ଏବେ ଚିନ୍ତା ବଢ଼ିଲାଣି। ଏକ ଆମେରିକୀୟ ଟେକ୍ ପତ୍ରିକାରେ ପ୍ରକାଶିତ ରିପୋର୍ଟରେ ୬ଟି ଏଆଇ ସମ୍ଭାବନାକୁ ଉଲ୍ଲେଖ କରାଯାଇଛି ଯାହା, ଭବିଷ୍ୟତରେ ସମାଜ, ଚାକିରି, ଗୋପନୀୟତା ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ପ୍ରଭାବିତ କରିପାରେ। ଏହି ଆକଳନ ଓପନ୍‌ଏଆଇ, ଗୁଗୁଲ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ଟେକ୍ କମ୍ପାନୀଗୁଡ଼ିକର ବର୍ତ୍ତମାନର ଦିଗ ଉପରେ ଆଧାର କରି କରାଯାଇଛି। ଏମିତିକି ଏଆଇ ସହିତ ସୃଷ୍ଟି ହୋଇଥିବା ନକଲି ଚିତ୍ର ଏବଂ ଭିଡିଓ ଏତେ ବାସ୍ତବ, ଦେଖାଯାଉଛି ଯେ ଲୋକମାନେ ସହଜରେ ଏଥିରେ ପ୍ରଭାବିତ ହେଉଛନ୍ତି।



## ଭାରତ ବ୍ରିକ୍ସର ଅଧ୍ୟକ୍ଷ ରହିବ





୨୦୨୬ ଜାନୁଆରୀରୁ ଭାରତ ବ୍ରିକ୍ସର ନେତୃତ୍ୱ ନେବ। ଅର୍ଥାତ୍ ଭାରତ ବ୍ରିକ୍ସ ରାଷ୍ଟ୍ର ସମୂହର ସଭାପତି ପଦ ଗ୍ରହଣ କରିବ। ଭାରତ ଏପରି ଏକ ସମୟରେ ବ୍ରିକ୍ସ ସଭାପତି ପଦ ଗ୍ରହଣ କରୁଛି, ଯେତେବେଳେ ଆମେରିକାର ଶୁଳ୍କ ନୀତି ଭାରତ, ଚୀନ୍ ଏବଂ ରୁଷକୁ ପରସ୍ପରର ନିକଟତର କରିଛି। ଏକ ରିପୋର୍ଟ ଅନୁଯାୟୀ, ବ୍ରିକ୍ସ ସହଯୋଗୀ ରାଷ୍ଟ୍ରଗୁଡିକ କୃଷି କ୍ଷେତ୍ରରେ ସେମାନଙ୍କର ଯୋଗଦାନ ବୃଦ୍ଧି କରୁଛନ୍ତି। ବ୍ରିକ୍ସ ଦେଶଗୁଡ଼ିକ କୃଷି, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସହଭାଗିତା ବଢ଼ାଉଛନ୍ତି। ତେଣୁ, ବିଶେଷଜ୍ଞମାନେ ଭବିଷ୍ୟବାଣୀ କରିଛନ୍ତି ଯେ ୨୦୨୬ ଶେଷ ସୁଦ୍ଧା, ଆମେରିକା ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବ ଏବଂ ଏହାର ପ୍ରାଧାନ୍ୟ ଶେଷ ହୋଇଯିବ।




## ଅଶାନ୍ତ ହେବ ବିଶ୍ୱ ବାଣିଜ୍ୟ

୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଏକ ଆହ୍ୱାନପୂର୍ଣ୍ଣ ବର୍ଷ ହୋଇପାରେ। କାରଣ ଶୁଳ୍କ ପରିଣାମ ଏବଂ ଯୋଗାଣ ଶୃଙ୍ଖଳା ବିପଦ ବାଣିଜ୍ୟ ଢାଞ୍ଚାକୁ ପରିବର୍ତ୍ତନ କରୁଛି, ଯାହା ବିଶ୍ୱ ଅଭିବୃଦ୍ଧିକୁ ପ୍ରଭାବିତ କରିବାରେ ଲାଗିଛି। ତଥାପି, ୨୦୨୬ରେ ଭାରତର ଘରୋଇ ସ୍ତରରେ ଚାହିଦା ଦୃଢ଼ ରହିବ ବୋଲି ଆଶା କରାଯାଉଛି। ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ବାଣିଜ୍ୟ ଶୁଳ୍କ ଲାଗୁ କରାଯିବା ସତ୍ତ୍ୱେ ବିଶ୍ୱ ବାଣିଜ୍ୟ କେତେକାଂଶରେ ୨୦୨୫ରେ ସ୍ଥିର ରହିଥିଲା। ୨୦୨୬ରେ ଟାରିଫ୍ ଉପରେ ଚୂଡ଼ାନ୍ତ ପରିଣାମ ଆସିବା ଆଶା କରାଯାଉଛି। ତେଣୁ ବିଶେଷଜ୍ଞମାନେ ୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଏକ ଅଶାନ୍ତ ବର୍ଷ ହେବ ବୋଲି ପୂର୍ବାନୁମାନ କରିଛନ୍ତି।


## ଚମକିବ ସେୟାର ବଜାର



୨୦୨୫ ଯଦିଓ ଷ୍ଟକ୍ ବଜାରରୁ ରିଟର୍ଣ୍ଣ ଆଶା ପୂରଣ କରିପାରିନାହିଁ, ତଥାପି ଭାରତୀୟ ଅର୍ଥନୀତି ବର୍ଷରେ ତା'ର ଶକ୍ତି ଦେଖାଇଥିଲା। ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିଠାରୁ ଆରମ୍ଭ କରି ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଏବଂ ଦୀର୍ଘକାଳୀନ ନିବେଶକମାନେ ବଜାର ଶକ୍ତିରେ ବଡ଼ ଯୋଗଦାନ ଦେଇଥିଲେ। ଏକ ରିପୋର୍ଟ ଅନୁଯାୟୀ, ୨୦୨୬ରେ ଜିଡିପି ଅଭିବୃଦ୍ଧି ଭଲ ରହିବ ବୋଲି ଆଶା କରାଯାଉଛି। ଘରୋଇ ନିବେଶକଙ୍କ ଦୃଢ଼ ଅଂଶଗ୍ରହଣ ଏବଂ ଉନ୍ନତ ବାଲାନ୍ସ ସିଟ୍ ସହିତ ନିବେଶକମାନେ ଏବେ ସେହି କ୍ଷେତ୍ରଗୁଡ଼ିକ ଉପରେ ନଜର ରଖିଛନ୍ତି ଯାହା ୨୦୨୬ରେ ସ୍ଥାୟୀ ଅଭିବୃଦ୍ଧି ଦେଖାଇପାରିବ। ତେଣୁ ବର୍ଷ ୨୦୨୬ରେ ଭାରତୀୟ ସେୟାର ବଜାର ଚମକିବ।

## ୨୦୦ କମ୍ପାନୀ ଆଣିବେ ଆଇପିଓ

ଆସନ୍ତା ବର୍ଷ ପୁଞ୍ଜି ବଜାରରେ ପ୍ରାରମ୍ଭିକ ପବ୍ଲିକ୍ ଅଫର(ଆଇପିଓ)ର ଲମ୍ବା ଧାଡି ଲାଗିବ। ୮୮ଟି କମ୍ପାନୀ ପ୍ରାୟ ୧.୧୬ ଲକ୍ଷ କୋଟି ଟଙ୍କାର ଆଇପିଓ ଆଣିବାକୁ ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ର ଅନୁମୋଦନ ଲାଭ କରିଛନ୍ତି, ଯେତେବେଳେ କି ଅନ୍ୟ ୧୦୪ଟି କମ୍ପାନୀ ପ୍ରାୟ ୧.୪ ଲକ୍ଷ କୋଟି ସଂଗ୍ରହ କରିବା ପାଇଁ ଅନୁମୋଦନ ଅପେକ୍ଷାରେ ରହିଛନ୍ତି। ଏହାର ଅର୍ଥ ହେଉଛି ପ୍ରାୟ ୨୦୦ କମ୍ପାନୀ ୨୦୨୬ରେ ଭାରତୀୟ ବଜାରରେ ଆଇପିଓ ଆଣିବାକୁ ପ୍ରସ୍ତୁତ ଅଛନ୍ତି।




## ବଢ଼ିବ ଦରଦାମ୍

୨୦୨୬ରେ ଭାରତ ବଜାରରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ବିଶେଷକରି ମୋବାଇଲ୍ ରିଚାର୍ଜ ମହଙ୍ଗା ହେବ। ରିଲାଏନ୍ସ ଜିଓ, ଏୟାରଟେଲ୍ ଏବଂ ଭୋଡାଫୋନ୍ ଆଇଡିଆ ଭଳି କମ୍ପାନୀଗୁଡ଼ିକ ୧୬-୨୦% ଶୁଳ୍କ ବୃଦ୍ଧି କରିପାରନ୍ତି, ଯାହା ୪ଜି/୫ଜି ପ୍ଲାନ୍‌କୁ ଅଧିକ ମହଙ୍ଗା କରିବ। ଅପରପକ୍ଷେ ନୂଆ ବର୍ଷରେ ରିଅଲ ଇଷ୍ଟେଟ୍ ବଜାର ମହଙ୍ଗା ହେବ। କାରଣ ଆବାସିକ ଗୃହ କ୍ଷେତ୍ରରେ ପ୍ରବଳ ଚାହିଦା ଯୋଗୁଁ ଡେଭଲପରମାନେ ମୂଲ୍ୟରେ ୫-୧୦% କିମ୍ବା ଅଧିକ ବୃଦ୍ଧି ଆଶା କରୁଛନ୍ତି।



## ଟ୍ରିଲିୟନେୟାର ହେବେ ଏଲନ୍ ମସ୍କ

ଆମେରିକୀୟ ଶିଳ୍ପପତି ଏଲନ୍ ମସ୍କଙ୍କର ମୋଟ ସମ୍ପତ୍ତି ବଢି ୭୫୦ ବିଲିୟନ ଡଲାର ଅତିକ୍ରମ କରିଛି। ସେ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର ହେବାକୁ ଯାଉଛନ୍ତି। ତାଙ୍କର ମୋଟ ସମ୍ପତ୍ତି ଭାରତର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାର ଠାରୁ ମଧ୍ୟ ଅଧିକ। ତେବେ ଭାରତର ଏକ ନମ୍ବର ଧନୀ ମୁକେଶ ଅମ୍ବାନୀଙ୍କର ମୋଟ ସମ୍ପତ୍ତି ୧୧୬ ବିଲିୟନ୍ ଡଲାର(୯.୫୫ ଲକ୍ଷ କୋଟି ଟଙ୍କା) ଏବଂ ଦ୍ୱିତୀୟରେ ଥିବା ଗୌତମ ଆଦାନୀଙ୍କ ସମ୍ପତି ପରିମାଣ ୧.୫ ବିଲିୟନ୍ ଡଲାର(୫୨,୪୦୦ କୋଟି ଟଙ୍କା) ରହିଛି।





## ଆହୁରି ଦୁର୍ବଳ ହେବ ଟଙ୍କା

ବଜାର ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ, ବର୍ଷ ୨୦୨୬ରେ ଭାରତୀୟ ମୁଦ୍ରା 'ଟଙ୍କା' ଏକ କଠିନ ଆହ୍ୱାନର ସମ୍ମୁଖୀନ ହେବ, ଯାହା ଆମେରିକୀୟ ଡଲାର ତୁଳନାରେ ଆହୁରି ଦୁର୍ବଳ ହେବାର ସମ୍ଭାବନା ରହିଛି। ଯଦିଓ ୨୦୨୫ ରେ ଟଙ୍କାର ବିନିମୟ ମୂଲ୍ୟରେ ୬୦% ହ୍ରାସ ଘଟିଛି, ତଥାପି ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି, କମ ମୁଦ୍ରାସ୍ଫୀତି ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଭାରତୀୟ ମୁଦ୍ରାକୁ ଅଧିକ ଅବମୂଲ୍ୟାୟନରୁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ଯୋଗାଇଛି। ପୂର୍ବାନୁମାନ ସୂଚାଉଛି ଯେ ୨୦୨୬ ଶେଷ ସୁଦ୍ଧା ଟଙ୍କା ମୂଲ୍ୟ ଡଲାର ପିଛା ଅତି କମ୍‌ରେ ୯୫ ଟଙ୍କା ସ୍ତର ପର୍ଯ୍ୟନ୍ତ ଖସିଯାଇପାରେ।



## ସକାରାତ୍ମକ ରହିବ ନିଯୁକ୍ତି କ୍ଷେତ୍ର




୨୦୨୬ ମସିହାରେ ଭାରତର ନିଯୁକ୍ତି କ୍ଷେତ୍ରର ସକାରାତ୍ମକ ରହିବ। ଏଥିରେ ହାୟରିଂ ରେଟ୍ ୧୧%ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏଥିରେ ଅଭିଜ୍ଞ ବୃତ୍ତିଗତ ଏବଂ ଟିୟର-୨ ସହର ପାଇଁ ସୁଯୋଗ ବୃଦ୍ଧି ପାଇବ। ଏଆଇ, ଡାଟା ସାଇନ୍ସ ଏବଂ ସାଇବର ସୁରକ୍ଷା ଭଳି କ୍ଷେତ୍ରଗୁଡ଼ିକରେ ଚାହିଦା ବୃଦ୍ଧି ପାଇବ। ବର୍ଷ ୨୦୨୬ରେ କର୍ମଚାରୀଙ୍କ ଦରମାରେ ୯% ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ୨୦୨୬ରେ ଭାରତର ଚାକିରି ବଜାର ଏଆଇ ଏବଂ ଡିଜିଟାଲ ପରିବର୍ତ୍ତନ ସହିତ ଦ୍ରୁତ ଗତିରେ ଆଗକୁ ବଢ଼ିବ। ବିଶେଷଜ୍ଞମାନେ ପ୍ରଯୁକ୍ତିବିଦ୍ୟା, ସବୁଜ ଭିତ୍ତିଭୂମି, କ୍ୱିକ୍ କମର୍ସ ଏବଂ ପ୍ରିସିସନ୍ ମାନୁଫାକ୍ଚରିଂ ଭଳି କ୍ଷେତ୍ରଗୁଡ଼ିକରେ ଚାହିଦାରେ ଉଲ୍ଲେଖନୀୟ ବୃଦ୍ଧି ହେବ ବୋଲି ପୂର୍ବାନୁମାନ କରିଛନ୍ତି।



### ବିଜୟ ହଜାରେ ଟ୍ରଫି

# ଗୋବିନ୍ଦଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଓଡ଼ିଶା ବିଜୟୀ



ପୁରସ୍କାର ସହ ଗୋବିନ୍ଦ ପୋଦ୍ଦାର


ଓମ୍ ଟି. ମୁଣ୍ଡେ

କଟକ,୨୯।୧୨(ସମିସ): ଗୋବିନ୍ଦ ପୋଦ୍ଦାରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ୬ ୱିକେଟରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ଆନ୍ଧ୍ରପ୍ରଦେଶ ପକ୍ଷରୁ ଧାର୍ଯ୍ୟ ୨୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ୪୩.୪ ଓଭରରେ ବିଜୟୀ ହୋଇଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଗୋବିନ୍ଦ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚଳିତ ବିଜୟ ହଜାରେ ଟ୍ରଫିରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ଡି ଟେବଲର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ଦଳ ୩ଟି ମ୍ୟାଚ୍‌ରୁ ଗୋଟିଏ ପରାଜୟ ଏବଂ ୨ଟି ବିଜୟ ସହ ୮ ପଏଣ୍ଟ ସଂଗ୍ରହ କରିଛି। ଟ୍ରଫି ଆରମ୍ଭରୁ ଦଳୀୟ ପ୍ରଦର୍ଶନ ପ୍ରଭାବଶାଳୀ ରହିଥିବା ବେଳେ ଆଗାମୀ ୩୧ ତାରିଖରେ ୪ର୍ଥ ଲିଗ୍‌ରେ ଓଡ଼ିଶା ଗ୍ରୁପର ଶୀର୍ଷ ସ୍ଥାନରେ ରହିଥିବା ଦିଲ୍ଲୀକୁ ଭେଟିବ।

ଅଲୁର କ୍ରିକେଟ ଗ୍ରାଉଣ୍ଡରେ ଆଜି ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଆ ସ୍ପିଡଷ୍ଟର ତଥା ପୂର୍ବ ମ୍ୟାଚ୍‌ର ହ୍ୟାଟ୍ରିକ ୱିକେଟ ଦଖଲକାରୀ ରାଜେଶ ମହାନ୍ତି ପ୍ରଥମ ଓଭରରେ ଦଳକୁ ସଫଳତା ଦେଇଥିଲେ। ଓପନର ଅଶ୍ୱିନ ହେବରଙ୍କୁ ସେ ୨ରନରେ କ୍ଲିନ ବୋଲ୍ଡ କରିଥିଲେ। ପ୍ରାରମ୍ଭିକ ସଫଳତା ଓଡ଼ିଶା ଶିବିରରେ ଉତ୍ସାହ ଭରିଥିଲା। ୱିକେଟ କିପର ତଥା ଅନ୍ତର୍ଜାତୀୟ ଖେଳାଳି ଶ୍ରୀକର ଭଗତ(୩୨ରନ), ଆଇପିଏଲ ତାରକା ସେଖ୍ ରସିଦ(୨୦ରନ), ଅଧିନାୟକ ନୀତିଶ କୁମାର ରେଡ୍ଡୀ(୬ରନ) ଓ ରିକି ଭୁଇ(୧୮ରନ) ବଡ ଇନିଂସ୍ ଖେଳିବାରେ ଫେଲ୍ ମାରିବାରୁ ଆନ୍ଧ୍ରପ୍ରଦେଶ ବଡ ସ୍କୋର କରିବାର ଆଶା ମଉଳିଥିଲା। ମଧ୍ୟକ୍ରମରେ ଏସ୍ ପ୍ରସାଦ ୬୬ରନ ଏବଂ ନିମ୍ନକ୍ରମର ଖେଳାଳି ସୌରଭ କୁମାର ଦ୍ରୁତ ୪୬ରନ ସଂଗ୍ରହ କରିବା ଯୋଗୁଁ ଆନ୍ଧ୍ରପ୍ରଦେଶର ସ୍କୋର ୨୦୦ ଟପିଥିଲା।

ଦଳ ସମସ୍ତ ୱିକେଟ ହରାଇ ୨୨୧ରନ ସଂଗ୍ରହ କରିଥିଲା। ତେବେ ଓଡ଼ିଶା ପକ୍ଷରୁ ଦୁଇ ଅଭିଜ୍ଞ ୩ଟି ଲେଖାଏ ୱିକେଟ ବାଣ୍ଟି ନେଇଥିଲେ। ଅଧିନାୟକ ବିପ୍ଳବ ଏବଂ ଗୋବିନ୍ଦ ଉଭୟ ୩୬ରନ ଲେଖାଏ ବ୍ୟୟ କରି ଏହି ସଫଳତା ପାଇଥିଲେ। ଅବଶିଷ୍ଟ ୪ ୱିକେଟ ଓଡ଼ିଶାର ୪ ପେସ ବୋଲର ରାଜେଶ, ସମ୍ବିତ ବରାଳ, ଦେବବ୍ରତ ପ୍ରଧାନ ଏବଂ ବାଦଲ ବିଶ୍ୱାଳଙ୍କୁ ମିଳିଥିଲା। ୨୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶାକୁ ପ୍ରଥମ ବଲ୍‌ରେ ଝଟକା ଲାଗିଥିଲା।

ସୌରାଷ୍ଟ୍ର ବିପକ୍ଷରେ ଦ୍ୱିଶତକ ହାସଲ କରି ଚର୍ଚ୍ଚାକୁ ଆସିଥିବା ସ୍ୱସ୍ତିକ ସାମଲ ଖାତା ଖୋଲିବା ଆଗରୁ ଆନ୍ଧ୍ର ଅଧିନାୟକ ନୀତିଶଙ୍କ ଶିକାର ହୋଇଥିଲେ। ଦ୍ୱିଶତକୀୟ ପାଳି ପରେ ସ୍ୱସ୍ତିକଙ୍କ ଏହା ଲଗାତର ଦ୍ୱିତୀୟ ଡକ୍। ସର୍ଭିସେସ ବିପକ୍ଷ ଗତ ମ୍ୟାଚ୍‌ରେ ମଧ ସ୍ୱସ୍ତିକ ଶୂନରେ ଆଉଟ ହୋଇଥିଲେ। ପରେ ସନ୍ଦୀପ ପଟ୍ଟନାୟକ ୧୯ରନରେ ପ୍ୟାଭିଲିୟନ ଫେରିଥିଲେ। ୩୧ରନରେ ଦଳ ପ୍ରଥମ ଦୁଇ ୱିକେଟ ହରାଇଥିଲା। ଅଭିଜ୍ଞ ଗୋବିନ୍ଦ ଏବଂ ନବାଗତ ଓମ ଟି ମୁଣ୍ଡେ ୧୬୬ରନର ଭାଗିଦାରୀ ସୃଷ୍ଟି କରି ଓଡ଼ିଶାକୁ ବିଜୟ ନିକଟତର କରାଇଥିଲେ। ମାତ୍ର ଦୁର୍ଭାଗ୍ୟବଶତଃ ଉଭୟ ଶତକୀୟ ପାଳିରୁ ବଞ୍ଚିତ ହୋଇଥିଲେ। ଗୋବିନ୍ଦ ୮୯ରନ ଏବଂ ଓମ୍ ୯୧ରନରେ ଆଉଟ ହୋଇଥିଲେ। ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ୧୧ରନ ଓ ଅଧିନାୟକ ବିପ୍ଳବ ୭ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

● ଅଭିଷେକଙ୍କ ଅଲରାଉଣ୍ଡ ପ୍ରଦର୍ଶନ କାମ ଦେଲାନି

# ଉତ୍ତରାଖଣ୍ଡ, ଆସାମ ବିଜୟୀ

ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ମଧ୍ୟରେ ଉତ୍ତରାଖଣ୍ଡ ଶକ୍ତିଶାଳୀ ପଞ୍ଜାବକୁ ୫ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବିସ୍ଫୋରକ ଓପନର ଅଭିଷେକ ଶର୍ମା ୨୬ବଲ୍‌ରୁ ୩୦, ପ୍ରଭସିମରନ ସିଂହ ୨୮, ଅନ୍‌ମୋଲପ୍ରୀତ୍ ସିଂହ ୨୧ ଓ ନମନ ଧୀର ୩ ରନ୍‌ରେ ଆଉଟ ହୋଇଥିଲେ। ତେବେ ସଲିଲ ଅରୋରାଙ୍କ ୬୫ ଓ କ୍ରିସ୍ ଭଗତଙ୍କ ୫୧ରନ୍ ବଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୬୯ ରନ୍ କରିଥିଲା। ଜବାବରେ ଅଧିନାୟକ କୁନାଲ ଚାଣ୍ଡେଲାଙ୍କ ୧୧୮ ଓ ଶାଶ୍ୱତ ଡାଙ୍ଗୱାଲଙ୍କ ୩୮ ବଲ୍‌ରୁ ଅପରାଜିତ ୫୧ ରନ୍ ବଳରେ ଉତ୍ତରାଖଣ୍ଡ ୧୪ଟି ବଲ ଓ ୫ ୱିକେଟ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ଅଭିଷେକ ଓ ଗୁରନୁର ବ୍ରାର ୨ଟି ଲେଖାଏଁ ୱିକେଟ ପାଇଥିଲେ। ଅନ୍ୟ ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଆସାମ ୪ ୱିକେଟରେ ହାଇଦରାବାଦ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ୮ ୱିକେଟରେ ୩୧୦ ରନ୍ କରିଥିଲା। ଅବ୍‌ଦୁଲ ଅଜିଜ୍ ୩ଟି, ସ୍ୱରୂପମ ପୁରକାୟସ୍ଥ ଓ ଶିବଶଙ୍କର ରାୟ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଶିବଶଙ୍କରଙ୍କ ୧୧୨ ଓ ସୌରବ ଡ଼ିଙ୍ଗିଆଙ୍କ ୯୧ ରନ୍ ସହାୟତାରେ ଆସାମ ଶେଷ ଓଭରରେ ୬ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା।

## ରାମକୃଷ୍ଣ ଘୋଷଙ୍କ ୭ ୱିକେଟ ଅକ୍ତିଆର ବ୍ୟର୍ଥ; ମହାରାଷ୍ଟ୍ର ପରାସ୍ତ

ଜୟପୁର,୨୯।୧୨(ଏଜେନ୍ସି): ସ୍ଥାନୀୟ ସୱାଇ ମାନସିଂ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ହିମାଚଳ ପ୍ରଦେଶ ୭ ରନ୍‌ରେ ଶକ୍ତିଶାଳୀ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପୁଖରାଜ ମାନଙ୍କ ୧୧୦ ଓ ଫାଷ୍ଟ ବୋଲର ବୈଭବ ଅରୋରାଙ୍କ ୪୦ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ହିମାଚଳ ପ୍ରଦେଶ ୨୭୧ ରନ୍ କରିଥିଲା। ମହାରାଷ୍ଟ୍ର ପକ୍ଷରୁ ମିଡିୟମ୍ ପେସ୍ ବୋଲର ରାମକ୍ରିଷ୍ଣ ଘୋଷ ୭ଟି ୱିକେଟ ନେଇଥିଲେ। ଜବାବରେ ଋତୁରାଜ ଗାଏକ୍ୱାଡଙ୍କ ନେତୃତ୍ୱରେ ଖେଳୁଥିବା ମହାରାଷ୍ଟ୍ର ୨୬୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଅଙ୍କିତ ବାୱନେ ୯୭, ନିଖିଲ ନାଏକ ୩୯ ଓ ଗାଏକ୍ୱାଡ୍ ୨୮ ରନ୍ କରିଥିଲେ। ଏହା ଫଳରେ ଘୋଷଙ୍କ ବୋଲିଂ ପ୍ରଦର୍ଶନ ବ୍ୟର୍ଥ ହୋଇଥିଲା।



### ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍

# ବିଶ୍ରାମ ନେଇପାରନ୍ତି ବୁମ୍‌ରା, ପାଣ୍ଡ୍ୟା



ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାବର୍ଷ ଟି-୨୦ ବିଶ୍ୱକପ୍ କ୍ରିକେଟ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଏହି ଟୁର୍ଣ୍ଣାମେଣ୍ଟକୁ ଜିତିବା ଲାଗି ସମସ୍ତ ପ୍ରକାର ଯୋଜନା କରିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଟି-୨୦ ଦଳରୁ ବାଦ୍ ଦେବା। ବିଶ୍ୱର ଏହି ମେଗା ଇଭେଣ୍ଟ ପୂର୍ବରୁ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଆଗୁଆ ଦଳ ଘୋଷଣା କରାଯାଇଛି ଓ ପ୍ରସ୍ତୁତି ମଧ ଆରମ୍ଭ ହୋଇଯାଇଛି। କିନ୍ତୁ ନ୍ୟୁଜିଲାଣ୍ଡ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏଥିଲାଗି ଭାରତୀୟ ଦଳ ଜାନୁଆରୀ ୩,୪ କିମ୍ବା ୫ ତାରିଖରେ ଘୋଷଣା କରାଯିବ। ଟି-୨୦ ଟୁର୍ଣ୍ଣାମେଣ୍ଟର ଦୁଇ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଆହତ ପରେ ଖେଳୁଥିବାରୁ ସେମାନଙ୍କୁ ଦିନିକିଆ ସିରିଜ୍‌ରେ ବିଶ୍ରାମ ଦେବା ଲାଗି ଯୋଜନା ହୋଇଛି। ଉଭୟ ଖେଳାଳି ଦିନିକିଆ ଦଳରୁ ବାଦ୍ ପଡ଼ିବା ବା ଅନ୍ୟ ପକ୍ଷରେ ବିଶ୍ରାମ ନେବା ନିଶ୍ଚିତ ବୋଲି ବିସିସିଆଇର ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଦିନିକିଆ ସିରିଜ୍‌ର ମ୍ୟାଚ୍‌ଗୁଡ଼ିକ ବରୋଦାରେ ଜାନୁଆରୀ ୧୧, ରାଜକୋଟରେ ଜାନୁଆରୀ ୧୩ ଓ ଇନ୍ଦୋରରେ ଜାନୁଆରୀ ୧୮ରେ ଖେଳାଯିବ। ଦୁଇ ବରିଷ୍ଠ ଖେଳାଳି ବିଶ୍ରାମ ନେଲେ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଖେଳିବା ସହଜ ହେବ ବୋଲି ବିସିସିଆଇ ଆଶା କରୁଛି।

● ଟି-୨୦ କ୍ରିକେଟରେ ଶ୍ରେଷ୍ଠ ବୋଲିଂ

## ଗୋଟିଏ ମ୍ୟାଚ୍‌ରେ ସୋନମ ନେଲେ ୮ ୱିକେଟ

ଗେଲେଫୁ,୨୯।୧୨(ଏଜେନ୍ସି): ଗୋଟିଏ ମ୍ୟାଚ୍‌ରେ ୮ ୱିକେଟ ନେଇ ଭୂଟାନର ସୋନମ ୟେଶି ବିଶ୍ୱରେକର୍ଡ କରିଛନ୍ତି। ବିଶ୍ୱ ଟି-୨୦ କ୍ରିକେଟରେ ଏହା ସର୍ବଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ଓ ୮ ୱିକେଟରେ ନେବାରେ ପ୍ରଥମ ବୋଲର। ଭୂଟାନର ଏହି ବାମହାତୀ ସ୍ପିନର ମିଆଁମାର ବିପକ୍ଷ ଦ୍ୱିପାକ୍ଷିକ ଶୃଙ୍ଖଳାରେ ସେ ମାତ୍ର ୭ ରନ୍ ଦେଇ ସର୍ବାଧିକ ୮ଟି ୱିକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭୂଟାନ ୯ ୱିକେଟରେ ୧୨୭ ରନ୍ କରିଥିଲା। ଜବାବରେ ସୋନମଙ୍କ ଯାଦୁକରୀ ବୋଲିଂ ଯୋଗୁଁ ମିଆଁମାର ମାତ୍ର ୪୫ ରନ୍‌ରେ ଅଲଆଉଟ ହୋଇଥିଲା। ଅନ୍ତର୍ଜାତୀୟ ଟି-୨୦ରେ ଏଯାଏ ୨ଜଣ ବୋଲର ଗୋଟିଏ ମ୍ୟାଚ୍‌ରେ ୭ଟି ଲେଖାଏଁ ୱିକେଟ ନେଇଛନ୍ତି। ସେମାନେ ହେଲେ ଚୀନ୍ ବିପକ୍ଷରେ ସ୍ୟାଜରୁଲ ଇଦ୍ରୁସ ଓ ଭୂଟାନ ବିପକ୍ଷରେ ବାହାରିନ୍‌ର ଅଲି ଦାଉଦ୍। ଘରୋଇ କ୍ରିକେଟରେ ଲିସେଷ୍ଟରସରର କଲିନ୍ ଆକରମ୍ୟାନ୍ ଓ ବାଂଲା ପ୍ରିମିୟର ଲିଗ୍‌ରେ ତସ୍କିନ ଅହମ୍ମଦ୍ ଓ ମହିଳା କ୍ରିକେଟରେ ଇଣ୍ଡୋନେସିଆର ରୋହମିଲା ଗୋଟିଏ ମ୍ୟାଚ୍‌ରେ ୭ଟି ଲେଖାଏଁ ୱିକେଟ ନେଇଛନ୍ତି।



## ମେଲ୍‌ବୋର୍ଣ୍ଣ ପିଚ୍ ଟେଷ୍ଟ ଲାଗି ଅନୁପଯୁକ୍ତ

ମେଲବୋର୍ଣ୍ଣ,୨୯ ।୧୨(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ର ପିଚ୍‌କୁ ଖରାପ ରେଟିଂ ଦେଇଛି। ଏହି ପିଚ୍ ଟେଷ୍ଟ ମ୍ୟାଚ୍ ଲାଗି ଅନୁପଯୁକ୍ତ ବୋଲି ଆଇସିସି କହିଛି। କିନ୍ତୁ ସମାନ ୨ ଦିନରେ ଶେଷ ହୋଇଥିବା ପର୍ଥ ପିଚ୍‌କୁ ଅତି ଉତ୍ତମ ରେଟିଂ ପ୍ରଦାନ କରିଛି। ମ୍ୟାଚ୍ ରେଫରୀ ଜେଫ କ୍ରୋ ଏଥିପାଇଁ ଏମ୍‌ସିଜିକୁ ଏକ ଡିମେରିଟ୍ ପଏଣ୍ଟ ପ୍ରଦାନ କରିଛି। ଉଲ୍ଲେଖଥାଉ କି, ଏମସିଜିରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆସେସ୍ ସିରିଜର ଚତୁର୍ଥ ଟେଷ୍ଟ ମାତ୍ର ଦୁଇଦିନ ମଧ୍ୟରେ ସମାପ୍ତ ହୋଇଥିଲା ଓ ଏଥିରେ ଇଂଲଣ୍ଡ ୪ ୱିକେଟରେ ବାଜି ମାରିଥିଲା। ଏହି ମ୍ୟାଚ୍ ମାତ୍ର ୮୫୨ଟି ବଲ୍ ଖେଳାଯିବା ସହ ଶେଷ ହୋଇଥିଲା। ଆସେସର ୧୪୩ ବର୍ଷ ଇତିହାସରେ ଏହା ଚତୁର୍ଥ ଛୋଟ ଟେଷ୍ଟର ଅଲୋଡା ମାନ୍ୟତା ପାଇଥିଲା। ୨୦୨୩ରେ ନୂଆ ପିଚ୍ ଗ୍ରେଡିଂ ପ୍ରଣାଳୀ ଲାଗୁ ହେବା ପରେ ପ୍ରଥମଥର ପାଇଁ କୌଣସି ଅଷ୍ଟ୍ରେଲିଆ ପିଚ୍ ତଥା ପଡିଆକୁ ଦଣ୍ଡିତ କରାଯାଇଛି। ଯଦି କୌଣସି ପିଚ୍‌କୁ ୫ ବର୍ଷରେ ୬ ଡିମେରିଟ ପଏଣ୍ଟ ମିଳେ ତେବେ ସେହି ପିଚ୍‌କୁ ୧୨ ମାସ ପାଇଁ ନିଷିଦ୍ଧ କରାଯିବାର ନିୟମ ରହିଛି। କିନ୍ତୁ ଏମ୍‌ସିଜିର ମାମଲାରେ ଏପରି ହେବାର ଆଶଙ୍କା କମ୍ ରହିଛି।

## ୩ରୁ ରାଜ୍ୟ ରୋଇଂ ଦଳର ଚୟନ ଶିବିର

କଟକ, ୨୯।୧୨ (ସମିସ): ଜାନୁଆରୀ ୨୭ରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ପୁଣେରେ ୪୩ତମ ଜାତୀୟ ରୋଇଂ ଚାମ୍ପିଅନସିପ୍ ଖେଳାଯିବ। ଆର୍ମି ରୋଇଂ ନୋଡ୍ ଏବଂ ରୋଇଂ ଫେଡେରେଶନ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରତିଯୋଗିତା ଆୟୋଜନ ହେବ। ଏଥି ନିମନ୍ତେ ଓଡ଼ିଶା ଆସୋସିଏସନ ଫର ରୋଇଂ ଆଣ୍ଡ ସ୍କଲିଂ ପକ୍ଷରୁ ଆସନ୍ତା ୩ ଏବଂ ୪ ତାରିଖ ଦୁଇଦିନ ଧରି ରାଜ୍ୟ ଦଳର ଚୟନ ଶିବିର ଆୟୋଜନ କରାଯିବ। ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ହେବାକୁ ଥିବା ଚୟନ ଶିବିରରେ ଯେ କୌଣସି ଇଚ୍ଛୁକ ପ୍ରତିଯୋଗୀ ଭାଗ ନେଇ ପାରିବେ। ପୂର୍ବାହ୍ନ ୬ଟା ପୂର୍ବରୁ ଖେଳାଳି ଶିବିରରେ ପହଞ୍ଚିବା ନିମନ୍ତେ ରାଜ୍ୟ ସଂଘ ସଭାପତି ବିନୋଦ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

### ଉତ୍ତରପୂର୍ବ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ

## କିଟ୍‌ର ମଗନ୍ତି କୀର୍ତ୍ତିଙ୍କୁ ରୌପ୍ୟ



ଭୁବନେଶ୍ୱର,୨୯।୧୨(ସମିସ): ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଗତ ୨୬ ତାରିଖଠାରୁ ଚାଲିଥିବା ଉତ୍ତରପୂର୍ବ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତାରେ କିଟ୍‌ର ଏମ୍‌କମ୍ ପ୍ରଥମ ବର୍ଷ ଛାତ୍ରୀ ମଗନ୍ତି କୀର୍ତ୍ତି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଡିସେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ମଗନ୍ତି ୮୬ କେଜି ଓଜନ ବର୍ଗରେ ଭାଗ ନେଇ ସ୍ନାଚ୍‌ରେ ୮୧ ଓ କ୍ଲିନ ଆଣ୍ଡ ଜର୍କରେ ୧୦୬ କେଜି, ଏହି ଭଳି ଭାବେ ମୋଟ୍ ୧୮୭ କେଜି ଉଠାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ହାସଲ କରିଛନ୍ତି। ପୂର୍ବରୁ ସେ ହାସଲ କରିଥିବା ଶ୍ରେଷ୍ଠ ପ୍ରଦର୍ଶନ ଠାରୁ ସେ ଏଥର ଅଧିକ ୪ କେଜି ଉଠାଇଛନ୍ତି। ତେଣୁ ତାଙ୍କ ପାଇଁ ଏହି ପଦକ ବିଶେଷ ଗୁରୁତ୍ୱବହନ କରୁଛି। ପୂର୍ବରୁ ସେ ଗତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ।

### ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଯାପିତ

# ବୀରଭଦ୍ରମ୍ ଓ ଦିବ୍ୟାଂଶୀ ଶ୍ରେଷ୍ଠ

କଟକ,୨୯।୧୨(ସମିସ): ଓଡ଼ିଶା ତୀରନ୍ଦାଜ ସଂଘ ଏବଂ କଟକ ଜିଲ୍ଲା ତୀରନ୍ଦାଜ ସଂଘ ମିଳିତ ଆନୁକୂଲ୍ୟରେ କୁରାଙ୍ଗ ଶାସନ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୧୦ବର୍ଷ, ୧୩ବର୍ଷ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର ୨୫୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ୧୩ବର୍ଷରୁ କମ୍ କମ୍ପାଉଣ୍ଡ ବାଳକ ବିଭାଗରେ ସୁନ୍ଦରଗଡର ମଙ୍ଗଲ ସିଂହ ବାନାରା, ବାଳିକା ବିଭାଗରେ କେନ୍ଦୁଝରର ଜଗଜ୍ୟୋତି ମହାନ୍ତ, ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ ମୟୂରଭଞ୍ଜର ଜୟଦେବ ମହନ୍ତ, ବାଳିକା ବିଭାଗରେ ସମ୍ବଲପୁରର ଅନ୍ୱେଷା ଦେହୁରୀ, ରିକର୍ଭ ରାଉଣ୍ଡ ବାଳକ ବିଭାଗରେ କଟକର ଅମନ ନାୟକ, ବାଳିକା ବିଭାଗରେ କିସ୍‌ର ସୁଦୀକ୍ଷା ସ୍ୱାଇଁ, ୧୦ବର୍ଷରୁ କମ୍ ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ କେନ୍ଦୁଝରର ଡିଡି ବୀରଭଦ୍ରମ୍, ବାଳିକା ବିଭାଗରେ ସୁନ୍ଦରଗଡର ଦିବ୍ୟାଂଶୀ ନାୟକ, ରିକର୍ଭ ରାଉଣ୍ଡ ବାଳକ ବିଭାଗରେ କଟକର ବୈଭବ କୁମାର ଷଡ଼ଙ୍ଗୀ, ବାଳିକା ବିଭାଗରେ ସାଲଭୀ ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ୧୫ବର୍ଷରୁ କମ୍ କମ୍ପାଉଣ୍ଡ ବାଳକ ବିଭାଗରେ କିସ୍‌ର ରେହାନ ହାଁସଦା, ବାଳିକା ବିଭାଗରେ କେନ୍ଦୁଝରର ମୋନାଲିସା ନାୟକ, ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ କଳାହାଣ୍ଡିର ତରୁଣ କୁମାର ମାଝୀ, ବାଳିକା ବିଭାଗରେ ସୁନ୍ଦରଗଡର ସଞ୍ଜଲୀ ଓରାମ, ରିକର୍ଭ ବାଳକ ବିଭାଗରେ କେନ୍ଦୁଝରର ଭଗବତ ବଳିଆରସିଂହ, ବାଳିକା ବିଭାଗରେ ମୟୂରଭଞ୍ଜର ଶୁଭାଙ୍ଗୀ ଗନ୍ତାୟତ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ବାଳକ ତୀରନ୍ଦାଜ ଭାବେ କେନ୍ଦୁଝରର ଡିଡି ବୀରଭଦ୍ରମଙ୍କୁ ନରସିଂହ ପ୍ରତିହାରୀ ଟ୍ରଫି ଏବଂ ଶ୍ରେଷ୍ଠ ବାଳିକା ତୀରନ୍ଦାଜ ଭାବେ ସୁନ୍ଦରଗଡର ଦିବ୍ୟାଂଶୀ ନାୟକଙ୍କୁ ବିଦୁଲତା ପ୍ରତିହାରୀ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଧାୟକ ଛବି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



### ୧୩ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍

## ସ୍ୱସ୍ତିକ ଚାମ୍ପିଅନ

ଭୁବନେଶ୍ୱର,୨୯ ।୧୨(ସମିସ): ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ବଡ଼ଗଡ଼ କେନାଲ ରୋଡସ୍ଥିତ ଓମ ଗୁରୁକୂଳ ପବ୍ଲିକ ସ୍କୁଲ୍‌ରେ ଅନୁଷ୍ଠିତ ୧୩ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ କେନ୍ଦ୍ରୀୟ ବିଦ୍ୟାଳୟ-୧ର ସ୍ୱସ୍ତିକ ତ୍ରିପାଠୀ ପଞ୍ଚମ ତଥା ଚୂଡାନ୍ତ ରାଉଣ୍ଡ ଶେଷ ସୁଦ୍ଧା ସର୍ବାଧିକ ୪.୫ ପଏଣ୍ଟ ହାସଲ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ଖଣ୍ଡଗିରି ସେଣ୍ଟ ଜାଭିଏର ସ୍କୁଲର ଓମ ଶତପଥୀ, କଟକର ନିରେକ ପରିଡା, ଆୟୂଷ ପରିଡା, ନୋଇଡା ସରାଂଶ ମିଶ୍ର ୪ ଲେଖାଏ ପଏଣ୍ଟ ହାସଲ କରି ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଓମ ଗୁରୁକୂଳ ପବ୍ଲିକ ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ଲକ୍ଷ୍ମୀଧର ବେହେରା ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ସ୍କୁଲ ପ୍ରିନସପାଲ ମନୋରଞ୍ଜନ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ କାନୋଜ କୁମାର ବେହୁରା ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



# ମୁକ୍ତେଶ୍ୱର କପ୍ ଫାଇନାଲରେ ରାମେଶ୍ୱର



ଭୁବନେଶ୍ୱର,୨୯।୧୨(ସମିସ): ସ୍ଥାନୀୟ ମୁକ୍ତେଶ୍ୱର କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମୁକାବିଲାରେ ରାମେଶ୍ୱର ୯ ୱିକେଟରେ ପରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଟସ୍ ଜିତି ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ୨୯ ଓଭରରେ ୯୩ ରନରେ ଅଲଆଉଟ ହୋଇଥିଲା। ଦଳ ତରଫରୁ ପରୀକ୍ଷିତ ପ୍ରଧାନ ୨୪, ସ୍ୱାଧୀନ ପ୍ରମାଣିକ ଅପରାଜିତ ୩୭ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ରାମେଶ୍ୱର ପକ୍ଷରୁ ସ୍ୱସ୍ତିକ ଘୋଷାଲ ସର୍ବାଧିକ ୪, ବିଜୟ ପ୍ରଧାନ ୨ଟି ୱିକେଟ ନେଇଥିଲେ। ଜବାବରେ ରାମେଶ୍ୱର ୧୬.୧ ଓଭରରେ ଗୋଟିଏ ୱିକେଟ ହରାଇ ୯୪ ରନକରି ବିଜୟୀ ହୋଇ ଅଗ୍ରଗତି କରିଛି। ଲିଓନେଲ ମେହେର ୫୦ ରନକରି ରନ୍‌ଆଉଟ ହୋଇଥିବା ବେଳେ ଆକାଶ ସାହୁ ୩୨ ଓ କୁମାର ଏ ଅଶ୍ୱିନ ୨ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ୬ ଓଭର ବୋଲିଂ କରି ୨ ମେଡେନ ସହ ୪ ୱିକେଟ ନେଇଥିବା ସ୍ୱସ୍ତିକ ଘୋଷାଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମୁକ୍ତେଶ୍ୱର କ୍ଲବ କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂହ ଚୌହାନ ସ୍ୱସ୍ତିକଙ୍କ ପୁରସ୍କୃତ କରିଥିଲେ। ଜାନୁଆରୀ ୨ରେ ଦ୍ୱିତୀୟ ସେମିଫାଇନାଲରେ କ୍ଲବ ଦି ରେଡ୍ ଷ୍ଟାର ଓ ଆୟୋଜକ ମୁକ୍ତେଶ୍ୱର ପରସ୍ପରକୁ ଭେଟିବେ।

## ମିଧାଂଶୁ ଦାସଙ୍କ ଶତକ


ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

କଟକ,୨୯।୧୨(ସମିସ): ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୫ମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ସୋମବାର ଠାରୁ ଆରମ୍ଭ ହୋଇଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ପଣ୍ଡିଚେରୀକୁ ଭେଟିଛି। ପଣ୍ଡିଚେରୀ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ପ୍ରଥମ ଦିବସରେ ଓଡ଼ିଶା ଦୃଢ଼ ସ୍ଥିତିରେ ରହିଛି। ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୪ ୱିକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। ଓପନର ମିଧାଂଶୁ ଦାସ ୧୩୬ରନର ଶତକୀୟ ପାଳି ଖେଳିଥିଲେ। ଅରୋବିନ୍ଦ ମୁଦୁଲି ୪୦ରନ ଏବଂ ୱିକେଟ କିପର ଓମପ୍ରକାଶ ଦାସ ୧୦ରନରେ ଅପରାଜିତ ରହିଛନ୍ତି। ପ୍ରକାଶଥାଉକି, ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୪ଟି ମ୍ୟାଚ୍‌ରୁ ୨ଟି ବିଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ବଳରେ ୪ ପଏଣ୍ଟ ହାସଲ କରି ଗ୍ରୁପ-ବି ଟେବଲର ୪ର୍ଥ ସ୍ଥାନରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS